

ଯା ଦେବୀ ସର୍ବଭୂତେଷୁ...

ନିରପେକ୍ଷ ଦୈନିକ ସମ୍ବାଦପତ୍ର

# ଧ୍ୱନି ପ୍ରତିଧ୍ୱନି

The Dhwani Pratidhwani

website : www.dhwanipratidhwani.net

email: pratidhwani.dhwani@gmail.com

ବାଲେଶ୍ୱର ❑ ରବିବାର ୦୭ ଡିସେମ୍ବର ୨୦୨୫ ■ ମୂଲ୍ୟ ଟ. ୨.୦୦ ପଇସା ■ ପୃଷ୍ଠା ସଂଖ୍ୟା-ଆଠ ■ Baleshwar ♦ SUNDAY 07 December 2025

Vol.No. 36 ■ No.322 ■ Price :Rs.2.00 ( 8 pages) ■ R.N.I. Registered No. 52528/91 ■ Postal Registered No. Balasore (Odisha)/005/2019



ସଂଗ୍ରହ କରନ୍ତୁ
ସାଗରିକା ପୂଜା ସଂଖ୍ୟା
ସାଗରିକା
ଡିଜିଟାଲ୍ ଫର୍ମାଟରେ
ମଧ୍ୟ ଉପଲବ୍ଧ...
website : sagarika.in.net


## ଇଣ୍ଡିଗୋ ସଙ୍କଟ ମଧ୍ୟରେ ବଡ଼ ଆକ୍ସନ ନେଲେ କେନ୍ଦ୍ର ସରକାର

### ପ୍ରଭାବିତ ଯାତ୍ରୀଙ୍କୁ ଟଙ୍କା ଫେରସ୍ତ କରିବ ଇଣ୍ଡିଗୋ

ନୂଆଦିଲ୍ଲୀ,୦୬/୧୨ : ଆଖିରେ ଲୁହ, ମୁହଁରେ ଅସହାୟତା। ବ୍ୟାଗ୍ ବୋହି ବୋହି କାନ୍ଧ ବି କ୍ଲାନ୍ତ ହୋଇଗଲାଣି। ଡିଜିଟାଲ୍ ବୋର୍ଡକୁ ଅନାଇ ଅନାଇ ଖାଲି ସମୟ ଗଡୁଛି ସିନା, ଫ୍ଲାଇଟ ନାଁ ଗନ୍ଧ ନାହିଁ। ଅହମ୍ମଦାବାଦ ବଲ୍ଲଭଭାଇ ପଟେଲ ଅନ୍ତର୍ଜାତୀୟ ବିମାନବନ୍ଦରରେ କିଛି ଏଭଳି ଦୃଶ୍ୟ ଦେଖିବାକୁ ମିଳିଥିଲା। ଇଣ୍ଡିଗୋ ବିଭ୍ରାଟ କେତେ ଯନ୍ତ୍ରଣାଦାୟକ, କେତେ ସଂଘର୍ଷମୟ। ବିମାନ ପାଇଁ ବ୍ୟାକୁଳ ଝିଅ ପାଖରେ ଆଖିରୁ ଲୁହ ଗଡ଼ାଇବା ଛଡ଼ା ଅନ୍ୟ ବାଟ ନାହିଁ। ମୁହଁରୁ ପଦିଏ କଥା ବାହାରୁନି ସତ, ହେଲେ ଲୁହଭିଜା ଆଖି ସବୁ କହିଦେଉଛି। ଖାଲି ଅହମ୍ମଦାବାଦ ନୁହେଁ। ସାରା ଦେଶର ସବୁ ବିମାନବନ୍ଦରରେ ଏବେ ଏମିତି ଅବସ୍ଥା। କାହାକୁ ମୁମ୍ବାଇ ଯିବାର ଅଛି, ତ କାହାକୁ ଗୋଆ। କିଏ ଭେକେସନ୍ ଟ୍ରିପରେ ବାହାରିଛି, ଆଉ କିଏ ଅଫିସ୍ କାମରେ, ପୁଣି କେହି ମେଡିକାଲ୍ ଏମର୍ଜେନ୍ସୀରେ। ହେଲେ ଏଯାଏଁ ଦୂର ହୋଇପାରିନି ଇଣ୍ଡିଗୋ ଏୟାର ଲାଇନ୍ସ



ଅଚଳାବସ୍ଥା। କେତେବେଳେ ବିମାନ ବିଳମ୍ବ ତ କେବେ ବାତିଲ ହେଉଛି। ଏୟାରପୋର୍ଟରେ ଫସି ରହିଛନ୍ତି ଶହ ଶହ ଯାତ୍ରୀ। ସବୁଠି ଲମ୍ବା ଲାଇନ୍, ଘଣ୍ଟା ଘଣ୍ଟା ଅପେକ୍ଷା। ଭୁବନେଶ୍ୱର ଇଣ୍ଟରନ୍ୟାସନାଲ୍ ଏୟାରପୋର୍ଟ। ସକାଳୁ ସକାଳୁ ବିବାହ ମଣ୍ଡପରୁ ସିଧା ବିମାବନ୍ଦରରେ ପହଞ୍ଚିଥିଲେ ନବଦମ୍ପତି। ବାହାଯୋଡ଼ ଓହ୍ଲାଇନଥିଲେ, କି ବାହାମୁକୁଟ ଖୋଲିନଥିଲେ। ଏପରିକି ବରଣମାଳା ହଳକ ହାତରେ ଧରି ତରତର ହୋଇ ଦିଲ୍ଲୀ ଯିବାକୁ ଆସିଥିଲେ। ହେଲେ ଫ୍ଲାଇଟ୍ ଟାଇମ୍ ଦିନ ସାଢେ ୧୧ଟା ଗଡ଼ି ଅପରାହ୍ନ ହେଇଗଲା ପଛେ, ବିମାନ ଉଡ଼ିଲାନି। ଉଭୟଙ୍କର କାଲି ରିସେପ୍ସନ୍ ରହିଛି। ଇଣ୍ଡିଗୋ ଯନ୍ତ୍ରଣା ଭୋଗିଥିବା ମହାରାଷ୍ଟ୍ରର ପର୍ଯ୍ୟଟକଙ୍କ କଥା କଣ କହିବୁ। ଗତ ୨ ତାରିଖରେ ଜଗାଦର୍ଶନ ପାଇଁ ପୁରୀ ଆସିଥିଲେ। କାଳିଆକୁ ଦେଖିସାରି ଘର ମୁହାଁ ହେଲେଣି କିନ୍ତୁ ସେବେଠୁ ଲଗେଜ୍ ପାଇପାରିନାହାନ୍ତି। ଗଲା ୪ ଦିନ ହେଲା ପ୍ରତିଦିନ ନୂଆ ଜାମା ଓ ବ୍ୟାଗ୍ କିଣି ଚଳୁଛନ୍ତି। ଓଡ଼ିଶାର ସତ୍ୟନାରାୟଣ ପାଣି ବି ଭୋଗୁଛନ୍ତି ସମଦଶା। ଶୁଦ୍ଧିକ୍ରିୟା କାମରେ ହାଇଦ୍ରାବାଦ ଯାଇ ବହୁ କଷ୍ଟରେ ଓଡ଼ିଶା ଫେରିଲେ, କିନ୍ତୁ ଏଯାଏଁ ଲଗେଜ୍ ପାଇନାହାନ୍ତି। କେବେ ମିଳିବ ତାର ବି ସୂଚନା ନାହିଁ। ଏପଟେ ଅଚଳାବସ୍ଥା ଭିତରେ ଯାତ୍ରୀଙ୍କ ପାଇଁ ବଡ଼ ଘୋଷଣା କରିଛି ଇଣ୍ଡିଗୋ। ଡିସେମ୍ବର ୫ରୁ ୧୫ ତାରିଖ ଭିତରେ ପ୍ରଭାବିତ ସମସ୍ତ ଯାତ୍ରୀଙ୍କୁ ଟଙ୍କା ଫେରସ୍ତ କରାଯିବ। ରିଫଣ୍ଡ ସ୍ୱୟଂଚାଳିତ ଭାବେ ମୂଳ ପେମେଣ୍ଟ ମାଧ୍ୟମରେ ଯିବ। ଯିଏ ଯେମିତି ପେମେଣ୍ଟ କରିଥିଲେ ସେହି ମୋଡରେ ଫେରିପାଇବେ। ଯାତ୍ରୀ କ୍ୟାନସଲ୍ କରିଥିଲେ ବି ପେମେଣ୍ଟ ଫେରସ୍ତ କରାଯିବ। ସେପଟେ ବର୍ଦ୍ଧିତ ଟିକେଟ ଦର ନିୟନ୍ତ୍ରଣକୁ ଆଣିବାକୁ କଡ଼ା ଆଭିମୁଖ୍ୟ ଗ୍ରହଣ କରିଛି ବେସାମରିକ ବିମାନ ଚଳାଚଳ ମନ୍ତ୍ରାଳୟ। ରିଅଲ୍-ଟାଇମ୍ ଡାଟା ମାଧ୍ୟମରେ ଭଡ଼ାସ୍ତରକୁ ନଜର ରଖିବାକୁ ପରାମର୍ଶ ଦେଇଛନ୍ତି କେନ୍ଦ୍ର ମନ୍ତ୍ରୀ ରାମମୋହନ ନାଇଡୁ। ଇଣ୍ଡିଗୋ ସଂକଟରେ ବେଲଗାମ ଭଡ଼ାରେ ରୋକ୍ ଲଗାଇଛି ବେସାମରିକ ବିମାନ ଚଳାଚଳ ମନ୍ତ୍ରାଳୟ । ୫ ଶହ କିମି ଭିତରେ ବିମାନ ଭଡ଼ା ୭ ହଜାର ୫ ଶହ ଟପିବନି । ଦେଶ ଭିତରେ ସର୍ବାଧିକ ଦୂରତା ଭଡ଼ା ୧୮ ହଜାର, ୫ ଶହରୁ ୧ ହଜାର କମି ପର୍ଯ୍ୟନ୍ତ ଭଡ଼ା ୧୨ ହଜାର, ୧ ହଜାରରୁ ୧୫ ଶହ କିମି ପର୍ଯ୍ୟନ୍ତ ଭଡ଼ା ୧୫ ହଜାର, ୧୫ ଶହ କିମି ଟପିଲେ ଯାତ୍ରୀ ଭଡ଼ା ୧୮ ହଜାର ଭିତରେ ରହିବ ରହିବ। ତେବେ ଦେଖିବାର କଥା, କେବେ ସ୍ୱାଭାବିକ ହେଉଛି ଇଣ୍ଡିଗୋର ବିମାନ ସେବା।

## ବାରବାଟୀ ଟି୨୦ : ଷ୍ଟାଡିୟମ୍‌ରେ ସୁରକ୍ଷା ବ୍ୟବସ୍ଥାର ସମୀକ୍ଷା କଲେ ଡିଜିପି

ଭୁବନେଶ୍ୱର, ୦୬/୧୨ (ନି.ପ୍ର): ଆସନ୍ତା ୯ ତାରିଖରେ ବାରବାଟି ଷ୍ଟାଡିୟମ୍ ରେ ଭାରତ ଓ ଦକ୍ଷିଣ ଆଫ୍ରିକା ମଧ୍ୟରେ ପ୍ରଥମ ଟି୨୦ ଅନ୍ତର୍ଜାତୀୟ କ୍ରିକେଟ୍ ମ୍ୟାଚ ଅନୁଷ୍ଠିତ ହେବାକୁ ଯାଉଛି। ଏହି ପରିପ୍ରେକ୍ଷୀରେ ଶନିବାର ଦିନ ରାଜ୍ୟ ଆରକ୍ଷୀ ମହାନିର୍ଦ୍ଦେଶକ ଯୋଗେଶ ବାହାଦୁର ଖୁରାନିଆ ଷ୍ଟାଡିୟମ୍ ପରିସରରେ ସମଗ୍ର ସୁରକ୍ଷା ବ୍ୟବସ୍ଥାର ସମୀକ୍ଷା କରିଛନ୍ତି। ଷ୍ଟାଡିୟମ ପରିସରରେ ଖେଳାଳି ଓ ଦର୍ଶକଙ୍କ ସୁରକ୍ଷା, ଜନ ଗହଳି ନିୟନ୍ତ୍ରଣର ପ୍ରସ୍ତୁତିର ସମୀକ୍ଷା କରିଥିଲେ। ଏହାସହ ଷ୍ଟାଡିୟମ ପରିସରରେ ଖେଳାଳି ଏବଂ ଦର୍ଶକଙ୍କ ସୁରକ୍ଷା ଦୃଷ୍ଟିକୋଣରୁ ତ୍ରିସ୍ତରିୟ ସୁରକ୍ଷା ବ୍ୟବସ୍ଥା ଗ୍ରହଣ କରାଯାଇଛି ବୋଲି ସେ କହିଛନ୍ତି। ଏହା ସହ ପାର୍କିଂ ଓ ଟ୍ରାଫିକ୍‌ର ସୁପରିଚାଳନା, ପ୍ରବେଶ ଓ ପ୍ରସ୍ଥାନ ପଥରେ କଡା କଡ଼ି ଚେକିଂ, ସିସିଟିଭି ସର୍ଭେଲାନ୍ସ , ପୁଲିସ ବ୍ୟବସ୍ଥା, ଖେଳାଳିଙ୍କ ଆଗମନ ଓ ପ୍ରସ୍ଥାନ ସମୟରେ ସ୍ୱତନ୍ତ୍ର ସୁରକ୍ଷା ବ୍ୟବସ୍ଥା ସଂକ୍ରାନ୍ତରେ ପୁଙ୍ଖାନୁପୁଙ୍ଖ ସମୀକ୍ଷା କରିଥିଲେ। ଚଳିତ ବର୍ଷ ଓଡ଼ିଶା କ୍ରିକେଟ ଆସୋସିଏସନ ତରଫରୁ ସୁନ୍ଦର ବ୍ୟବସ୍ଥା କରାଯାଇଛି ଏବଂ କ୍ରିଡାପ୍ରେମୀ ମାନେ ଏକ ସୁନ୍ଦର ଅନୁଭୂତି ନେଇ ଖେଳ ଉପଭୋଗ କରିବେ ବୋଲି ଡିଜିପି ଆଶାବ୍ୟକ୍ତ କରିଥିଲେ।

## ଭିଜିଲାନ୍ସ ଜାଲରେ ଏଡିଇଓ

ବାରିପଦା, ୦୬/୧୨ (ନି.ପ୍ର): ମୟୂରଭଞ୍ଜ ଜିଲା ବଡ଼ସାହି ବ୍ଲକ୍ ଅଧୀନ ତାଳପଦା ପଞ୍ଚାୟତ ଆକାଉଣ୍ଟାଣ୍ଟ କମ୍ ଡାଟା ଏଣ୍ଟ୍ରି ଅପରେଟର(ଏଡିଇଓ) ଲାଞ୍ଚ ନେଇ ଭିଜିଲାନ୍ସ ହାତରେ ଧରାପଡ଼ିଛନ୍ତି। ଜନୈକ ହିତାଧିକାରୀଙ୍କ ଏମ୍‌ଜିଏନ୍‌ଆରଇଜିଏ ଯୋଜନାର କାର୍ଯ୍ୟ କୋଡ୍ ସୃଷ୍ଟି କରିବା ନିମନ୍ତେ ୨୫ ଶହ ଟଙ୍କା ଲାଞ୍ଚ ନେଉଥିଲେ। ତାଙ୍କଠାରୁ ରଙ୍ଗବୋଳା ସମସ୍ତ ନୋଟ୍ ଜବତ କରିବା ସହିତ ଆୟ ବହିର୍ଭୂତ ସମ୍ପତ୍ତି ଠୁଳକୁ ନେଇ ବିଭାଗ ପକ୍ଷରୁ ଦୁଇଟି ସ୍ଥାନରେ ଚଢ଼ାଉ କରିଛି। ଏ ସଂକ୍ରାନ୍ତରେ ଭିଜିଲାନ୍ସ ବିଭାଗ ପକ୍ଷରୁ ଏକ ମାମଲା ୧୮/୨୫ରେ ରୁଜୁ କରାଯାଇ ଅଭିଯୁକ୍ତକୁ ଗିରଫ କରିଛନ୍ତି।

## ଗାଁ ଦାଣ୍ଡରେ ଯୁବକକୁ ଦଉଡ଼ିରେ ବାନ୍ଧି ଘୋଷାଡ଼ିଲେ: ଅଚେତ ଅବସ୍ଥାରେ ଫାଣ୍ଡିରେ ଫିଙ୍ଗି ଚାଲିଗଲେ

ବାଲେଶ୍ୱର, ୦୬/୧୨ (ନି.ପ୍ର): ବାଲେଶ୍ୱର ପରଖି ଫାଣ୍ଡି ତଥା ସଦର ଥାନା ଅଞ୍ଚଳରେ ଏକ ଅମାନବୀୟ ଘଟଣା ଦେଖିବାକୁ ମିଳିଛି। ଜମିଜିମା ବିବାଦ ପାଇଁ ଉକ୍ତ ଥାନା ଅଧୀନ ତେଲଗାଡିଆ ଗ୍ରାମର ଯୁବକ ଦେବାଶିଷ ହାତୀଙ୍କୁ ଗତ ୩ ତାରିଖରେ ପ୍ରାଣାନ୍ତକ ଆକ୍ରମଣ ହୋଇଥିବା ବେଳେ ସଦର ଥାନା ପୁଲିସ ହାତ ବାନ୍ଧି ବସିଛି। ଯୁବକଙ୍କୁ ଗ୍ରାମର କିଛି ଦୁର୍ବୃତ୍ତ ମାଡ଼ ମାରିବା ସହିତ ଦଉଡ଼ିରେ ବାନ୍ଧି ଗାଁ ଦାଣ୍ଡରେ ବାଇକ୍ ରେ ଘୋଷାଡ଼ି ଥିଲେ। ଯୁବକ ଅଚେତ ହୋଇଯିବା ପରେ ତାଙ୍କୁ ଆଣି ପରିଖି ଫାଣ୍ଡି ମଧ୍ୟରେ ଫିଙ୍ଗି ଚାଲିଯାଇଥିଲେ। ଯୁବକଙ୍କୁ ଅନ୍ୟ ବ୍ୟକ୍ତି ଆକ୍ରମଣ କରିଥିବା, ସେମାନେ କେବଳ ଯୁବକକୁ ଉଦ୍ଧାର କରି ଆଣିଥିବା ସଫେଇ ଦେଇ ଅଭିଯୁକ୍ତମାନେ ଫାଣ୍ଡି ପରିସରରୁ ଖସି ଯାଇଥିଲେ। ଏହି ଘଟଣାକୁ ଫାଣ୍ଡି ଠାରୁ ନେଇ ସଦର ଥାନା ପୁଲିସ ଅତ୍ୟନ୍ତ ହାଲୁକା ଭାବେ ଗ୍ରହଣ କରିଥିବା ଅଭିଯୋଗ ହୋଇଛି। ଘଟଣାକୁ ୩ ଦିନ ବିତିଥିଲେ ବି କାହାରିକୁ ପୁଲିସ ଗିରଫ କରିନାହିଁ। ଯୁବକ ଜଣଙ୍କ ଚିକିତ୍ସାଧୀନ ରହିଛନ୍ତି। ଏ ସମ୍ପର୍କରେ ଏସ୍ ପି ପ୍ରତ୍ୟୁଷ ଦିବାକରଙ୍କୁ ପଚାରିବାରୁ ଘଟଣାରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ହେବ ବୋଲି 'ଗଣମାଧ୍ୟମକୁ'କୁ କହିଛନ୍ତି।

## ଭଦ୍ରକ ବିଜେଡିରେ ବିସ୍ଫୋରଣ: ପଦ୍ମ ଧରିଲେ ଭେଟେରାନ୍ ପ୍ରଫୁଲ୍ଲଙ୍କ ଦୁଇ ପୁଅ ଓ ଉଭଣୀ

ଭଦ୍ରକ, ୦୬/୧୨ (ନି.ପ୍ର): ଅପରସେନ୍ ଲୋଟସରେ ଭଦ୍ରକରେ ବିଜେଡି ସଂଗଠନ ଖଣ୍ଡଖଣ୍ଡ । ବିଜେପି ରାଜ୍ୟ ସଭାପତିଙ୍କ ଜିଲ୍ଲାରେ ଖାଲି ହୋଇଗଲା ବିଜେଡି । ଯାହାଙ୍କୁ ନବୀନ ଦେଇଥିଲେ ସଂଗଠନ ଦାୟିତ୍ୱ, ତାଙ୍କ ପରିବାର କରିଦେଲେ ଖେଳ । ବିଜେଡି ଛାଡ଼ି ପଦ୍ମ ଧରିଲେ ଭଦ୍ରକ ବିଜେଡିର ଭେଟେରାନ୍ ପ୍ରଫୁଲ୍ଲଙ୍କ ଦୁଇ ପୁଅ ଓ ଉଭଣୀ । ବ୍ଲକଠୁ ପଞ୍ଚାୟତ ଯାଏଁ ଭଦ୍ରକରେ ଭାଙ୍ଗିଗଲା ବିଜେଡି ଗଡ଼



। ପ୍ରଥମେ ୪ ବ୍ଲକ ଅଧ୍ୟକ୍ଷ ବିଜେଡି ଛାଡିବା ପରେ ଭଦ୍ରକ ରାଜନୀତିରେ କମ୍ପନ ହୋଇଥିଲା। ଆଜି ଅପରେସନ୍ ଲୋଟସରେ ବିସ୍ଫୋରଣ ହୋଇଛି। ପଦ୍ମ ପୋଖରୀକୁ ଡ଼େଇଁଛନ୍ତି ଭେଟେରାନ୍ ପ୍ରଫୁଲ୍ଲ ସାମଲଙ୍କ ଦୁଇ ପୁଅ ଓ ଉଭଣୀ। ବିଜେପି କାର୍ଯ୍ୟାଳୟରେ ସଭାପତି ମନମୋହନ ସାମଲଙ୍କ ଉପସ୍ଥିତିରେ ପ୍ରଥମେ ବଡ଼ ପୁଅ ପ୍ରୟାସକାନ୍ତି ସାମଲ ବିଜେପିରେ ମିଶିଥିଲେ। ପରେ ସାନପୁଅ ତଥା ଭଣ୍ଡାରିପୋଖରୀ ବ୍ଲକ ଉପାଧ୍ୟକ୍ଷ ପ୍ରଣୀତକାନ୍ତି ସାମଲ ଏବଂ ପ୍ରଫୁଲ୍ଲଙ୍କ ଉଭଣୀ ତଥା ଭଦ୍ରକ ବ୍ଲକ ଅଧ୍ୟକ୍ଷ ଉର୍ମିଳା ନାୟକ ପଦ୍ମ ଧରିଛନ୍ତି। ଏମାନଙ୍କ ସହ ବିଜେଡି ଛାଡିଥିବା ବନ୍ତ, ଭଣ୍ଡାରିପୋଖରୀ, ବାସୁଦେବପୁର ବ୍ଲକ ଅଧ୍ୟକ୍ଷ ଏବଂ ୩୦ ପଞ୍ଚାୟତର ସରପଞ୍ଚ, ୩୫ ସମିତି ସଭ୍ୟ, ୧୦୦ରୁ ଅଧିକ ୱାର୍ଡ ମେମ୍ବର ବି ବିଜେପିରେ ମିଶିଛନ୍ତି। ପ୍ରୟାସକାନ୍ତି କହିଛନ୍ତି, ପୁରୁଣା ଜାଗାକୁ ଆସିଲା ଭଳି ଲାଗୁଛି।

▶▶ପୃଷ୍ଠା ୭

### ଆସନ୍ତା ଜାନୁଆରୀ ୨୦ରେ ଓଏସଏସଟିଇଟି- ୨୦୨୫ ପରୀକ୍ଷା

ଭୁବନେଶ୍ୱର, ୦୬/୧୨ (ନି.ପ୍ର): ଆସନ୍ତା ଜାନୁଆରୀ ୨୦ରେ ଓଏସଏସଟିଇଟି-୨୦୨୫ ପରୀକ୍ଷା ଅନୁଷ୍ଠିତ ହେବ। ସକାଳ ୯ରୁ ସାଢ଼େ ୧୧ ପେପର-୧, ଅପରାହ୍ନ ୨ରୁ ୪ଟା ୩୦ ପେପର-୨ ପରୀକ୍ଷା ହେବ । ଆଜିଠାରୁ ଆସନ୍ତା ୧୭ ତାରିଖ ପର୍ଯ୍ୟନ୍ତ ଅନ୍‌ଲାଇନ୍‌ରେ ଆବେଦନ କରିପାରିବେ । ୨୦୨୬ ଜାନୁଆରୀ ୧୦ ପରଠାରୁ ଆଡମିଟ୍ କାର୍ଡ ଡାଉନଲୋଡ୍ । ଏନେଇ ମାଧ୍ୟମିକ ଶିକ୍ଷା ପରିଷଦ ପକ୍ଷରୁ ଜାରି ହୋଇଛି ବିଜ୍ଞପ୍ତି ।

## ମେଧାବୀଙ୍କ ଭବିଷ୍ୟତ ସହ ଖେଳ: ଦେଢ଼ ବର୍ଷରେ ୧୯ ପରୀକ୍ଷା ବାତିଲ

ଭୁବନେଶ୍ୱର, ୦୬/୧୨ (ନି.ପ୍ର): ବହୁ ଆଶା ନେଇ ଭବିଷ୍ୟତକୁ ନଜରରେ ରଖି ପାଠ ପଢୁଛନ୍ତି ଛାତ୍ରଛାତ୍ରୀ ଓ ଚାକିରି ଆଶାୟୀ । ଦିନ ରାତି ଏକକରି ପରୀକ୍ଷା ପାଇଁ ପ୍ରସ୍ତୁତି କରୁଛନ୍ତି । କିନ୍ତୁ ପରୀକ୍ଷା ପରିଚାଳନାରେ ତ୍ରୁଟି ଯୋଗୁଁ ଚୁରମାର ହୋଇଯାଉଛି ମେଧାବୀ ସ୍ୱପ୍ନ । ମାତ୍ର ଦେଢ଼ ବର୍ଷ ଭିତରେ ଆରଆଇ ଅମିନ, ସ୍ୱତନ୍ତ୍ର ଓଟିଇଟି, ଏସ୍‌ଆଇ ନିଯୁକ୍ତି, ହାଇକୋର୍ଟ ନିଯୁକ୍ତି ପରୀକ୍ଷା ସମେତ ବାତିଲ ହେଲାଣି ୧୯ଟି ପରୀକ୍ଷା । ବାରମ୍ବାର ପରୀକ୍ଷା ବାତିଲ ହେଉଥିବାରୁ ଚିନ୍ତାରେ ପଡିଛନ୍ତି ବିଭିନ୍ନ ପରୀକ୍ଷା ଛାତ୍ରଛାତ୍ରୀ । ବିରୋଧୀ ଦଳ ନେତା ନବୀନ ପଟ୍ଟନାୟକ ସୋସିଆଲ ମିଡିଆ ଏକ୍ସରେ ପୋଷ୍ଟ କରି ସରକାରଙ୍କୁ ଘେରିଛନ୍ତି । ଏଥିସହ ସମସ୍ତ ପରୀକ୍ଷା ଯେମିତି ନିୟମିତ ଓ ସ୍ୱଚ୍ଛତାର ସହ ହେବ, ତାହା ସୁନିଶ୍ଚିତ କରିବାକୁ ଅପିଲ କରିଛନ୍ତି । ଏହା ସରକାରଙ୍କ ଅପାରଗତାକୁ ପ୍ରମାଣିତ କରିଛି ବୋଲି କହିଛି କଂଗ୍ରେସ । ଏଥିସହ ଆଗକୁ ଛାତ୍ର ଅଶାନ୍ତି ଆନ୍ଦୋଳନର ରୂପ ନେଇପାରେ ବୋଲି ଚେତାବନୀ ଦେଇଛନ୍ତି । ଜବାବରେ ବିଜେଡି ସରକାର ସମୟର କଥା ଉଠାଇ ପାଲଟା ସମାଲୋଚନା କରିଛି ବିଜେପି । ପ୍ରଶ୍ନ ଉଠୁଛି, ପରୀକ୍ଷା ପରିଚାଳନା ଦାୟିତ୍ୱରେ ଥିବା ଅଧିକାରୀଙ୍କ ବିରୋଧରେ କାହିଁକି ହେଉନି କାର୍ଯ୍ୟାନୁଷ୍ଠାନ ? କେବେ ବନ୍ଦ ହେବ ଛାତ୍ରଛାତ୍ରୀଙ୍କ ଭବିଷ୍ୟତ ସହ ଖେଳ ?

## ଜିଦ୍ ହଟୁନି କି ଗର୍ଜନ ଥମୁନି: ୨ ଦଫା ଦାବିରେ ପ୍ରାଥମିକ ଶିକ୍ଷକ ସଂଘର ଆନ୍ଦୋଳନ

ଭୁବନେଶ୍ୱର, ୦୬/୧୨ (ନି.ପ୍ର):ଶୋଇ ଯାଇଛି ସହର, ହେଲେ ଏଠି କିନ୍ତୁ ଆଖିରେ ନିଦ ନାହିଁ। ଗତକାଲି ରାତି ଅଧରେ ରାଜରାସ୍ତାରେ ମୁଡ଼ି ଗଣ୍ଡେ ଆହୋରାତ୍ର ଆନ୍ଦୋଳନରରେ ସାମିଲ ଶିକ୍ଷକଙ୍କ ଭୋକର ଜ୍ୱାଳାକୁ ସାମାନ୍ୟ ଶାନ୍ତ କରିଛି ସତ, ହେଲେ ସବୁ ଦିନିଆ ପେଟ ଚାଖଣ୍ଡକ ପୂରଣ ହେବାର ସ୍ୱପ୍ନ କିନ୍ତୁ ସତ ହେବ କି ନାହିଁ ସେ ଶଙ୍କା ମନରୁ ଯାଉନି। ଦୁଇ ଦିନ ହେଲାଣି ଦୁଇ ଦଫା ଦାବିରେ ପ୍ରାଥମିକ ଶିକ୍ଷକଙ୍କ ଅହୋରାତ୍ର ଆନ୍ଦୋଳନ ଭୁବନେଶ୍ୱର ଲୋୟର ପିଏମଜିରେ ଚାଲିଛି। ତେବେ ସରକାରଙ୍କ ଶୁଭ ଦୃଷ୍ଟିକୁ ଆସିବାକୁ ଆଜି ଆନ୍ଦୋଳନ ସ୍ଥଳରେ ଦେଖିବାକୁ ମିଳିଥିଲା କିଛି ଭିନ୍ନ ଦୃଶ୍ୟ। ଶିକ୍ଷକ ଶିକ୍ଷୟିତ୍ରୀମାନେ ବିଦ୍ୟାଦାତା ଗଣେଶଙ୍କୁ ଆବାହନ କରି ଦୀପଦାନ ଓ କଳସ ଯାତ୍ରା ବି କରିଥିଲେ।

### ଶୂନ୍ୟକାଳରେ ଉଠିଲା ଆମ ବସ ବେପରୁଆ ଗାଡି ଚଳାଇବା ପ୍ରସଙ୍ଗ

ଭୁବନେଶ୍ୱର, ୦୬/୧୨ (ନି.ପ୍ର): ଶୂନ୍ୟକାଳରେ ଉଠିଲା ଆମ ବସ ବେପରୁଆ ଗାଡି ଚଳାଇବା ପ୍ରସଙ୍ଗ । ପ୍ରସଙ୍ଗ ଉଠାଇଲେ ବିଧାୟକ ଅନନ୍ତ ନାରାୟଣ ଜେନା । ଗତକାଲି ବାଣୀବିହାର ସତସଙ୍ଗ ବିହାର ନିକଟରେ ଏକ ମର୍ମନ୍ତୁଦ ଦୁର୍ଘଟଣା ଘଟିଛି । ଘଟଣା ଘଟାଇବା ପରେ ବସ ଥୋଇ ଦେଇ ଡ୍ରାଇଭର ଚମ୍ପଟ ମାରିଲା । ବାରମ୍ବାର ଏପରି ଘଟଣା ସାମ୍ନାକୁ ଆସୁଛି ।

## 'ଓଡ଼ିଶାରେ ୧ କିଲୋୱାଟ୍ କ୍ଷମତାବିଶିଷ୍ଟ ୧.୫ ଲକ୍ଷ ରୁଫ ଟପ୍ ସୋଲାର ୟୁନିଟ୍ ସ୍ଥାପନ ହେବ'

ଭୁବନେଶ୍ୱର, ୦୬/୧୨ (ନି.ପ୍ର): କେନ୍ଦ୍ର ନୂତନ ଏବଂ ଅକ୍ଷୟ ଶକ୍ତି ମନ୍ତ୍ରୀ ପ୍ରହ୍ଲାଦ ଯୋଶୀ ଆଜି ପୁରୀଠାରେ ବିଶ୍ୱ ଶକ୍ତି ନେତୃତ୍ୱ ସମ୍ମିଳନୀକୁ ସମ୍ବୋଧିତ କରି ଭାରତର ଐତିହାସିକ ସ୍ୱଚ୍ଛ ଶକ୍ତି ବିସ୍ତାର ଉପରେ ଆଲୋକପାତ କରିଛନ୍ତି। ସେ କହିଛନ୍ତି, ୨୦୨୫-୨୬ ଆର୍ଥିକ ବର୍ଷରେ ଭାରତ ବର୍ତ୍ତମାନ ସୁଦ୍ଧା ସବୁଠୁ ଅଧିକ ୩୧.୨୫ ଗିଗାୱାଟ୍ ଅଣଜୀବାଶ୍ମ ଶକ୍ତି ଉତ୍ପାଦନ କ୍ଷମତା ଯୋଡ଼ିପାରିଛି। ଏଥିରେ



୨୪.୨୮ ଗିଗାୱାଟ୍ ସୌର ଶକ୍ତି ଅନ୍ତର୍ଭୁକ୍ତ। ଓଡ଼ିଶାକୁ ନୂତନ ଉପଯୋଗିତା ଆଧାରିତ ଏକତ୍ରୀକରଣ (ୟୁଏଲଏ) ମଡେଲ ଅଧୀନରେ ୧.୫ ଲକ୍ଷ ଛାତ ଉପର ସୌର ଶକ୍ତି ବା ରୁଫ୍ ଟପ୍ ସୋଲାର ୟୁନିଟ୍ ମିଳିବ ବୋଲି ଏହି ଅବସରରେ କେନ୍ଦ୍ର ମନ୍ତ୍ରୀ ଘୋଷଣା କରିଛନ୍ତି। ଏହାଦ୍ୱାରା ରାଜ୍ୟର ୭ରୁ ୮ ଲକ୍ଷ ନାଗରିକ ଉପକୃତ ହେବେ ବୋଲି ସେ କହିଛନ୍ତି।


## ମିଷ୍ଟାନ୍ନ ଭଣ୍ଡାର ପାଇଁ କୁଶଳୀ କାରିଗର ଓ ଦକ୍ଷତାଥିବା ବ୍ୟକ୍ତି ଆବଶ୍ୟକ

ସହରରେ ଥିବା ଏକ ସୁନାମଧନ୍ୟ ମିଷ୍ଟାନ୍ନ ଭଣ୍ଡାର ପାଇଁ ବିଭିନ୍ନ ଯୋଗ୍ୟତା ଥିବା ବ୍ୟକ୍ତିବିଶେଷ ଆବଶ୍ୟକ। ମିଠା ମିସ୍ତ୍ରୀ, ସେଲ୍ସ ମ୍ୟାନ, ତେଲାଇ ମିସ୍ତ୍ରୀ ଆବଶ୍ୟକ। ଯୋଗ୍ୟତା ଓ କୁଶଳତା ଅନୁଯାୟୀ ସେମାନଙ୍କର ପାରିଶ୍ରମିକ ଦିଆଯିବ। ୬ ହଜାର ଟଙ୍କାରୁ ୧୬ ହଜାର ଟଙ୍କା ପର୍ଯ୍ୟନ୍ତ ମାସିକ ବେତନ ପ୍ରଦାନ କରାଯିବ।

ଯୋଗାଯୋଗ : ୯୬୯୩୬୫୯୪୭୩/ ୮୨୬୦୯୧୯୧୧୬


## ନେହରୁଙ୍କୁ କରାଯାଉଛି ବଦନାମ, ଇତିହାସରୁ ନାଁ ହଟାଇବାକୁ ଚାଲିଛି ଷଡ଼ଯନ୍ତ୍ର : ସୋନିଆ ଗାନ୍ଧୀ

ନୂଆଦିଲ୍ଲୀ,୦୬/୧୨ : ନୂଆଦିଲ୍ଲୀର ଜବାହର ଭବନରେ ନେହରୁ ସେଣ୍ଟର ଇଣ୍ଡିଆର ଶୁଭାରମ୍ଭ ଅବସରରେ କଂଗ୍ରେସ ନେତ୍ରୀ ସୋନିଆ ଗାନ୍ଧୀ ଅଭିଯୋଗ କରିଛନ୍ତି, ସ୍ୱାଧୀନତା ଆନ୍ଦୋଳନ ଓ ନୂଆ ଭାରତ ଗଠନରେ ଜବାହରଲାଲ ନେହରୁଙ୍କ ଅବଦାନକୁ ଦୁର୍ବଳ ଦର୍ଶାଇବା ପାଇଁ ବର୍ତ୍ତମାନର ସରକାର ପ୍ରୟାସ ଚଳାଛନ୍ତି । ଇତିହାସରୁ ନେହରୁଙ୍କ ନାଁ ଲିଭାଇ ଦେବାକୁ ଉଦ୍ୟମ ଚାଲିଛି । ଏହା କେବଳ ନେହରୁଙ୍କ ପ୍ରତି ଅସୂୟା ମନୋଭାବ ନୁହେଁ, ଦେଶର



ସାମାଜିକ, ରାଜନୈତିକ ଓ ଅର୍ଥନୈତିକ ମୂଳଦୁଆକୁ ଦୁର୍ବଳ କରିଦେବା ଭଳି ଷଡ଼ଯନ୍ତ୍ର। ସ୍ୱାଧୀନତା ସଂଗ୍ରାମ, ଦେଶ ଗଠନ କି ସମ୍ବିଧାନ ପ୍ରଣୟନରେ କୌଣସି ଭୂମିକା ନଥିବା ଲୋକ ଏପରି କରୁଥିବା ସୋନିଆ ଅଭିଯୋଗ କରିଛନ୍ତି । ଏଥିରେ ପ୍ରତିକ୍ରିୟା ପ୍ରକାଶ କରି ସୋନିଆଙ୍କୁ ପାଲଟା ଆକ୍ରମଣ କରିଛି ବିଜେପି । ନେହରୁଙ୍କ ପ୍ରତି ସମ୍ମାନ ଥିଲେ ସୋନିଆ ପ୍ରଥମେ ତାଙ୍କ ପରିବାର ସଦସ୍ୟଙ୍କ ନାଁରେ ନେହରୁଙ୍କ ଟାଇଟଲ୍ ବା ସଂଜ୍ଞା ଯୋଡ଼ନ୍ତୁ ବୋଲି ବିଜେପି କହିଛି ।

# ଏପଟେ ଯାତ୍ରା ସେପଟେ ସିରିଜ ଲୁଟ: ୨୦ଲକ୍ଷରୁ ଉର୍ଦ୍ଧ୍ୱଟଙ୍କାର ସୁନାଗହଣା ଲୁଟିନେଲେ ଲୁଟେରା



ନୀଳଗିରି, ୦୬/୧୨ (ନି.ପ୍ର): ଯାତ୍ରାର ଫାଇଦାଉଠାଇ ଘରେ କଳାକନା ବୁଲାଇଲେ ଲୁଟେରା। ୨୦ ଲକ୍ଷ ଟଙ୍କାର ସୁନା ଅଳଙ୍କାର ଲୁଟି ଲୁଟେରା ଛୁ।ସିସିଟିଭିରେ କଏଦ ହୋଇଛି ଚୋରିବେଳର ସମସ୍ତ ଦୃଶ୍ୟ।ଏପରି ଏକ ଘଟଣାଘଟିଛି ନୀଳଗିରି ଥାନା ଅଧୀନ କାଂଶ ଗ୍ରାମର ଶୁଭ୍ରାଂଶୁ ଶେଖର ମହାନ୍ତିଙ୍କ ଘରେ।ସୂଚନା ମୁତାବକ ଗାଁରେ ଯାତ୍ରା ପଡିଥିବା କାରଣରୁ ରାତିପ୍ରାୟ ୧୧.୩୦ ସମୟରେ ଘରର ସମସ୍ତସଦସ୍ୟ ତାଲାମାରି ଯାତ୍ରା ଦେଖିବାପାଇଁ ଯାଇଥିଲେ। ତେବେ ଭୋର୍ ପ୍ରାୟ ୪ଟାସମୟରେ ଘରକୁ ଫେରିବାବେଳକୁ ଘରର ମୁଖ୍ୟ ଫାଟକ ତାଲାଭଙ୍ଗା ଯାଇଥିବା ଦେଖିଥିଲେ। ଘରର ୨ଟି ଗଡରେଜ ଭଙ୍ଗାହୋଇଥିବା ବେଳେ ଗଡରେଜରେ ଥିବା ୪ଟି ସୁନାହାର ,୧୪ଟି ସୁନାମୁଦି, ୮୦୦ ଗ୍ରାମରରୂପା ଓ ଅନ୍ୟାନ୍ୟ ଅଳଙ୍କାର ଲୁଟିନେଇଥିଲେ।ହେଲେ ଘରେ ଲାଗିଥିବା ସିସିଟିଭିରେ ଚୋରମାନଙ୍କର ଘରେ ପଶିବା, ତାଲାଭାଙ୍ଗିବା ଓ ଘରେ ଟର୍ଚ୍ଚ ଧରି ବୁଲୁଥିବାର ସମସ୍ତ ଚିତ୍ର କଏଦ ହୋଇଛି। ସେହିପରି ନିକଟ କୁହ୍ଲାପାଳ ଗ୍ରାମର ଜନ୍ମେଞ୍ଜୟ ନାୟକଙ୍କ ଘରୁ ମଧ ଦେଢଲକ୍ଷ ଟଙ୍କାର ସୁନାଗହଣା ଲୁଟହୋଇଛି। ଏନେଇ ଶୁଭ୍ରାଂଶୁ ଓ ଜନ୍ମଞ୍ଜୟ ନୀଳଗିରି ଥାନାରେ ଅଭିଯୋଗ କରିଥିଲେ।ନୀଳଗିରି ପୋଲିସ ୫୧୪/୨୫ରେ ଏକ ମାମଲା ରୁଜ୍ଜୁକରି ତଦନ୍ତ ଆରମ୍ଭ କରିଛି। ସନ୍ଧାନୀ କୁକୁର ଓ ସାଇନ୍ଟିଫିକ ଟିମ୍ ମଧ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ କରିଛନ୍ତି। ଖୁବଶୀଘ୍ର ଲୁଟେରା ଧରାପଡିବେ ବୋଲି ପୋଲିସ ପ୍ରକାଶ କରିଛି।

# ମଛପଦାଠାରେ ବେତନଟୀ ବ୍ଲକ୍ ଓଷ୍ଟା ଶିଶୁ ମେଳା ଅନୁଷ୍ଠିତ



ବୈଶିଙ୍ଗା , ୦୬/୧୨ (ନି.ପ୍ର): ବୈଶିଙ୍ଗା ଥାନା ଅନ୍ତର୍ଗତ ମଛପଦା ଠାରେ ବେତନଟୀ ବ୍ଲକ ଓଷ୍ଟା ପକ୍ଷରୁ ଆୟୋଜିତ ବ୍ଲକ୍ ସ୍ତରୀୟ ଶିଶୁ ମେଳା ଗୋପବନ୍ଧୁ ଶିକ୍ଷା ନିକେତନ ଠାରେ ଅନୁଷ୍ଠିତ ହୋଇଯାଇଛି। ବେତନଟୀ ବ୍ଲକର ୧୬ ଟି ହାଇସ୍କୁଲ ରୁ ୧୨୫ ଜଣ ଛାତ୍ର ଛାତ୍ରୀ ଏହି ଶିଶୁ ମେଳା ରେ ଅଂଶ ଗ୍ରହଣ କରିଥିଲେ। ବ୍ଲକ୍ ସଭାପତି ଶିଶିର କୁମାର ନାୟକ ଙ୍କ ସଭାପତିତ୍ୱ ରେ ଅନୁଷ୍ଠିତ ଏହି ଉତ୍ସବର ଉଦଘାଟନୀ ଉତ୍ସବରେ ମୂଖ୍ୟ ଅତିଥି ଭାବରେ ଜିଲ୍ଲା ଓଷ୍ଟା ସଂଘ ର ସଂପାଦକ କିଶୋର କୁମାର ଆଚାର୍ଯ୍ୟ, ମୂଖ୍ୟ ବକ୍ତା ଭାବରେ ଅବସର ପ୍ରାପ୍ତ ପ୍ରଧାନ ଶିକ୍ଷକ ଜୟ ଚନ୍ଦ୍ର ବେହେରା, ସମ୍ମାନିତ ଅତିଥି ଭାବେ ସନ୍ତରା ପଞ୍ଚାୟତର ସରପଞ୍ଚ ଲକ୍ଷ୍ମୀ ମଣୀ ହାଃସଦା, ସମିତି ସଭ୍ୟା ସୁମତି ପୃଷ୍ଟି, ବିଦ୍ୟାଳୟ ର ପ୍ରଧାନ ଶିକ୍ଷକ ହରିହର ପ୍ରଧାନ, ବିଦ୍ୟାଳୟ ପରିଚାଳନା କମିଟି ର ସଭାପତି ଚତୁର୍ଭୁଜ ପୃଷ୍ଟି, ଓଷ୍ଟା ଜିଲ୍ଲା କାର୍ଯ୍ୟକାରିଣୀ ସଭ୍ୟ ଦେବରାଜ ନାୟକ ଓ ବ୍ଲକ୍ ସଂପାଦକ ସୁର୍ଯ୍ୟାନନ୍ଦ ନାୟକ ପ୍ରମୁଖ ଉପସ୍ଥିତ ଥିଲେ। ସମସ୍ତ ପ୍ରତିଯୋଗିତା ସରିବା ପରେ ପୁରସ୍କାର ବିତରଣ ଉତ୍ସବ ଅନୁଷ୍ଠିତ ହୋଇଥିଲା ଓଷ୍ଟା ବ୍ଲକ୍ ସଭାପତିଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି ଉତ୍ସବରେ ମୂଖ୍ୟ ଅତିଥି ଭାବେ ଓଷ୍ଟା ଜିଲ୍ଲା ସଂପାଦକ, ମୂଖ୍ୟ ବକ୍ତା ଭାବରେ ସହିଦ୍ ମେମୋରିଆଲ କଲେଜ ର ଅଧକ୍ଷ ଡ. ଡିଲିପ କୁମାର ଭୋଇ, ସାରସ୍ୱତ ବକ୍ତା ଭାବରେ ପୂର୍ବତନ ପ୍ରଧାନ ଶିକ୍ଷକ ଜୟ ଚନ୍ଦ୍ର ବେହେରା, ଉକ୍ତ ବିଦ୍ୟାଳୟ ର ପ୍ରଧାନ ଶିକ୍ଷକ ହରିହର ପ୍ରଧାନ, ଜିଲ୍ଲା କାର୍ଯ୍ୟକାରିଣୀ ସଭ୍ୟ ଦେବରାଜ ନାୟକ, ମେର୍ଡା ହାଇସ୍କୁଲ ର ବରିଷ୍ଠ ଶିକ୍ଷକ ପ୍ରୀୟନାଥ ପାଣି, ବ୍ଲକ୍ ସଂପାଦକ ଯୋଗଦାନ କରି ପୁରସ୍କାର ବିତରଣ କରିଥିଲେ। ବିଦ୍ୟାଳୟ ର ବରିଷ୍ଠ ଶିକ୍ଷକ ଜଗନ୍ନାଥ ବିନ୍ଧାଣି ମଞ୍ଚ ପରିଚାଳନା କରିଥିବା ବେଳେ ଶିକ୍ଷକ ଅରୁଣ କୁମାର ସାହୁ ଧନ୍ୟବାଦ ଅର୍ପଣ କରିଥିଲେ। ଏହି କାର୍ଯ୍ୟକ୍ରମରେ ଶିକ୍ଷକ ଧିରେନ୍ଦ୍ର ପ୍ରଧାନ,ଟିକାୟତ ମହାନ୍ତ,ଭବାନି ଶଙ୍କର ବାଗ,ଅନିଲ କୁମାର ମହାନ୍ତ, ହରେକୃଷ୍ଣ ପଣ୍ଡା, କାର୍ତ୍ତିକ ଚନ୍ଦ୍ର ଧଳ, ପ୍ରକାଶ କେଶରୀ ପ୍ରଧାନ,ଅମିୟ କୁମାର ପରିଡ଼ା, ଶୁଶାନ୍ତ କୁମାର ପଣ୍ଡା, ପ୍ରଫୁଲ୍ଲ ନାୟକ, ଚିନ୍ତାମଣି ବାରିକ,ମମତା ପଣ୍ଡା, ଅନନ୍ତ ମହାପାତ୍ର,ଗଣେଶ ନାୟକ,ମୋନଜ ପ୍ରଧାନ, ରବିନ୍ଦ୍ର ବସନ୍ତିଆ, ପ୍ରଫୁଲ୍ଲ ରାଉଳ ପ୍ରମୁଖ ସହଯୋଗ କରିଥିଲେ।ସର୍ବଶେଷରେ ଜିଲ୍ଲା ସଂପାଦକ କିଶୋର କୁମାର ଆଚାର୍ଯ୍ୟ ଆସନ୍ତା ୧୩ ତାରିଖ ଠାରୁ ବଡ଼ସାହି ବ୍ଲକ୍ ଅନ୍ତର୍ଗତ ଦୁର୍ଗାପୁର ହାଇସ୍କୁଲରେ ହେବାକୁ ଥିବା ଜିଲ୍ଲା ସ୍ତରୀୟ ଶିଶୁ ମେଳା ରେ କୃତି ପ୍ରତିଯୋଗୀ ମାନେ ଅଂଶ ଗ୍ରହଣ କରିବାକୁ ସୁଚନା ପ୍ରଦାନ କରିଥିଲେ।

# ପଞ୍ଚାୟତ କ୍ରିକେଟ କମିଟି ପକ୍ଷରୁ ଆରମ୍ଭ ହେବ କ୍ରିକେଟ ଏବଂ ଫୁଟବଲ ଟୁର୍ଣ୍ଣାମେଣ୍ଟ




ବାଲେଶ୍ୱର , ୦୬/୧୨ (ନି.ପ୍ର): ଜାନୁଆରୀ ୪ ତାରିଖରୁ ଫେବ୍ରୁଆରୀ ୧ ପର୍ଯ୍ୟନ୍ତ ଇସାଣି ମିନି ଷ୍ଟାଡିୟମ ଠାରେ ଆରମ୍ଭ ହେବ କ୍ରୀଡ଼ା ମହାକୁମ୍ଭ। କାଶ୍ମୀରର ପହଲଗାମ ଠାରେ ଆତଙ୍କୀ ଆକ୍ରମଣରେ ଶହୀଦ ହୋଇଥିବା ଇସାଣିର ଯୁବକ ତଥା କ୍ରିକେଟର ପ୍ରଶାନ୍ତ ଶତପଥୀଙ୍କ ନାମରେ ନାମିତ ହେବା ସହ ଏହି ଫୁଟବଲ ଟୁର୍ଣ୍ଣାମେଣ୍ଟ। ୪ ତାରିଖ ଏକ ଦିବସୀୟ ଫୁଟବଲ ଟୁର୍ଣ୍ଣାମେଣ୍ଟରେ ରାଜ୍ୟର ବିଭିନ୍ନ ଜିଲ୍ଲାରୁ ମୋଟ ୪ଟି ଟିମ ଅଂଶଗ୍ରହଣ କରିବେ ବୋଲି ସାମ୍ବାଦିକ ସମ୍ମିଳନୀରେ କମିଟି ପକ୍ଷରୁ ସୂଚନା ଦିଆଯାଇଛି । ସେହିପରି ଡିଉଜ ବଲରେ ଜାନୁଆରୀ ୮ ରୁ ୧୧ ପର୍ଯ୍ୟନ୍ତ ସ୍ୱର୍ଗତ ପ୍ରଶାନ୍ତଙ୍କ ନାମରେ ମେମୋରିଆଲ ଟ୍ରଫି କ୍ରିକେଟ ମହାକୁମ୍ଭ ଅନୁଷ୍ଠିତ ହେବ। ଏହି ଟୁର୍ଣ୍ଣାମେଣ୍ଟରେ ମୁଖ୍ୟ ଆକର୍ଷଣ ଦିଲ୍ଲୀର କ୍ରିକେଟ ଟିମ ସମେତ ଭୁବନେଶ୍ୱର, କଟକ, ଭଦ୍ରକ, ବାରିପଦା ଏବଂ ବାଲେଶ୍ୱର ର ମୋଟ ୮ଟି ଟିମ ଅଂଶଗ୍ରହଣ କରିବେ। ସେହିପରି ଜାନୁଆରୀ ୧୨ ରୁ ୧୮ ତାରିଖ ପର୍ଯ୍ୟନ୍ତ କଞ୍ଚାନିବାଗ ସିଜନ -୯ ଅନୁଷ୍ଠିତ ହେବ। ଏହି ଟୁର୍ଣ୍ଣାମେଣ୍ଟରେରେ ୩୫ ବର୍ଷରୁ ଉର୍ଦ୍ଧ୍ୱ ବୟସର ଖେଳାଳି ଭାଗ ନେଇପାରିବେ। ବାବୁଲି ଟ୍ରଫି ନାମରେ ଏହି ଟୁର୍ଣ୍ଣାମେଣ୍ଟ ଅନୁଷ୍ଠିତ ହେବ। ନିଲାମୀ ପ୍ରକ୍ରିୟା ସମସ୍ତ ଖେଳାଳିଙ୍କୁ କିଣାଯିବ । ସେହିପରି ଜାନୁଆରୀ ୧୯ ରୁ ୨୫ ତାରିଖ ପର୍ଯ୍ୟନ୍ତ ପଞ୍ଚାୟତ ଚମ୍ପିୟାନ ଲିଗ ସିଜନ-୪ ଅନୁଷ୍ଠିତ ହେବ। ଏଥିରେ ୬ ଟି ଟିମ ଅଂଶଗ୍ରହଣ କରିବେ। ନିଲାମୀ ପ୍ରକ୍ରିୟା ମାଧମରେ ରାଜ୍ୟର ବିଭିନ୍ନ ଅଞ୍ଚଳରୁ ଖେଳାଳି ଟିମରେ ସାମିଲ ହେବେ। ଶେଷରେ ଜାନୁଆରୀ ୨୬ ରୁ ଫେବ୍ରୁଆରୀ ୦୧ ତାରିଖ ପର୍ଯ୍ୟନ୍ତ ଇସାଣି **parformance** ଲିଗ ପ୍ରଥମ ସିଜନ ଅନୁଷ୍ଠିତ ହେବ । ଏହି ରାଉଣ୍ଡ ଆର୍ମ କ୍ରିକେଟ ଟୁର୍ଣ୍ଣାମେଣ୍ଟରେ ୬ଟି ଟିମ ନିଲାମୀ ପ୍ରକ୍ରିୟା ରେ ଖେଳାଳିଙ୍କୁ ସାମିଲ କରିବେ ବୋଲି ସାମ୍ବାଦିକ ସମ୍ମିଳନୀରେ ପଞ୍ଚାୟତ କ୍ରିକେଟ କମିଟିର ସଭାପତି ସୁଶାନ୍ତ ଶତପଥୀ ସୂଚନା ଦେଇଛନ୍ତି। ଅନ୍ୟମାନଙ୍କ ମଧ୍ୟରେ ସମାଜସେବୀ ତଥା ଉପଦେଷ୍ଟା ଭଗବାନ ଦାସ, ଉପସଭାପତି ଭାଗିରଥି ମାଝୀ, ଇସାଣି ମିନି ଷ୍ଟାଡିୟମ ର ସମ୍ପାଦକ କାଶୀନାଥ ମାଝୀ, କୋଷାଧକ୍ଷ ଶିବ ଶଙ୍କର ମାଝୀ, ପଞ୍ଚାୟତ କ୍ରିକେଟ କମିଟିର ଉପ ସଭାପତି ସୁଦର୍ଶନ ମାଝୀ ପ୍ରମୁଖ ସାମ୍ବାଦିକ ସମ୍ମିଳନୀରେ ଉପସ୍ଥିତ ରହିଥିଲେ।

# ଚତୁର୍ଦ୍ଦଶ ଭଦ୍ରକ ଜିଲ୍ଲା ମହୋତ୍ସବର ଚତୁର୍ଥ ସନ୍ଧ୍ୟା

## ଭଦ୍ରକର ଲୋକ ସଂସ୍କୃତି ଉତ୍କଳର ବିଭବ ବହନ କରେ : ପିନାକୀ ମିଶ୍ର

ଭଦ୍ରକ, ୦୬/୧୨ (ନି.ପ୍ର): ଭଦ୍ରକର ସଂସ୍କୃତି କହିଲେ ଓଡ଼ିଶାର ସଂସ୍କୃତିକୁ ବୁଝାଏ, ଶ୍ରୀଜଗନ୍ନାଥ ସଂସ୍କୃତି କହିଲେ ଆମେ ବିଶ୍ୱ ସଂସ୍କୃତିକୁ ବୁଝୁ। ଭଦ୍ରକର ଐତିହ୍ୟ, ସଂସ୍କୃତି, ପରମ୍ପରା ଓଡ଼ିଶାର କିମ୍ବଦନ୍ତୀ ବହନ କରେ ବୋଲି ଚତୁର୍ଦ୍ଦଶ ଭଦ୍ରକ ଜିଲ୍ଲା ମହୋତ୍ସବର ମୁଖ୍ୟ ଅତିଥି ଭାବେ ଯୋଗଦେଇ ପୂର୍ବାଂଚଳ ଡି ଆଇ ଜି ପିନାକ ମିଶ୍ର କହିଛନ୍ତି। ' ଲୋକକବି ଜଗନ୍ନାଥ ପାଣି ମଂଚ'ର ' ଆମ ସଭ୍ୟତା ଆମ ସଂସ୍କୃତି 'ଶୀର୍ଷକ ଆଲୋଚନା ଚକ୍ରରେ ସଭାପତି ପଣ୍ଡିତ ଦୈତ୍ୟାରି ମହାପାତ୍ର ସଭାପତିତ୍ୱ କରିଥିବାବେଳେ ମୁଖ୍ୟ ବକ୍ତା ଭାବେ ଶ୍ରୀଜଗନ୍ନାଥ ସଂସ୍କୃତି ଗବେଷକ ତଥା କୁଳପତି ପ୍ରଫେସର ଡକ୍ଟର ହରିହର କାନୁନଗୋ କହିଥିଲେ ଆମ ସଭ୍ୟତା ଆମ ସଂସ୍କୃତି କହିଲେ ଆମେ ଶ୍ରୀଜଗନ୍ନାଥ ସଂସ୍କୃତିକୁ ବୁଝିଥାଉଁ। ଉତ୍କଳର ସଂସ୍କୃତିକୁ ଯୁଗ ଯୁଗ ଧରି ବିଶ୍ୱ ଅନୁକରଣ କରିଆସିଛି। ବରେଣ୍ୟଅତିଥି ଭାବେ ସମାଜସେବୀ ସଂଯୁକ୍ତା ମହଲା, ଓଡ଼ିଆ ଭାଷା ସାହିତ୍ୟ ଗବେଷକ ଡକ୍ଟର ପ୍ରଭାତନଳିନୀ ମହାପାତ୍ର, ସୁରରାଣୀ ସୋହିନୀ ମିଶ୍ର ଯୋଗଦେଇ ଓଡ଼ିଶାର ସଂସ୍କୃତି ଓ ପରମ୍ପରା ଉପରେ ସାରଗର୍ଭକ ବକ୍ତବ୍ୟ ରଖିବା ସହିତ ଭଦ୍ରକର ଐତିହ୍ୟ ଇତିହାସ କିମ୍ବଦନ୍ତୀ ଓ ସଂସ୍କୃତି ସମ୍ପର୍କରେ ବକ୍ତବ୍ୟ ପ୍ରଦାନ ପୂର୍ବକ ଭଦ୍ରକ ଜିଲ୍ଲା ମହୋତ୍ସବର କର୍ମକର୍ତାଙ୍କୁ ଭୂୟସୀ ପ୍ରଶଂସା କରିଥିଲେ। ଏହି ଅବସରରେ ସୁରରାଣୀ ସୋହିନୀ ମିଶ୍ର , କଣ୍ଠଶିଳ୍ପୀ ମିଟୁ ମାନସ, ସମାଜସେବୀ ସୁଭଦ୍ରା ମିଶ୍ର, ସଙ୍ଗୀତ ଛାତ୍ରୀ ସୀତାରାଣୀ ବେହେରାଙ୍କୁ ଭଦ୍ରକ ଜିଲ୍ଲା ମହୋତ୍ସବ ପକ୍ଷରୁ ସମ୍ବର୍ଦ୍ଧିତ କରାଯାଇଥିଲା। ପ୍ରାରମ୍ଭରେ କାର୍ଯ୍ୟକାରୀ ସଭାପତି ଦୁର୍ଗା ଶଙ୍କର ବିଶ୍ୱାଳ ସ୍ୱାଗତ ଭାଷଣ ରଖିଥିବାବେଳେ ସମ୍ପାଦକ ସତ୍ୟଭୂଷଣ ସ୍ୱାମୀ ସମ୍ପାଦକୀୟ ବିବରଣୀ ଉପସ୍ଥାପନ କରିଥିଲେ। ଏହି ଅବସରରେ ଅଥିତିମାନଙ୍କୁ କମିଟି ପକ୍ଷରୁ ସମ୍ବର୍ଦ୍ଧିତ କରାଯାଇଥିଲା। ପରେ ପରେ ଅତିଥି ମାନଙ୍କ ଦ୍ୱାରା କୁନି କୁନି ପିଲାମାନଙ୍କୁ ପ୍ରମାଣପତ୍ର ସହ ସମ୍ମାନିତ କରାଯାଇଥିଲା। ସଭାରମ୍ଭରେ ସୁଶ୍ରୀ ସୁକନ୍ୟା ମହାନ୍ତି ସ୍ୱାଗତ ନୃତ୍ୟ ପରିବେଷଣ କରିଥିଲେ। ରଶ୍ମିତା ଦାଶ ଅତିଥି ପରିଚୟ ପ୍ରଦାନ କରିଥିବା ବେଳେ ଆଶିଷ କୁମାର ମିଶ୍ର ଧନ୍ୟବାଦ ଅର୍ପଣ କରିଥିଲେ। ଆଜିର ସନ୍ଧ୍ୟାରେ ସୁରରାଣୀ ସୋହିନୀ ମିଶ୍ରଙ୍କ ଯାଦୁକରୀ ସଙ୍ଗୀତ ପରିବେଷଣ ଦର୍ଶକଙ୍କୁ ବିମୋହିତ କରିଥିଲା। ଏମ୍ ଏମ୍ ଡେନ୍ସ ଗ୍ରୁପର କଳାକାରଙ୍କ ନୃତ୍ୟ ପରିବେଷଣ ଓ ଓଡ଼ିଶା ଭାଷା ସାହିତ୍ୟ ସଂସ୍କୃତି ବିଭାଗ ଓ ଭଦ୍ରକ ସଂସ୍କୃତି ବିଭାଗ ଆନୁକୂଲ୍ୟରେ ଆୟୋଜିତ ପାଲା, ଦାସକାଠିଆ ଏବଂ ନୃତ୍ୟ ବେଶ୍ ଚିତାକର୍ଷକ ଥିଲା। ଗୀତ ସଙ୍ଗୀତର ନିର୍ଦ୍ଦେଶକ କୁମାର ଗୌତମ ଓ ସାଥୀଙ୍କ ସଙ୍ଗୀତ ନୃତ୍ୟରେ ଦର୍ଶକମାନେ ବିମୋହିତ ହୋଇ ମନଭରି ଉପଭୋଗ କରିଥିଲେ। କମିଟିର ଉପ ସଭାପତି ପ୍ରମୋଦ ରାୟ,ଆବାହକ ଶଶି ଭୂଷଣ ସ୍ୱାମୀ, ସାଂସ୍କୃତିକ ସମ୍ପାଦକ ରଶ୍ମିତା ଦାଶ, ସଂଗଠନ ସମ୍ପାଦକ ରମେଶ ଚନ୍ଦ୍ର ସ୍ୱାଇଁ, ମୁଖ୍ୟ ସଂଯୋଜକ ରାଜଲକ୍ଷ୍ମୀ ମହାପାତ୍ର, ଉପ ସଭାନେତ୍ରୀ କଳ୍ପନା ଜେନା, ଯୁଗ୍ମ ସମ୍ପାଦକ ଅରୁଣ କୁମାର ମଲ୍ଲିକ,ପ୍ରଶାନ୍ତ କୁମାର ତ୍ରିପାଠୀ, ମନସ୍ମିତା ଦାସ, ଦୀପାଲୀ ନାୟକ, ସୁମିତ୍ରା ପାଣି , ଗୋସ୍ୱାମୀ ଅରୂପ ଦାସ, ସୁନିଲ ଦତ ପ୍ରମୁଖଙ୍କ ସଂଯୋଜନାରେ ଆୟୋଜିତ ଏହି ଉତ୍ସବ ପ୍ରତ୍ୟେହ ସନ୍ଧ୍ୟାରେ ସାଧାରଣ ସଭା, ଆଲୋଚନାଚକ୍ର, ସମ୍ବର୍ଦ୍ଧନା ସମାରୋହ, ଆଧାତ୍ମିକ କାର୍ଯ୍ୟକ୍ରମ, କବିତା ପାଠୋତ୍ସବ, ନୃତ୍ୟ, ସଙ୍ଗୀତ, ନାଟକ ଭିତିକ ସାଂସ୍କୃତିକ ବିଚିତ୍ରା,ଓଡ଼ିଆ ଭାଷା ସାହିତ୍ୟ ସଂସ୍କୃତି ବିଭାଗ ଓଡ଼ିଶା ଓ ଜିଲ୍ଲା ପ୍ରଶାସନ ସଂସ୍କୃତି ବିଭାଗ ଆନୁକୂଲ୍ୟରେ ଲୋକ କଳା, ଲୋକ ନୃତ୍ୟ, ଚଳଚ୍ଚିତ୍ର ଅଭିନେତା, ଅଭିନେତ୍ରୀ , ମଂଚ କଳାକାର, ହାସ୍ୟ ଅଭିନେତା, ଅଭିନେତ୍ରୀ, ଯାତ୍ରା କଳାକାର, ବିଶିଷ୍ଟ ସଙ୍ଗୀତଜ୍ଞଙ୍କ ସମାରୋହରେ ଗତ ୨ତାରିଖରୁ ଆରମ୍ଭ ୧୨ତାରିଖ ପର୍ଯ୍ୟନ୍ତ ଅନୁଷ୍ଠିତ ହେବ।

# ଜିଲ୍ଲାପାଳଙ୍କ ଦ୍ୱାରା ବିଭିନ୍ନ କାର୍ଯ୍ୟର ସମୀକ୍ଷା

କେନ୍ଦ୍ରାପଡା, ୦୬/୧୨ (ନି.ପ୍ର): କେନ୍ଦ୍ରାପଡ଼ା ଜିଲ୍ଲାପାଳ ରଘୁରାମ ଆର ଆୟର ଜିଲ୍ଲା ସମ୍ମିଳନୀ କକ୍ଷଠାରେ ଜିଲ୍ଲାରେ ଚାଲିଥିବା ବିଭିନ୍ନ କାର୍ଯ୍ୟର ସମୀକ୍ଷା କରିଛନ୍ତି । ଜନଶୁଣାଣି, ସରକାରୀ ଜମି ସୁରକ୍ଷା, ଅଙ୍ଗନବାଡି ଏବଂ ବିଦ୍ୟାଳୟ ମାନଙ୍କର ଭିତିଭୂମି ସୁଦୃଢ କରିବା, ବାତ୍ୟା ଆଶ୍ରୟ ସ୍ଥଳ ମରାମତି, ଭାଗବତ ଟୁଙ୍ଗି, ବ୍ଲକସ୍ତରୀୟ ଷ୍ଟାଡିୟମ ନିର୍ମାଣ ପାଇଁ ଜମି ଚିହ୍ନଟ, ଶ୍ରମିକ ପଞ୍ଜିକରଣ, ଶୀତଳ ଭଣ୍ଡାର, ପେକ୍ସ, ମଣ୍ଡୀ ପାଇଁ ଜମି ଏବଂ ବିଭାଗ ବିଭାଗ ମଧରେ ଥିବା ଅନ୍ୟାନ୍ୟ ଜମିଜମା ସଂକ୍ରାନ୍ତୀୟ ସମସ୍ୟା ଉପରେ ବିସ୍ତୃତ ଆଲୋଚନା ହୋଇଥିଲା । ବିଭିନ୍ନ ସଂକ୍ରାନ୍ତରେ ବିଭାଗ ବିଭାଗ ମଧରେ ଉତମ ସମନ୍ୱୟ ରଖି କାର୍ଯ୍ୟ କରିବାକୁ ଜିଲ୍ଲାପାଳ ସମସ୍ତ ଅଧିକାରୀ ମାନଙ୍କୁ ପରାମର୍ଶ ଦେଇଛନ୍ତି ।

# ବିକ୍ରମାଦିତ୍ୟ ଫାଉଣ୍ଡେସନ ପକ୍ଷରୁ ପ୍ରତିଭା ଅନ୍ୱେଷଣ ଓ ପୁରସ୍କାର ବିତରଣ

ଧର୍ମଶାଳା, ୦୬/୧୨ (ନି.ପ୍ର): ଯାଜପୁର ଜିଲା ଧର୍ମଶାଳା ବ୍ଲକ ମିର୍ଜାପୁର ପଂଚାୟତ ଶ୍ୟାମସୁନ୍ଦର ସରକାରୀ ଉଚ୍ଚ ବିଦ୍ୟାଳୟ ପରିସରରେ ବିକ୍ରମାଦିତ୍ୟ ଫାଉଣ୍ଡେସନ ପକ୍ଷରୁ ପ୍ରତିଭା ଅନ୍ୱେଷଣ ଓ ପୁରସ୍କାର ବିତରଣ ଉତ୍ସବ ଅନୁଷ୍ଠିତ ହୋଇଯାଇଛି । ପ୍ରତିଷ୍ଠାତା ଅଧକ୍ଷ ଡ଼କ୍ଟର ପୁରୁଷୋତମ ବିଶ୍ୱାଳଙ୍କ ସଭାପତିତ୍ୱରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ହରିହର ରଥ ଯୋଗଦେଇ ଉତ୍ସବକୁ ଉଦଘାଟନ କରିଥିଲେ । ଡ଼କ୍ଟର ତୁହିନାଂଶୁ ରଥ ମୁଖ୍ୟଅତିଥି ଭାବେ ଯୋଗଦେଇ ଥିଲେ । ଅବସରପ୍ରାପ୍ତ ଶିକ୍ଷକ ବ୍ରଜକିଶୋର ଦାଶ ଓ କବି ତଥା ସାହିତ୍ୟିକ ସଂଗ୍ରାମ କେଶରୀ ଜେନା ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ । ବିଜ୍ଞାନର ପ୍ରଗତି ଓ ମନୁଷ୍ୟର ଦୁର୍ଗତି ଉପରେ ଆଲୋଚନା ଚକ୍ର ଅନୁଷ୍ଠିତ ହୋଇଥିଲା ।

# ମେଡିକାଲ୍ କଲେଜ୍ କ୍ରିୟାନୁଷ୍ଠାନ କମିଟିର ବିଂଶତମ ବାର୍ଷିକ ସମ୍ମିଳନୀକୁ ସଫଳ କରିବା ପାଇଁ ମହିଳାମାନଙ୍କ ବୈଠକ



ବାଲେଶ୍ୱର, ୦୬/୧୨ (ନି.ପ୍ର): ସରକାରୀ ମେଡିକାଲ୍ କଲେଜ୍ ପ୍ରତିଷ୍ଠା କ୍ରିୟାନୁଷ୍ଠାନ କମିଟିର ବିଂଶତିତମ ବାର୍ଷିକ ସମ୍ମିଳନୀକୁ ସଫଳ କରିବା ପାଇଁ ଫିରିଙ୍ଗିପାଟଣାସ୍ଥିତ ଶିବ ମନ୍ଦିର ପରିସରରେ ସହଦେବଖୁଣ୍ଟା ଅଞ୍ଚଳରେ ମହିଳାମାନଙ୍କୁ ନେଇ ଏକ ବୈଠକ ଅନୁଷ୍ଠିତ ହୋଇଯାଇଛି। ମହିଳା ସାଂସ୍କୃତିକ ପରିଷଦର ସଭାନେତ୍ରୀ ସୀତାମଣି ଦାସ ବୈଠକରେ ଅଧକ୍ଷତା କରିଥିଲେ। ଅତିଥି ଓ ବକ୍ତାଭାବେ ଜିଲ୍ଲା କ୍ରିୟାନୁଷ୍ଠାନ କମିଟିର ସଭାପତି ନିରଞ୍ଜନ ପରିଡ଼ା ଓ ଜନସଂପର୍କ ସଂପାଦକ ଗୌରାଙ୍ଗ ପାଣିଗ୍ରାହୀ ବୈଠକରେ ଯୋଗଦେଇ ଆସନ୍ତା ବାର୍ଷିକ ସମ୍ମିଳନୀ ଅଧିକ ମହିଳା ଯୋଗ ଦେବାକୁ ଆହ୍ୱାନ ଦେଇଥିଲେ। ପରିବାରରେ ଯେ କୌଣସି ସଦସ୍ୟ ଅସୁସ୍ଥ ହେଲେ ପରିବାର ମହିଳାମାନେ ବହୁ ଚାପର ସମ୍ମୁଖୀନ ହୁଅନ୍ତି। ତେଣୁ ଉନ୍ନତ ସ୍ୱାସ୍ଥ୍ୟସେବା ଦାବିରେ ଆସନ୍ତା ସମ୍ମିଳନୀରେ ଅଧିକ ସଂଖ୍ୟାରେ ମହିଳା ଯୋଗ ଦେବାର ଗୁରୁତ୍ୱ ରହିଛି ବୋଲି ସେମାନେ କହିଥିଲେ। ବୈଠକର ଆବାହିକା ତଥା ଜିଲ୍ଲା କମିଟିର ମହିଳା ସାମ୍ମୁଖ୍ୟ ନେତ୍ରୀ ସରସ୍ୱତୀ ପଣ୍ଡା ସମସ୍ତଙ୍କୁ ସ୍ୱାଗତ ଜଣାଇଥିଲେ। ମେଡିକାଲ୍ କଲେଜ ପ୍ରତିଷ୍ଠା ପରେ ବି ଏଠାରେ ହୃଦରୋଗ ଓ ସ୍ନାୟୁରୋଗ ପ୍ରଭୃତି ରୋଗର ଚିକିତ୍ସା ପାଇଁ କୌଣସି ବ୍ୟବସ୍ଥା ନାହିଁ। ଏମ୍ସ ହସ୍‌ପିଟାଲର ବହିର୍ବିଭାଗ ସପ୍ତାହକୁ ମାତ୍ର ଦୁଇଦିନ ଖୋଲାଯାଇଛି। ପୂର୍ବଭଳି ରୋଗୀମାନେ ଗୁରୁତର ରୋଗର ଚିକିତ୍ସା ପାଇଁ କଟକ କିମ୍ବା ଭୁବନେଶ୍ୱର ଯାଉଛନ୍ତି। ମେଡିକାଲ୍ କଲେଜ୍ ହସ୍‌ପିଟାଲରେ ଓ ଜିଲ୍ଲାର ବହୁ ସରକାରୀ ହସପିଟାଲରେ ଡାକ୍ତର ଏବଂ ସ୍ୱାସ୍ଥ୍ୟକର୍ମୀ ନାହାନ୍ତି। ତେଣୁ ଆସନ୍ତା ସମ୍ମିଳନୀରେ ଏହି ସମସ୍ୟାଗୁଡ଼ିକର ସ୍ଥାୟୀ ସମାଧାନ ପାଇଁ ନିଷ୍ପତ୍ତି ନେବାକୁ ଶ୍ରୀମତୀ ପଣ୍ଡା ଅନୁରୋଧ କରିଥିଲେ। ଆସନ୍ତା ୧୪ ତାରିଖ ରବିବାର ଦିନ ୧୦ଟାରେ ଉଦ୍ୟୋଗ ଭବନରେ ଅନୁଷ୍ଠିତ ସମ୍ମିଳନୀକୁ ସଫଳ କରିବାପାଇଁ ସେ ଉପସ୍ଥିତମାନଙ୍କୁ ଆହ୍ୱାନ ଦେଇଥିଲେ।

# ଜିଲ୍ଲା ସ୍ତରରେ ଆତ୍ମ ନିର୍ଭର ସ୍ୱଦେଶୀ ମେଳା ଆୟୋଜନ ନିମନ୍ତେ ଅତିରିକ୍ତ ମୁଖ୍ୟ ଶାସନ ସଚିବଙ୍କ ଆଭାସୀରେ ଜିଲ୍ଲା ପ୍ରଶାସନ ସହ ବୈଠକ




ଖୋର୍ଦ୍ଧା , ୦୬/୧୨ (ନି.ପ୍ର): ଅତିରିକ୍ତ ମୁଖ୍ୟ ଶାସନ ସଚିବ ତଥା ଉନ୍ନୟନ କମିଶନର ଶ୍ରୀମତୀ ଅନୁଗର୍ଗ ରାଜ୍ୟ ଲୋକସଭା ଭବନ ଦ୍ୱିତୀୟ ମହଲା ସମ୍ମିଳନୀ କକ୍ଷରୁ ସ୍ୱଦେଶୀ ମେଳା, ଆତ୍ମନିର୍ଭର ଭାରତ ପ୍ରତ୍ୟେକ ଜିଲ୍ଲା ସ୍ତରରେ ଆୟୋଜନ କରାଯିବା ନିମନ୍ତେ ବୈଠକ ଅନୁଷ୍ଠିତ ହୋଇଯାଇଅଛି । ଉକ୍ତ ବୈଠକରେ ରାଜ୍ୟ ମିଶନ ଶକ୍ତି ବିଭାଗ ଶାସନ ସଚିବ, ଅନୁସୂଚିତ ଜାତି ଓ ଜନଜାତି ବିଭାଗ ଶାସନ ସଚିବ, କୃଷି ବିଭାଗ ଶାସନ ସଚିବ, ଉଚ୍ଚ ଶିକ୍ଷା ବିଭାଗ ଶାସନ ସଚିବ, ଦକ୍ଷତା ବିକାଶ ଶାସନ ସଚିବ, ସଂସ୍କୃତି ବିଭାଗ ଶାସନ ସଚିବ, ଅଣୁ କ୍ଷୁଦ୍ର ଓ ମଧ୍ୟମ ଶିଳ୍ପ ବିଭାଗ ଶାସନ ସଚିବ, ମତ୍ସ୍ୟ ଓ ପଶୁ ସମ୍ପଦ ବିଭାଗ ଶାସନ ସଚିବ ପ୍ରମୁଖ ଯୋଗଦେଇ ବିଭାଗୀୟ କାର୍ଯ୍ୟକ୍ରମ ଉପରେ ଜିଲ୍ଲା ସ୍ତରରେ ଆୟୋଜନ କରିବା ନିମନ୍ତେ ସୂଚନା ପ୍ରଦାନ କରିଥିଲେ । ଏହି ପରିପ୍ରେକ୍ଷୀରେ ଖୋର୍ଦ୍ଧା ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ଓସ୍ୱାନ୍ ସମ୍ମିଳନୀ କକ୍ଷରେ ଅତିରିକ୍ତ ଜିଲ୍ଲାପାଳ, ରାଜସ୍ୱ, ଶ୍ରୀ ସାଫଲ୍ୟ ମଣ୍ଡିତ ପ୍ରଧାନଙ୍କ ଅଧକ୍ଷତାରେ ଜିଲ୍ଲାର ବିଭିନ୍ନ ବିଭାଗୀୟ ଅଧିକାରୀ ଓ ଲାଇନ୍ ଡିପାର୍ଟମେଣ୍ଟ ଅଧିକାରୀମାନେ ଯୋଗଦେଇଥିଲେ । ଅତିରିକ୍ତ ମୁଖ୍ୟ ଶାସନ ସଚିବ ଓ ଉନ୍ନୟନ କମିଶନର ଶ୍ରୀମତୀ ଅନୁ ଗର୍ଗ ଆତ୍ମ ନିର୍ଭର ସ୍ୱଦେଶୀ ମେଳାର ଅଭିଯାନ ଓ ମେଳା ଆୟୋଜନ ସମ୍ବନ୍ଧରେ ପ୍ରମୁଖ ଉଦେଶ୍ୟ ଓ ଆଭିମୁଖ୍ୟ ଉପରେ ସମସ୍ତ ଜିଲ୍ଲାପାଳ ତଥା ଜିଲ୍ଲା ପ୍ରଶାସନର ବରିଷ୍ଠ ଅଧିକାରୀ ମାନଙ୍କ ସହ ଆଲୋଚନା କରିଥିଲେ । ସ୍ୱଦେଶୀ ମେଳା ଓଡ଼ିଆ ଅସ୍ମିତା ଉଜ୍ଜୀବିତ କରିବା, ବୟନ, ହସ୍ତତନ୍ତ, ହସ୍ତ ଶିଳ୍ପ, ଅନୁସୂଚିତ ଜନଜାତି ମାନଙ୍କ ଟେରାକୋଟା ନିପୁଣ କାରିଗରୀ କୌଶଳକୁ ପ୍ରୋତ୍ସାହନ ଦେବା, ଜିଲ୍ଲାର ପାରମ୍ପାରିକ କଳା କୁ ପ୍ରାଧାନ ଦେବା, ବିଭିନ୍ନ, ପାରମ୍ପାରିକ କୃଷି, ମତ୍ସ୍ୟ ଚାଷ, ଗୋପାଳନ, ଉତ୍ପାଦ ଦ୍ରବ୍ୟ ବିପଣନ ବଜାର କାରବାରର ଅପୂର୍ବ ସୁଯୋଗ ସୃଷ୍ଟି କରାଯିବା ଉପରେ ଗୁରୁତ୍ୱ ପ୍ରଦାନ କରାଯିବ ବୋଲି ଅତିରିକ୍ତ ଶାସନ ସଚିବ ଶ୍ରୀମତୀ ଗର୍ଗ ପ୍ରକାଶ କରିଥିଲେ । ଜିଲ୍ଲାରେ ଏହି ସ୍ୱଦେଶୀ ମେଳା, ଆତ୍ମ ନିର୍ଭର ଭାରତ ୫ ରୁ ୬ ଦିନ ପର୍ଯ୍ୟନ୍ତ କାର୍ଯ୍ୟକ୍ରମ ଅନୁଷ୍ଠିତ ହେବ ।ଏହି ସମୟରେ ଗ୍ରାମୀଣ ଏବଂ ସ୍ଥାନୀୟ ଉତ୍ପାଦ କୁ ପ୍ରୋତ୍ସାହନ ଦେବା, ପ୍ରଦର୍ଶନୀ କରି ବ୍ୟାପକ ପ୍ରଚାର ପ୍ରସାର କରାଯିବ । ସେହିପରି ଓଡ଼ିଆ ଓ ଓଡ଼ିଶାର ଅସ୍ମିତା ସଂସ୍କୃତି ଓ ପରମ୍ପରା, ପର୍ଯ୍ୟଟନ, ଐତିହ୍ୟ ର ବିକାଶ ନିମନ୍ତେ ପଦକ୍ଷେପ ଗ୍ରହଣ କରାଯିବ । ଅଣୁ, କ୍ଷୁଦ୍ର, ମଧ୍ୟମ ଉଦ୍ୟୋଗ ଗୁଡ଼ିକ ଉତ୍ପାଦ ଜିଲ୍ଲା ଶିଳ୍ପ କେନ୍ଦ୍ର ପକ୍ଷରୁ, ପାରମ୍ପାରିକ ଜୈବିକ କୃଷି ଆଧୁନିକ ପଦ୍ଧତିରେ ଯନ୍ତ୍ରପାତି ବ୍ୟବହାର କରିବା ମତ୍ସ୍ୟ ଓ ପଶୁପାଳନ ଚାଷ, ମେଳାର ସୁରକ୍ଷା ଓ ନିରାପତ୍ତା ଦିଗରେ ଯଥା ଅଗ୍ନିଶମ ସେବା, ପାନୀୟ ଜଳ, ପରିମଳ ସମସ୍ତ ପ୍ରକାର ବ୍ୟବସ୍ଥା, ସ୍ୱାସ୍ଥ୍ୟ ସେବା ଆଦି ସେବା ପ୍ରଦାନ କରିବାକୁ ଅତିରିକ୍ତ ମୁଖ୍ୟ ଶାସନ ସଚିବ ଅନୁ ଗର୍ଗ ନିର୍ଦ୍ଦେଶ ଦେଇଛନ୍ତି । କ୍ରୀଡ଼ା ର ପ୍ରଚାର ପ୍ରସାର ନିମନ୍ତେ ବିଦ୍ୟାଳୟ ଓ ମହାବିଦ୍ୟାଳୟ ଛାତ୍ର ଛାତ୍ରୀ ମାନଙ୍କୁ ନେଇ ପଦଯାତ୍ରା,ରାଲି କରାଇବା ବିଭିନ୍ନ ପ୍ରକାରର ପ୍ରତି ଯୋଗିତା କରାଇବାକୁ ଅତିରିକ୍ତ ମୁଖ୍ୟ ଶାସନ ସଚିବ ନିର୍ଦ୍ଦେଶ ଦେଇଛନ୍ତି । ବୈଠକରେ ଅନ୍ୟ ମାନଙ୍କ ମଧ୍ୟରେ ଅତିରିକ୍ତ ମୁଖ୍ୟ ଉନ୍ନୟନ ଅଧିକାରୀ ତଥା ନିର୍ବାହୀ ଅଧିକାରୀ, ଖୋର୍ଦ୍ଧା କସ୍ତୁରୀ ବଳା ଜେନା, ଜିଲ୍ଲା କ୍ରୀଡ଼ା ଅଧିକାରୀ ଗୀତାଞ୍ଜଳି ପଣ୍ଡା, ଜିଲ୍ଲା ପର୍ଯ୍ୟଟନ ଅଧିକାରୀ ମୀରା ବେହେରା, ଜିଲ୍ଲା ମଙ୍ଗଳ ଅଧିକାରୀ ଡ଼ଃ ଗୀତାନଶୁ ଦାଶ, ଜିଲ୍ଲା ସଂସ୍କୃତି ଅଧିକାରୀ ଚୌଧୁରୀ ଅରବିନ୍ଦ ଦାସ, ଜିଲ୍ଲା ଶିକ୍ଷା ଅଧିକାରୀ ସୋନାମିକା ରାୟ, ସାଧାରଣ ପରିଚାଳିକା, ଜିଲ୍ଲା ଶିଳ୍ପ କେନ୍ଦ୍ର, ଖୋର୍ଦ୍ଧା,ସମୁଚିତା ମଲ୍ଲିକ, ଜିଲ୍ଲା ସୂଚନା ଓ ଲୋକସଂପର୍କ ଅଧିକାରୀ ଲକ୍ଷ୍ମଣ କୁମାର ବେହେରା, ସହକାରୀ ନିର୍ଦ୍ଦେଶକ, ବୟନ ଓ ହସ୍ତତନ୍ତ ଓ ହସ୍ତଶିଳ୍ପ ପ୍ରମୁଖ ଯୋଗଦେଇଥିଲେ

## ଧାରାବାହିକ ଉପନ୍ୟାସ

# ଭିନ୍ନ ଏକ ବିଦେଶିନୀ

ଡ.ରତିକାନ୍ତ ବେହେରା

ଭାଗ-୧



**ଜୀବନ ଯେ ଜହର ନୁହଁ, ଅମୃତର ଗନ୍ତାଘର, ସକଳ ପ୍ରତିକୂଳତାକୁ ସମ୍ମୁଖୀନ ହୋଇ ଆତ୍ମପ୍ରତ୍ୟୟ ଆଧାରରେ ବଞ୍ଚିବାକୁ ପଡ଼େ, ଏହି ବାସ୍ତବତାକୁ ଜେନି ଚରିତ୍ର ମଧ୍ୟରେ ପ୍ରସ୍ଫୁଟିତ କରାଇଛନ୍ତି ଔପନ୍ୟାସିକ। ଧର୍ମ ଓ ଈଶ୍ୱରଙ୍କୁ ନେଇ ଏଠାରେ ଯେଉଁ ଅହରହ ସଂଘର୍ଷ ତାହାକୁ ପରିସମାପ୍ତି ପାଇଁ ସୂକ୍ଷ୍ମ ବିଚାରଟିଏ ଏହି ଉପନ୍ୟାସରୁ ପରିଦୃଷ୍ଟ ହୁଏ । ଅବଧୂତ ବାବାଙ୍କ ଭଳି ତ୍ୟାଗୀ ଫକୀର ଚରିତ୍ରଟିଏ ଖଞ୍ଜି ଦେଇ ତାଙ୍କ ଦ୍ୱାରା ଜେନିର ଚିନ୍ତାରାଜ୍ୟରେ ପରିବର୍ତ୍ତନ ଆଣି ଗୋସେବା, ପଶୁଜଗତରେ ଈଶ୍ୱରୀୟ ସତ୍ତାର ଉପଲବ୍ଧିକୁ ଦେଖାଇଛନ୍ତି ଔପନ୍ୟାସିକ ।**

**ଡ. ବେହେରାଙ୍କର 'ଭିନ୍ନ ଏକ ବିଦେଶିନୀ' ଧ୍ୱନି ପ୍ରତିଧ୍ୱନିର ଗୁଣଗ୍ରାହୀ ପାଠକମାନଙ୍କ ପାଇଁ...**

।। ଧଉଳି ।।

ଭୁବନେଶ୍ୱର ବିମାନ ବନ୍ଦରରେ ଫ୍ଲାଇଟ୍‌ରୁ ଅବତରଣ କରି ନିଜ ଲଗେଜ୍ ସହ ଲାଉଞ୍ଜ୍ ବାହାରକୁ ବାହାରି ଆସିଲା ଜେନି। ସାଙ୍ଗରେ ଆଉ କେହିନାହିଁ, ଏକା ସୁଦୂର ଲଣ୍ଡନରୁ ଫ୍ଲାଇକିଙ୍ଗ୍‌ର ଏକ ବୃହତ୍ ବିମାନରେ ଦିଲ୍ଲୀ, ଆଉ ସେଠୁ ଏୟାର୍‌ଇଣ୍ଡିଆର ଅନ୍ୟ ଏକ ବିମାନରେ ଭୁବନେଶ୍ୱର। ଏକ ଦୀର୍ଘ ଲମ୍ବାଯାତ୍ରା ଓ ତଦ୍‌ଜନିତ କ୍ଲାନ୍ତି ସଂପୂର୍ଣ୍ଣ ଅବସନ୍ନ କରିଦେଉଥିଲା ଜେନିକୁ। ସାଙ୍ଗରେ ଡେଭିଡ୍ ଆସିଲା ନାହିଁ କି ତାକୁ ଆସିବାର ସହଯୋଗ କଲା ନାହିଁ। ଏପରିକି ଶେଷବେଳକୁ ଦେଖା ବି କଲାନାହିଁ। ମଣିଷ ଏତେ ବେଶୀ ନିର୍ଦ୍ଦୟ କିପରି ହୋଇପାରେ ! ପୁଣି ନିଜ ସ୍ତ୍ରୀ ପ୍ରତି ? ଏବେ ଲୁସି ସହିତ ତା'ର ଏନ୍‌ଗେଜ୍‌ମେଣ୍ଟ ବଢ଼ି ଯାଉଛି। ଲୁସି ସୁନ୍ଦରୀ ଓ ସ୍ୱାସ୍ଥ୍ୟବତୀ, ବେଶ୍ ଖୁସି ମିଜାଜର, ଏକଦମ ଗପୁଡ଼ି ସ୍ୱଭାବର।

ଏହା ସତ୍ତ୍ୱେ ବି ଡେଭିଡ୍‌ର ସାମଗ୍ରିକ ଚେହେରା ଜେନିର ମାନସପଟରେ ପ୍ରତିଫଳିତ ହୋଇ ରହିଛି ସର୍ବଦା । ଚେଷ୍ଟାକରି ବି ସେଠାରୁ ସେ ତାକୁ ହଟାଇ ଦେଇପାରି ନାହିଁ। ଭାରତ ଆସିବାର ସମସ୍ତ ସୁବନ୍ଦୋବସ୍ତ କିନ୍ତୁ କରି ଦେଇଥିଲା ରିଚାର୍ଡ୍। ସେ ସାହାଯ୍ୟ କରି ନଥିଲେ, ଜେନିର ଭାରତ ଆସିବା ସମ୍ଭବ ହୋଇ ନ ଥାନ୍ତା।

"ଡେଭିଡ୍ ! ମାଇଁ ଫୁଟ୍, ଗୋଟେ ଶକ୍ତ ଜାନୁଆର, ରିଏଲି ଏ ଡେଭିଲ୍।" ଗୋଟେ ଦୀର୍ଘଶ୍ୱାସ ଛାଡ଼ିଲା ଜେନି। ଉଭୟ ପାଟି ଏବଂ ନାକପୁଡ଼ା ଦେଇ ମେଞ୍ଚାଏ ପବନ ବାହାରି ଆସିଲା। ମସ୍ତିଷ୍କର ଚାପ ସେଇ କ୍ରମରେ ଟିକେ ଊଣା ହୋଇଗଲା। ଯାହାହେଉ ସେ ଭୁବନେଶ୍ୱରରେ ପହଞ୍ଚି ଯାଇଛି। ଏଇଠୁ ନୀଳାଚଳ ପୁରୀ ବେଶି ଦୂର ନୁହେଁ ବୋଲି ସେ କେଉଁ ସୂତ୍ରରୁ ଆଗରୁ ଜାଣିଛି। ଏଣୁ ଯାତ୍ରାଜନିତ କ୍ଲେଶରେ ଆଉ ତାର ବେଶି ବିବ୍ରତ ହେବା ଉଚିତ ନୁହେଁ।

ଜେନିର ଆଗ ଆଉ ପଛରେ ଗୋଟେ ବିରାଟ ପଟୁଆର। ଲୋକ ଗହଳି। କେହିଜଣେ ଭି.ଆଇ.ପି.ଙ୍କ ପାଇଁ ଏ ଭିଡ଼ । ସମସ୍ତେ ଇଣ୍ଡିଆନ୍। ସେମାନଙ୍କ ମଝାମଝିରେ ସଂପୂର୍ଣ୍ଣ ବାରି ହୋଇ ପଡୁଥିଲା ଜେନି। ଜଣେ ବିଦେଶିନୀ। ଖୁବ୍ ଗୋରା ପତଳା ଆଉ ଜୀର୍ଣ୍ଣଶୀର୍ଣ୍ଣ ଚେହେରା। ନିଷ୍ପ୍ରଭ ଦେହଟିଏ। ଝାଉଁଳା ଫୁଲପରି ମୁହଁ। ତମ୍ବାଳିଆ ବବ୍‌କଟ୍ ହେୟାର୍, ଯାହା ଜ୍ୟେଷ୍ଠ ଅପରାହ୍ଣର ସୂର୍ଯ୍ୟ କିରଣରେ ଝଲମଲ କରୁଥିଲା। ଦେହରୁ ଝାଳ ବୋହି ପିନ୍ଧିଥିବା ବେନିୟନ୍‌ଟିକୁ କାନ୍ଧ ପାଖରୁ ଭିଜେଇବା ଆରମ୍ଭ କରିଥିଲା। ପରିଧାନ ଥିଲା ଚିପା ଜିନ୍‌ପ୍ୟାଣ୍ଟ୍ ଆଉ ବେନିୟାନ୍। କାନରେ ପଥର ସେଣ୍ଟିଂ ଛୋଟଛୋଟ କାନରିଙ୍ଗ, ଯାହାକୁ କାନଫାସିଆ କହିଲେ ଚଳିବ।

ଏୟାରପୋର୍ଟ୍ ବାହାର ଗେଟ ପାଖରେ କାହାକୁ ପ୍ରତୀକ୍ଷା କରୁଥିବା ଏବଂ ଇତସ୍ତତଃ ହେଉଥିବା ଜଣେ ଯୁବକକୁ ପଚାରି ବୁଝିବାକୁ ଚାହିଁଲା, ସେ କେମିତି ପୁରୀ ଯାଇପାରିବ ? କେଉଁଥିରେ ଗଲେ ସୁବିଧା ହେବ ? ଟ୍ରେନ୍, ବସ୍ ନା ଟ୍ୟାକ୍‌ସିରେ ଯାଇ ପାରିବ ? - ଇତ୍ୟାଦି କେତୋଟି ସଂଯୋଜିତ ପ୍ରଶ୍ନ, ଅବଶ୍ୟ ଇଂରାଜୀରେ।

ବାସ୍ତବରେ (ଏହାକୁ ଏକ ସଂଯୋଗ କୁହାଯାଇପାରେ) ଯୁବକ ଜଣକ ଥିଲା ଏମିତିରେ ଜଣେ ଶସ୍ତା ଗାଇଡ୍। ଇଂରାଜୀରେ ରହିରହି ଗୋଟି ଗୋଟି କରି ବୁଝେଇବାକୁ ଚେଷ୍ଟାକଲା ଜେନିକୁ। କହିଲା - 'ସବୁଠାରୁ ଭଲ ହେବ ଟ୍ୟାକ୍ସି ଯୋଗେ ପୁରୀ ଯିବା। ଏଥିପାଇଁ ବିନା ଦ୍ୱିଧାରେ ସେ ସହଯୋଗ କରିପାରିବ ଏବଂ ପୁରୀ ପର୍ଯ୍ୟନ୍ତ ନିରାପଦରେ ପହଞ୍ଚାଇ ଦେବ। ଯଦି ଆବଶ୍ୟକ ମଣିବେ ତ ସେଠାରେ କୌଣସି ହୋଟେଲ୍‌ରେ ରଖେଇ ଦେବାର ବ୍ୟବସ୍ଥା କରିବ। ଏଥିପାଇଁ ସେମିତି ବେଶି କିଛି ପାରିଶ୍ରମିକ ଦାବି କରିବ ନାହିଁ। ଆପଣା ମର୍ଜିରେ ଯାହା ଦେବେ, ତାହା ସେ ବିନା ଦ୍ୱିଧାରେ ଅବଶ୍ୟ ଗ୍ରହଣ କରିବ।'

ଏ ପ୍ରକାର ପ୍ରସ୍ତାବରେ ଜେନି ଖୁସିହେଲା। ତା'ର ନିଷ୍ପ୍ରଭ ଓ ନିସ୍ତେଜ ଆଖିରେ ଟିକେ ଖୁସିର ଝଲକ ଦୃଶ୍ୟ ହେଲା। ସେଇ କ୍ରମରେ ଓଠ ଦୁଇଟି ଅଳ୍ପ ପ୍ରସାରିତ ହୋଇ କ୍ଷୀଣ ହସର ଧାରଟେ ଦେଖାଦେଇ ପୁଣି ମଉଳି ଗଲା, କହିଲା "ମୋ ନାଁ ଜେନି। ଦୟାକରି ଆପଣ ଆପଣଙ୍କର ଶୁଭନାମ ଓ ଫୋନ୍ ନମ୍ବର ଦେବେ କି ?"

"ମୋ ନାମ ଆନନ୍ଦ"। ନିଃସଂକୋଚରେ କହିଲା ଯୁବକଟି ଏବଂ ପରେ ପରେ ନିଜର ଫୋନ୍‌ନମ୍ବର ଧୀରେ ଧୀରେ ଗୋଟି ଗୋଟି କରି ଡାକିଦେଲା। ଜେନି ନିଜ ପକେଟଖାତାରେ ସେ ସବୁ ଟିପି ରଖିଲା ଏବଂ ଫୋନ୍ ନମ୍ବରଟିକୁ ନିଜ ମୋବାଇଲ୍‌ରେ ଟେଷ୍ଟ କରିନେଲା। ଆନନ୍ଦର ମୋବାଇଲ୍ ରିଂ ହେଲାରୁ ସେ ସନ୍ତୁଷ୍ଟି ପ୍ରକାଶ କଲା ଏବଂ ଧନ୍ୟବାଦ ଦେଇ ଟ୍ୟାକ୍ସିଟିଏ ଯୋଗାଡ଼ କରିବାକୁ ସଂକେତ ଦେଲା।

ସଂଗେସଂଗେ ଆନନ୍ଦ ଗୋଟେ ଟ୍ୟାକ୍‌ସି ଯୋଗାଡ଼ କରିଦେଲା। ଜେନି ପାଇଁ ଏ ସବୁ ଯେମିତି ଥିଲା ଏକ ଅପୂର୍ବ ସୁଯୋଗ ଆଉ ସଂଯୋଗ । କୃତକୃତ୍ୟ ହୋଇଗଲା ଜେନି। ତାଙ୍କୁ ପଛରେ ବସିବାକୁ କହି, ଆନନ୍ଦ ସାମ୍ନାରେ ଡ୍ରାଇଭର୍ ପାଖରେ ବସିବାକୁ ଉଦ୍ୟତ ହେଲାବେଳକୁ ଜେନି ବାରଣ କଲା ଏବଂ କହିଲା ତା' ପାଖରେ ପଛ ସିଟରେ ବସିବାକୁ, କେବଳ ପୁରୀ ସଂପର୍କିତ କିଛି ଅଧିକ ତଥ୍ୟ ବୁଝିବାକୁ ସୁବିଧା ହେବ ବୋଲି।

ଗାଇଡ୍ କେବଳ ପଥପ୍ରଦର୍ଶକ ନୁହେଁ, ଛୋଟ ବଡ଼ ଅନେକ ତଥ୍ୟର ସୂଚନା ପ୍ରଦାନକାରୀ, ଏକଥା ଭଲଭାବେ ବୁଝିଥିଲା ଆନନ୍ଦ ଏବଂ ସେଥିପାଇଁ ସେ ବିନା କୌଣସି ସଂକୋଚରେ ଯାଇ ବସିଲା ପଛ ସିଟ୍‌ରେ। ଡ୍ରାଇଭର୍ ଟ୍ୟାକ୍‌ସି ବୁଲେଇ ପୁରୀ ଅଭିମୁଖେ ଯାତ୍ରା ଆରମ୍ଭ କଲା।

ଆନନ୍ଦ ଅନୁଭବ କରିନେଲା - ଜେନି କେବଳ ପୁରୀ ନୁହେଁ, ଜଣେ ସାଧାରଣ ବିଦେଶୀ ପର୍ଯ୍ୟଟକଙ୍କ ପରି ଓଡ଼ିଶାର ଐତିହ୍ୟ ଓ ମନ୍ଦିର କଳା ପ୍ରତି ସ୍ୱାଭାବିକ ଭାବେ ଆକୃଷ୍ଟ। ତେବେ ପୁରୀ ହିଁ ତାଙ୍କର ଗନ୍ତବ୍ୟ ସ୍ଥଳ। ହାତରେ ଯଥେଷ୍ଟ ସମୟ ଅଛି। ସଂଧ୍ୟା ଉତ୍ତାରେ ପୁରୀରେ ପହଞ୍ଚିଲେ ବି କୌଣସି ହୋଟେଲ କିମ୍ବା ରିସୋର୍ଟ୍‌ରେ ତାଙ୍କ ପାଇଁ ରୁମ୍‌ଟେ ବ୍ୟବସ୍ଥା କରିଦେଇହେବ। ପୁରୁଣା ଭୁବନେଶ୍ୱରର ମନ୍ଦିର କେତୋଟି ରାସ୍ତାରୁ ରାସ୍ତାରୁ ଦେଖେଇ ନେଇଗଲେ ସେ ଅଧିକ ଖୁସି ହେବେ। ପୁରୀର ଅବସ୍ଥାନ କାଳରେ ପୁନରାୟ ସେହି ସବୁ ମନ୍ଦିରକୁ ଖୁବ୍ ନିକଟରୁ ଦେଖିବାପାଇଁ ଓ ତାର କଳା ଭାସ୍କର୍ଯ୍ୟକୁ ଅନୁଧ୍ୟାନ କରିବା ପାଇଁ, ଗାଇଡ୍ ଭାବେ ତାକୁ ପୁଣି ହୁଏତ ସେ ସୁଯୋଗ ଦେଇ ପାରନ୍ତି ! ତା'ଛଡ଼ା ଏ ବିଦେଶିନୀ ଜଣକ ଏଇ ମର୍ମରେ ତାକୁ ସନ୍ତୁଷ୍ଟ ହେଲା ପରି କିଛି ଅଧିକ ଅର୍ଥ ପ୍ରାପ୍ତ କରାଇ ପାରନ୍ତି ! ଏଣୁ ଏୟାର୍‌ପୋର୍ଟ୍ ସାମ୍ନାରୁ ସିଧା ସିଧା ପୁରୀ ଅଭିମୁଖେ ନ ଯାଇ ପୁରୁଣା ଭୁବନେଶ୍ୱର ଭିତରେ ଗାଡ଼ି ବୁଲେଇ ନେବାକୁ ଡ୍ରାଇଭର୍‌କୁ ନିର୍ଦ୍ଦେଶ ଦେଲା ।

କୌଣସି କାରଣରୁ ବିମର୍ଷ ଜେନି ନିର୍ନିମେଷ ଦୃଷ୍ଟିରେ ଚାହିଁ ଦେଖୁଥିଲା ପୁରୁଣା ଭୁବନେଶ୍ୱରର ଛୋଟଛୋଟ କେତୋଟି ମନ୍ଦିରକୁ। ଆନନ୍ଦ ଜାଣି ଜାଣି ଡ୍ରାଇଭର୍‌କୁ ଏ ସବୁ ମନ୍ଦିର ସାମ୍ନାରାସ୍ତା ଦେଇ ଅତିକ୍ରମ କରିବାକୁ କହିଲା। ମନ୍ଦିର ଗୁଡ଼ିକୁ ଅତିକ୍ରମ କରୁଥିଲା ବେଳେ ଜେନି ଅଧିକ ଚକିତ ହେଉଥିଲା ଏ ସବୁ ଦେଖି। ଆଉ ସବୁଠାରୁ ବେଶି ଆଶ୍ଚର୍ଯ୍ୟ ହୋଇଥିଲା ରାଜାରାଣୀ ମନ୍ଦିର ବେଢ଼ାରେ ଉତ୍କଳୀୟ କଳା ଭାସ୍କର୍ଯ୍ୟର ଶ୍ରେଷ୍ଠ କାରୁକାର୍ଯ୍ୟ ଦେଖି। ମନ୍ଦିର ଚତୁଃପାର୍ଶ୍ୱ କାନ୍ଥରେ ସୂକ୍ଷ୍ମକଳା ନୈପୁଣ୍ୟ ପାଖରେ ହତମ୍ଭ ହୋଇ ଛିଡ଼ା ହୋଇଗଲା ଦଣ୍ଡେ। ସଂପୂର୍ଣ୍ଣ ଆତ୍ମବିସ୍ମୃତ ହୋଇପଡ଼ିଲା ସେ। ଆଉ ଟିକେ ଅଧିକ ସମୟ ଦେଇ ପୁନଃପୁନଃ ଚତୁଃପାର୍ଶ୍ୱ ପରିକ୍ରମା କରିବାକୁ ଲାଗିଲା। ଟିପାଖାତାରେ ଓ ନିଜ ମୋବାଇଲ କ୍ୟାମେରାରେ ବାନ୍ଧି ରଖିଲା ତହିଁରୁ କେତୋଟି ଦୃଶ୍ୟ। ମନ୍ଦିର ଗାତ୍ରରେ କି ଅପୂର୍ବ କଳା କୁଶଳତା ଦେଖେଇ ଦେଇଛି ଉତ୍କଳର ଶିଳ୍ପୀ ? ଖଣ୍ଡି ଖଣ୍ଡି ଇଂରାଜୀରେ ଆନନ୍ଦ ଗଳଦ୍‌ଘର୍ମ ହୋଇ ଯଥା ସଂଭବ ବୁଝେଇ ଲାଗିଥିଲା ଜେନିକୁ।

କେଜାଣି କେତେ ସମୟପରେ ଆନନ୍ଦର କଥାରେ ଆତ୍ମ ବିସ୍ମୃତିରୁ ଚେତନାର ସ୍ତରକୁ ଫେରି ଆସିଲା ଜେନି।

(କ୍ରମଶଃ)

କୃଷ୍ଣନଗର, ଅଙ୍ଗାରଗଡ଼ିଆ,
ବାଲେଶ୍ୱର - ୭୫୬୦୦୧
ମୋ : ୯୪୩୯୪୪୨୯୪୨

# ବିହାର ୨୦୨୫: ଏକ ବିଜୟୀ ଜନାଦେଶ ନା ଏକ ହାରିଯାଇଥିବା ଗଣତନ୍ତ୍ର ?

ଡ଼ ଗୋଲକ ବିହାରୀ ଆଚାର୍ଯ୍ୟ



୨୦୨୫ ବିହାର ବିଧାନସଭା ନିର୍ବାଚନ ସାମ୍ପ୍ରତିକ ସ୍ମୃତିର ସବୁଠାରୁ ଅଧିକ ଆଲୋଚିତ ନିର୍ବାଚନ ପ୍ରକ୍ରିୟା ମଧ୍ୟରୁ ଗୋଟିଏ ହୋଇ ରହିବ। ଯଦିଓ ସରକାରୀ ଫଳାଫଳ ଘୋଷଣା କରାଯାଇଛି, ତେବେ ଏହା ପଛରେ ଛାଡିଯାଇଥିବା ଅସ୍ଥିର ପ୍ରଶ୍ନଗୁଡ଼ିକ ସାରା ଦେଶରେ ପ୍ରତିଧ୍ୱନିତ ହେବାରେ ଲାଗିଛି। ଅନେକ ନିରପେକ୍ଷ ପର୍ଯ୍ୟବେକ୍ଷକଙ୍କ ପାଇଁ, ଏହି ନିର୍ବାଚନ କେବଳ ଏକ ରାଜନୈତିକ ପ୍ରତିଯୋଗିତାକୁ ପ୍ରତିଫଳିତ କରିନଥିଲା — ଏହା ଭାରତର ଗଣତାନ୍ତ୍ରିକ ପ୍ରକ୍ରିୟାରେ ଥିବା ଗଭୀର ଗଠନଗତ ଫାଟଗୁଡ଼ିକୁ ପଦାକୁ ଆଣିଛି।

**ଭୋଟ୍ ଗ୍ରହଣର ଛାଇରେ ନଗଦ ଟଙ୍କା ହସ୍ତାନ୍ତର**

ଏହି ନିର୍ବାଚନର ସବୁଠାରୁ ବିବାଦୀୟ ବୈଶିଷ୍ଟ୍ୟ ହେଉଛି ଭୋଟ୍ ଗ୍ରହଣର ମାତ୍ର କିଛି ଦିନ ପୂର୍ବରୁ 'ମୁଖ୍ୟମନ୍ତ୍ରୀ ମହିଳା ରୋଜଗାର ଯୋଜନା' ଅନ୍ତର୍ଗତ ଏକ କୋଟିରୁ ଅଧିକ ମହିଳାଙ୍କ ବ୍ୟାଙ୍କ୍ ଆକାଉଣ୍ଟକୁ ୧୦,୦୦୦ ଟଙ୍କା ପ୍ରଦାନ। ଏହି ପଦକ୍ଷେପର ସମୟ ବିହାର ସୀମା ବାହାରେ ମଧ୍ୟ ସମସ୍ତଙ୍କୁ ଆଶ୍ଚର୍ଯ୍ୟ କରିଛି।

କଲ୍ୟାଣକାରୀ ଯୋଜନାଗୁଡ଼ିକୁ କାର୍ଯ୍ୟକାରୀ କରିବାର ଅଧିକାର ସରକାରମାନଙ୍କର ଅଛି, କିନ୍ତୁ ଯେତେବେଳେ ଏହିପରି ଅର୍ଥ ପ୍ରଦାନ ପ୍ରଚାରର ଉତ୍ତାପ ସହିତ ସମାନ ସମୟରେ ହୁଏ, ସେତେବେଳେ ଏହା ନିର୍ବାଚନ ପରିବେଶ ଉପରେ ଏକ ଅନିବାର୍ଯ୍ୟ ଛାଇ ସୃଷ୍ଟି କରେ। ସମାଲୋଚକମାନେ ଯୁକ୍ତି କରନ୍ତି ଯେ ଏହା ଶାସନ ଏବଂ ପ୍ରଚାର ମଧ୍ୟରେ ଥିବା ସୀମାରେଖାକୁ ଅସ୍ପଷ୍ଟ କରିଦେଇଛି, କଲ୍ୟାଣକୁ ଏକ ରାଜନୈତିକ ଅସ୍ତ୍ରରେ ପରିଣତ କରିଛି। ଶାସକ ମେଣ୍ଟ ଏହି ପଦକ୍ଷେପକୁ ଏକ ପ୍ରତିଶ୍ରୁତିର ସମୟାନୁବର୍ତ୍ତୀ ପୂରଣ ଭାବରେ ସମର୍ଥନ କରୁଛି। ତଥାପି, ନିର୍ବାଚନ ସମୟରେ ସୁବିଧା ବଣ୍ଟନର ଦୃଶ୍ୟ କଲ୍ୟାଣର ନିରପେକ୍ଷତା ଏବଂ ବିଶ୍ୱସନୀୟତାକୁ କ୍ଷୁଣ୍ଣ କରେ।

**ଭୋଟର ତାଲିକା: ପରିଷ୍କାର କରିବା ନା ଚୟନମୂଳକ ବାଦ୍ ଦେବା**

ନିର୍ବାଚନ ଆୟୋଗଙ୍କ 'ସ୍ପେଶାଲ୍ ଇଣ୍ଟେନସିଭ୍ ରିଭିଜନ୍' (SIR), ଭୋଟର ତାଲିକାକୁ ପରିଷ୍କାର କରିବା ପାଇଁ ଏକ ବ୍ୟାପକ ପ୍ରୟାସ, ଫଳରେ ଲକ୍ଷ ଲକ୍ଷ ନାମକୁ ବାଦ୍ ଦିଆଯାଇଛି। ମୃତ, ସ୍ଥାନାନ୍ତରିତ, କିମ୍ବା ନକଲି ଭୋଟରମାନଙ୍କୁ ବାହାର କରିବା ଏକ ବୈଧ ପ୍ରଶାସନିକ କାର୍ଯ୍ୟକଳାପ ହୋଇଥିବାବେଳେ, ବାଦ୍ ଦେବାର ପରିମାଣ ଏବଂ ସମୟ ସନ୍ଦେହକୁ ଇନ୍ଧନ ଯୋଗାଇଛି।

ସମଗ୍ର ବିହାରରୁ ଆସିଥିବା ରିପୋର୍ଟରୁ ଜଣାପଡିଛି ଯେ ଅନେକ ପ୍ରକୃତ ଭୋଟର — ବିଶେଷକରି ପ୍ରବାସୀ, ଶ୍ରମିକ ଏବଂ ଅର୍ଥନୈତିକ ଦୃଷ୍ଟିରୁ ଦୁର୍ବଳ ବର୍ଗର ଲୋକେ — ବୁଥ୍‌ରେ ପହଞ୍ଚିବା ପରେ ସେମାନଙ୍କ ନାମ ହଜିଯାଇଥିବା ଦେଖିବାକୁ ପାଇଥିଲେ। ବିରୋଧୀ ଗୋଷ୍ଠୀମାନେ ତଥାକଥିତ ଲକ୍ଷ୍ୟଭେଦୀ ଭାବରେ ମତଦାନରୁ ବଞ୍ଚିତ କରିବା ଅଭିଯୋଗ କରି ଏହି ମାମଲାକୁ କୋର୍ଟରେ ମଧ୍ୟ ଉଠାଇଛନ୍ତି। ବୈଧ ଭୋଟରଙ୍କ ନାମକୁ ବାଦ୍ ଦେବା, ତାହା ପ୍ରଶାସନିକ ତ୍ରୁଟି ହେଉ କିମ୍ବା ବ୍ୟବସ୍ଥାଗତ ଡିଜାଇନ୍, ଗଣତନ୍ତ୍ରର ସବୁଠାରୁ ପବିତ୍ର ଅଧିକାର: ଭୋଟ୍ ଦେବାର ଅଧିକାର ଉପରେ ଆଘାତ କରେ।

ବ୍ୟକ୍ତିବିଶେଷଙ୍କୁ ଦୁଇଟି EPIC ନମ୍ବର ଦିଆଯାଇଥିବା ଅଭିଯୋଗ ମଧ୍ୟ ଏହି ଦ୍ୱନ୍ଦ୍ୱକୁ ବଢ଼ାଇ ଦେଇଛି, ଯାହା ବିଭିନ୍ନ ରାଜ୍ୟରେ ଏକାଧିକ ଭୋଟ୍ ଦେବାର ସମ୍ଭାବନା ସୃଷ୍ଟି କରିଛି। ଏପରି ଅନିୟମିତତାର ବିଚ୍ଛିନ୍ନ ଉଦାହରଣ ମଧ୍ୟ ନିର୍ବାଚନର ସ୍ୱଚ୍ଛତା ଉପରେ ଲୋକଙ୍କ ବିଶ୍ୱାସକୁ ହ୍ରାସ କରେ।

**ଆମଦାନୀ ହୋଇଥିବା ଭୋଟ୍: ଚକ ଉପରେ ଗଣତନ୍ତ୍ର**

ସବୁଠାରୁ ଆଶ୍ଚର୍ଯ୍ୟଜନକ ଅଭିଯୋଗ ମଧ୍ୟରେ ଥିଲା ନିର୍ବାଚନ ଦିନ ପୂର୍ବରୁ ହରିୟାଣା ଏବଂ ପଞ୍ଜାବରୁ ହଜାର ହଜାର ଲୋକଙ୍କୁ 'ସ୍ୱତନ୍ତ୍ର ଟ୍ରେନ୍'ରେ ବିହାରକୁ ନିଆଯିବା। ସମାଲୋଚକମାନେ ଦାବି କରନ୍ତି ଯେ ଘନିଷ୍ଠ ପ୍ରତିଦ୍ୱନ୍ଦ୍ୱିତାପୂର୍ଣ୍ଣ ନିର୍ବାଚନମଣ୍ଡଳୀରେ ଫଳାଫଳକୁ ପ୍ରଭାବିତ କରିବା ପାଇଁ ଏହି ବ୍ୟକ୍ତିମାନଙ୍କୁ ଅଣାଯାଇଥିଲା। ଶାସକ ମେଣ୍ଟର ସମର୍ଥକମାନେ ଏହାକୁ ସିଧାସଳଖ ଅସ୍ୱୀକାର କରି ଏହାକୁ ରାଜନୈତିକ ନାଟକ ଭାବରେ ଖାରଜ କରିଛନ୍ତି। କିନ୍ତୁ କଥାଟି ହେଉଛି: ଭୋଟର ଆମଦାନୀର ଧାରଣା ମଧ୍ୟ ଗଣତାନ୍ତ୍ରିକ ବୈଧତା ପାଇଁ ବିଷାକ୍ତ।

ତାହା ଯୋଜନାବଦ୍ଧ ହେଉ କିମ୍ବା କେବଳ ଆକସ୍ମିକ, ନିର୍ବାଚନ ହେବାକୁ ଥିବା ରାଜ୍ୟରେ ନିର୍ବାଚନ ଦିନ ପୂର୍ବରୁ ବୃହତ ଗୋଷ୍ଠୀର ଗତିବିଧି ସ୍ୱଚ୍ଛତା, ସ୍ପଷ୍ଟୀକରଣ ଏବଂ ବୋଧହୁଏ ପ୍ରତିରୋଧକ ତଦାରଖ ଆବଶ୍ୟକ କରୁଥିଲା। ଏହା ବଦଳରେ, ଏହା ପୂର୍ବରୁ ଉତ୍ତେଜନାପୂର୍ଣ୍ଣ ପରିବେଶରେ ଅବିଶ୍ୱାସର ଆଉ ଏକ ସ୍ତର ଯୋଡିଛି।

ଯାଞ୍ଚ ପରିସରରେ ରାଜ୍ୟ ଯନ୍ତ୍ରପାତି

ବିରୋଧୀ ଦଳ ଏବଂ ନାଗରିକ ସମାଜରୁ ଏକ ସ୍ୱର ଶାସକ ମେଣ୍ଟକୁ ରାଜ୍ୟ ଯନ୍ତ୍ରପାତି, ପ୍ରଶାସନିକ ପ୍ରଭାବ ଏବଂ ଆର୍ଥିକ ଶକ୍ତିର ଲାଭ ଉଠାଇ ନିର୍ବାଚନ ପରିବେଶକୁ ପ୍ରଭାବିତ କରିବାକୁ ଅଭିଯୋଗ କରିଛନ୍ତି। ଷ୍ଟ୍ରଙ୍ଗ୍-ରୁମ୍ ନିକଟରେ ସନ୍ଦେହଜନକ ଯାନବାହନ ଚଳାଚଳରୁ ଆରମ୍ଭ କରି CCTV ନିରୀକ୍ଷଣର କଥିତ ଅପବ୍ୟବହାର ଏବଂ ଗଣନା ସମୟରେ ଅସ୍ୱାଭାବିକ ପ୍ରବେଶ ପର୍ଯ୍ୟନ୍ତ, ବିବାଦଗୁଡ଼ିକ ଢେର ହୋଇଛି। (ଅବଶିଷ୍ଟାଂଶ ପୃଷ୍ଠା ୭ରେ)

କେଶଦୁରାପାଳ, କେନ୍ଦୁଝର- ୭୫୮୦୨୫
ମୋ: ୯୯୩୮୧୭୫୧୦୦

## ଆମ ସମୟର କବିତା.....

### ।। ଅସ୍ତିତ୍ୱ ।।

ସ୍ନିଗ୍ଧା ପଣ୍ଡା



ସେଠି ଜହ୍ନ ନ ଥାଏ
ତାରା ନ ଥାଏ
ଥାଏ ଖାଲି ନାଲି ବିନ୍ଦୁଟିଏ
କ୍ଷଣକରେ ଲିଭି ଯାଉଥିବା
ବିଜୁଳି ନ ଥାଏ
ଝରି ପାରୁଥିବା ମେଘ ନ ଥାଏ
ଥାଏ ଖାଲି
ମହାକାଶ ଅନ୍ଧାରର
ନିରବିଚ୍ଛିନ୍ନ ଶୂନ୍ୟତାଟିଏ ?
ଆସିବାର ଅଛି କେହି ପରି
ଭେଟି ନଥିବା ସମୟରୁ
ସେଇଠି ସେ ଜଗି ବସିଥାଏ ବାଟ
ନିଜର ଏକୁଟିଆ ପଣକୁ

ନିଜେ ଇ ଭୋଗିବାର
ଜଣିକିଆ ବଖରାରେ
ମଡଉଥାଏ ଗୋଟିଏ ମୁଣ୍ଡଳିକୁ
ନିବିଷ୍ଟ ଚିତ୍ତରେ
ନିଜକୁ ବୁଝେଇବା ପରି
ଯେଉଁଠି ଆରମ୍ଭ ସେଇଠି ବି ଶେଷ ?

ଚାରିପାଖର କୋଳାହଳ
ଭାଙ୍ଗି ପାରୁ ନ ଥାଏ
ବିରାଟ ବିସ୍ଫୋରଣରୁ ତିଆରି
ତାର ନିରବତାର ଦୁର୍ଗକୁ
ଅପରିସୀମ ପରିଧି ତାର
ବିସ୍ତୃତ ହେଉଥାଏ
ଅନ୍ତରରୁ ଅନନ୍ତ ଆଡ଼କୁ ?

ଫୁଟୁଥିବା ଫୁଲ ପାଖୁଡ଼ାରେ
ଶୁଖୁ ନ ଥିବା ଘା' ର ଦାଗକୁ ଲୁଚେଇ
ତମ ପାଇଁ

ଅମଳ କଲା ପରେ ଖରାର ଫସଲ
ତମେ ପୂରା ମନା କରି ଦେଇପାର
ଗୋଟେ ଅନଙ୍କିତ ଆକୃତିକୁ
ତାର ଅସ୍ତିତ୍ୱ କିନ୍ତୁ ସେମିତି ରହିଥାଏ
ଉପେକ୍ଷା କରି ତମ ବୁଝିବା ପଣକୁ ?

ଲହଣ୍ଡା, ବରଗଡ
ମୋ-୯୮୬୧୩୨୩୬୫୦

### ।। ଜୀବନ ସହ ।।



ଶ୍ରୀମନ୍ତ ପଣ୍ଡା

ଜୀବନର ଚଲାବାଟେ....
ଥରେ ଜୀବନକୁ ଭେଟିଲି
ଯିଏ ଅଜଣା ପଥରେ
ଆଗକୁ ହିଁ ଚାଲିଥିଲା....
କେବେ ପ୍ରଜାପତି ଡେଣାରେ ତ
କେବେ ଡହଡହ ଖରାରେ
ଆଉ କେବେ....
ଛାଇଆଲୁଅ ଖେଳ ଖେଳି
ମତେ ଡରାଉଥିଲା ।

ସେ ଖୋଜୁଥିଲା ଲକ୍ଷ୍ୟସ୍ଥଳ
ଥକୁଥିଲା ପାଦ ଶଙ୍କୁଥିଲା ମନ
ସେ କିନ୍ତୁ ଚାଲୁଥିଲା...
କେବେ ନଈ ପରି ଚଞ୍ଚଳ ତ
କେବେ ପାହାଡରେ ପିଟି ହେଉଥିଲା।

ସାହାସ ସଞ୍ଚି ଜୀବନକୁ ପଚାରିଲି
ଯାହାଦେଲୁ ସବୁ ଆଦରିଲି
ତୋ ସବୁ ସର୍ତ୍ତ ସହ ସାଲିସ୍ କଲି
ତୋ ପାଦଚିହ୍ନରେ ପାଦ ଥାପି
ଆଗକୁ ଚାଲିଛି
ତଥାପି ଏତେ ତାଗିଦ୍
ଏତେ ପରୀକ୍ଷା କାହିଁକି ଯେ ?

ଜୀବନ ଟିକେ ହସିଦେଲା
ଦି ଟୋପା ଲୁହ ଗଡିଗଲା ।

ସଂପାଦକ: ବାସ୍ତବ କଥା
(ମୋ) ୭୦୦୮୨୯୬୭୦୧

### ।। ଘୂର୍ଣ୍ଣିବାତ୍ୟା ।।

ଅନାଦି ସେଠୀ



ହେଇ ଦେଖ ଜଳୁଥିବା ଜଙ୍ଗଲ,
ଧୂଆଁରେ ଧୂଆଁରେ ଅନ୍ଧାର,
ପୋଡ଼ିବ ବୋଲି ପ୍ରଚାରରେ
ମାନବର ମନ ଆଜି ଶୂନ୍ୟ,
ପୃଥିବୀ କାନ୍ଦୁଛି ଲୁଚି ଛପି ।

ଦେଖିଲୁ କି କେବେ ଟିଭିରେ
ଜଳୁଥିବା ମାଟିର ଖବର,
କିଏ କହିଦେଲା—
"ଇଏ ଇନ୍ଦ୍ରଙ୍କ ଖେଳ, ପାଗରେ ବଦଳ,
ସମୟର ଦୋଷ"
କିନ୍ତୁ ଇଏ ସତ୍ୟ,
ଏ ସବୁ ହେଉଛି ତୁମର, ମୋର ଆମର
ଲୋଭର ଆଗୁନ ।

ସନ୍ଥ ପୋଷାକି ଆସିଥାନ୍ତେ
ପାପର ନାଶହେବ କହି,
ଧନୁରୁ ତୀର ଫିଙ୍ଗି, ଗଞ୍ଜେଇ ଚିଲମ ଫିଙ୍ଗି
ପ୍ରବଚନ ଆଲୋକରେ
ନିଜର କଳା କାର୍ନାମା ଲୁଚେଇଥାନ୍ତେ ।

କିନ୍ତୁ ଆମେ !
ସ୍ୱଇଚ୍ଛାରେ ନିଜ ମୂଳକୁ ନିଜେ କାଟୁଛୁ,
ଜୀବନକୁ ଖିନ୍ ଭିନ୍ କରୁଛୁ,
ଆଶାର ମାଟିକୁ ଅଙ୍ଗାର କରୁଛୁ ।

ଏହି ଘୂର୍ଣ୍ଣିବାତ୍ୟା
ପ୍ରକୃତିର ରୋଷ ନୁହେଁ,
ଏହା ଆମ ପାପର ପ୍ରତିଫଳନ,
ଆମେ ସଜାଇଥିବା ଆତ୍ମହତ୍ୟାର ପଥ ।

ମୁଁ ଏଥର ମନେ ମନେ ଭାବିଲି—
ସେଇ ଅଗ୍ନିରେ
ରାବଣ ନୁହେଁ ନିଜକୁ ପୋଡ଼ିବି,
ସତ୍ୟର ଆଲୋକରେ
ଉସ୍‌କାଇବି ମନୁଷ୍ୟତାର ମହକ,
ଅଗ୍ନିକୁ ପାଣିରେ, ପାପକୁ ସତ୍ୟରେ,
ବିପଦକୁ ଏକତାରେ ଜିତିବି,
ସୂର୍ଯ୍ୟଙ୍କ ମୁହଁକୁ ଦେଖାଇବି ହର୍ଜନ ।

ଅତିରିକ୍ତ ଆରକ୍ଷୀ ଅଧିକ୍ଷକ
ଖୋର୍ଦ୍ଧା (ମୋ) ୯୪୩୭୫୧୦୦୧୦

### ।। କିଛି କହିବାର ନାହିଁ ।।

ପୁସ୍ତମ ଯୁଆଡି



ସାମକୋଳ ଭିତରୁ ମୁକ୍ତା କାଢି
ତାକୁ ଆଉ ଦୁଃଖ କଣ ପଚାରନା
ପାରୁଛ ଯଦି ଫେରେଇ ଦିଅ
ମେଞ୍ଚେ ସ୍ନେହ ।

ଛାତି ତଳେ ଘର ତୋଳିଥିବା
ନିରୀହ ହୃଦୟକୁ ଫାଡ଼ି ଦିଅନା ।
ସେ ଗାଉଥିବା ବାସୁରୀ ସ୍ୱର
କାଳେ ତୁମକୁ ମୂର୍ଚ୍ଛିତ କରିପାରେ ।

ଏ ଭୂମା ତମର କି ଆମର ନୁହଁ
ହେଇପାରେ ତମର
ଆମର ବି, ତାକୁ ବଞ୍ଚିବାକୁ ଦିଅ
ଆକାଶ ଆମର ନୁହେଁ ବୋଲି
କେମିତି କହିବି.....
ଜାବୁଡି ଧରିଛି ପରା ଆମ ମାଁ କୁ ।

ଅଝଟ ଶିଶୁକୁ ପଚାର ସ୍ନେହ କଣ
ପାଞ୍ଚଟଙ୍କିଆ କୁରକୁରେ ପାଉଚ
ଧରିଥିବା ଛୁଆକୁ ପଚାର
ଖୁସିର ସଂଜ୍ଞା ଅନାୟାସରେ ପାଇବ ।

ହୁତୁହୁତିଆ ଖରାବେଳେ
ସେ କାହିଁକି ବାହାରେ
ତାକୁ ମନାକର କୃଷ୍ଣଚୁଡା ସଜବାଜ ଏବେ
ରଙ୍ଗ ବଦଳାଇପାରେ.....
ଏଇଦେଖ ସମୁଦ୍ରମାନେ ମୋ କତି ଧାଉଛନ୍ତି
ତୁଚ୍ଛାଟାରେ ବାଧା ଦିଅନା,
ତମ,ତାଙ୍କ, ଆମ ସମସ୍ତଙ୍କୁ ଆସିବେ
ଯାଉଯାଉ ଗଢ଼ି ଦେଇପାରନ୍ତି
ଲୁଣର ସହର, ଲୁହର ସହର ।

କଙ୍କିକୁ, ବେଙ୍ଗକୁ, ସାପକୁ ଖାଇବାକୁ ଦିଅ
ଖାଇଯାଆନ୍ତୁ ଗୋଟା ପୃଥିବୀ
କିଛି କହିବାର ନାହିଁ ।

ଭୁତିବାହାଲ, ଗାଇସିଲାଟ, ବରଗଡ଼
ମୋ-୬୩୭୧୪୧୯୩୩୪

# ସାହିତ୍ୟ ସଂଚରି ଯିବାର ଅନ୍ୟ ଏକ ମାଧ୍ୟମ, ସମ୍ବେଦନଶୀଳ ଲେଖା ହିଁ ତାର ପ୍ରମାଣ: ଅମରେନ୍ଦ୍ର ମାଧବ ଦାଶ

**ଅମରେନ୍ଦ୍ର ମାଧବ ଦାଶ** ଓଡିଆ କବିତା ଜଗତର ଜଣେ ଶ୍ରଦ୍ଧାଶୀଳ ବ୍ୟକ୍ତିତ୍ୱ । ଅସହାୟ ମଣିଷଙ୍କ ପାଖରେ ଠିଆ ହୋଇଯିବାର ଅସ୍ପର୍ଦ୍ଧା ରଖେ ତାଙ୍କ କବିତାର ଧାଡି । ଦ୍ୱନ୍ଦ୍ୱ ଓ ଦ୍ରୋହ, ଷଡ଼ଯନ୍ତ୍ର ଓ ହୀନମନ୍ୟତାର ପୃଷ୍ଠଭୂମିକୁ ଉଲ୍ଲେଖ କରିବାକୁ କବିତାରେ ସେ କରି ପାରନ୍ତି ଅନନ୍ୟ ପ୍ରୟାସ । "କବିତା ଏକ ମନ୍ତ୍ର, ଏକ ଉଚ୍ଚାରଣ । ସେ ଅନେକଙ୍କୁ ଆମୂଳଚୂଳ ପରିବର୍ତ୍ତନ କରିଦେବାର ଦକ୍ଷତା ରଖେ ବିନା କୌଣସି ପ୍ରତିଶ୍ରୁତିରେ" ବୋଲି କହୁଥିବା କବିଙ୍କ ସହ ସହ ଏଥରର ଆଳାପ...

ପ୍ରସ୍ତୁତି : ସୈରିନ୍ଧ୍ରୀ ସାହୁ



■ କବିତା କାହିଁକି ? କେମିତି ହୋଇଥିଲା ଆପଣଙ୍କ ସୃଜନର ଆଦ୍ୟସ୍ଫୁରଣ ?

■■ କବିତା ଯଦି କାହା ତୁଣ୍ଡରେ ଆହାର ଦେଇ ପାରୁନ, ଯଦି କାହାର ଦୁଃଖକୁ ଲାଘବ କରିପାରୁନି, ଯଦି ବ୍ୟବସ୍ଥା ଭିତରର ବ୍ୟବସ୍ଥାକୁ ଠଉରେଇ ପାରୁନି, ଯଦି ସତକୁ ସତ କହିବାରେ ଶବ୍ଦର ତାକତ ନାହିଁ, ଯଦି କେହି କବିତା ପଢ଼ି ଦଣ୍ଡେ ଉଦ୍‌ବେଳିତ ହୋଇପାରୁନି, ସେତେବେଳେ ଯଦି ପ୍ରଶ୍ନ କରାଯାଏ- କବିତା କାହିଁକି; ମୋର କହିବାରେ ଦ୍ୱିଧା ନାହିଁ ଯେ କବିତା ମୋ ପାଇଁ ଗୋଟେ ଆଶ୍ୱାସନା, ଗୋଟେ ନିବିଡ଼ ଆଶ୍ଳେଷ, କବିତା ମୋ ପାଇଁ ଜୀବନ । କବିତା ମୋ ପାଇଁ ଏକ ମନ୍ତ୍ର, ଏକ ଉଚ୍ଚାରଣ । ଯାହାକୁ ନେଇ ତଲ୍ଲୀନ ହୋଇପାରେ, ବିସ୍ମରି ଯାଇପାରେ ସଂସାରର କୋଟିଏ ଦୁଃଖ । ନଚେତ୍ ମୁଁ ଏ ପ୍ରଶ୍ନକୁ ନେଇ ଦ୍ୱନ୍ଦ୍ୱରେ ଅଛି ।

ଆଉ ଯାହା ସୃଜନ ସ୍ଫୁରଣ କଥା କହିଲେ ତାହା ତ ଉଲ୍ଲେଖନୀୟ ଚିରକାଳ । ଯେତେବେଳ କବିତା କ'ଣ ବୋଲି ଠିକ୍‌ସେ ଜାଣି ନଥିଲି, ସେତେବେଳକୁ ପଢ଼ି ସାରିଥିଲି ସାରୋଳା ଦାସ, ଜଗନ୍ନାଥ ଦାସ, ବଳରାମ ଦାସ, ଅନନ୍ତ ଦାସ, ଭୀମ ଭୋଇ, ବ୍ରଜନାଥ ବଡ଼ଜେନା, ଗୋପବନ୍ଧୁ ଦାସ, ଉପେନ୍ଦ୍ର ଭଞ୍ଜ, ଫକୀର ମୋହନ, ସୁରେନ୍ଦ୍ର, ଗଙ୍ଗାଧର ମେହେର, ରାଧାନାଥ ରଥ, ରାଧାମୋହନ ଗଡ଼ନାୟକ, ମାୟାଧର ମାନସିଂହ, ଅନନ୍ତ ପଟ୍ଟନାୟକ, ଗୁରୁପ୍ରସାଦ ମହାନ୍ତି, ସଚ୍ଚିଦାନନ୍ଦ ରାଉତରାୟଙ୍କର ବହି । ଏସବୁ ବହି ମୋ ପାଖକୁ ଆସିଥିଲା ସ୍ୱାଧୀନତା ସଂଗ୍ରାମୀ ତଥା ଜେଜେ ସୁରେନ୍ଦ୍ର ଦାଶଙ୍କ ସୂତ୍ରରୁ । ତେବେ ଏତେ ସବୁ ଭିତରେ ମୋତେ କାହିଁକି କେଜାଣି ଆକର୍ଷିତ କରିଚାଲିଥିଲା କବିତା। ପଢ଼ିବା ବେଳେ କବିତାକୁ ନେଇ ତଲ୍ଲୀନ ହେଇଯାଉଥିଲି ମୁଁ । ଭୋକ, ଶୋଷ ଭୁଲି ଯାଉଥିଲି କବିତାକୁ ନେଇ । ଧୀରେଧୀରେ କବିତାମୟ ହେଇ ଆସୁଥିଲା ମୋ ଆଖପାଖ।

■ ଆପଣଙ୍କ ସାରସ୍ୱତ ପ୍ରେରଣା କିଏ ? ସାହିତ୍ୟର ଆଦ୍ୟଗୁରୁ ଭାବେ ଆପଣ କାହାକୁ ସ୍ମରଣ କରିବେ ?

■■ ମୋ ଜନ୍ମମାଟି ତାଳଚେର । ସେଇ ହିଁ ମୋତେ ଦେଇଛି ପ୍ରେରଣା । କବିତା ଲେଖିବାକୁ ପ୍ରେରିତ କରିଛି ବାରମ୍ବାର । ମୋ ଭିତରର ଏକାକୀତ୍ୱକୁ ବୋହି ନେବାକୁ ଯୋଗାଇଛି ଇନ୍ଧନ । ଯେବେ ବି ଚୁପ୍‌ଚାପ ରହିଛି, କବିତା ମୋତେ ଦେଖାଇଛି ନୂଆ ରାସ୍ତା । ଢେର୍ କିଛିବାଟ କଢ଼େଇ ନେଇଛି ସିଏ । ହାତ ଧରି ଚିହ୍ନାଇଛି ଗହନଗହିର କବିତାର ରୂପରେଖ । ସାହିତ୍ୟର ଆଦ୍ୟଗୁରୁ କହିଲେ ମୋର ମନେହୁଏ ଗୀତା, ଭାଗବତ, ରାମାୟଣ, ଲକ୍ଷ୍ମୀପୁରାଣ, ମାର୍କଣ୍ଡେୟ ପୁରାଣ, ଦାର୍ଢ୍ୟତାଭକ୍ତି ଭଳି ପୁସ୍ତକ ମୋତେ ଅନୁପ୍ରାଣିତ କରିଛି ପିଲାବେଳୁ ।

■ କେମିତି ଥିଲା ସାହିତ୍ୟ ଜଗତରେ ପ୍ରଥମ ପ୍ରବେଶର ଅନୁଭୂତି ? ବର୍ତ୍ତମାନ ସୁଦ୍ଧା ଆପଣଙ୍କର କେତୋଟି ପୁସ୍ତକ ପ୍ରକାଶିତ ? ସେଥିମଧ୍ୟରୁ କେଉଁଟି ଆପଣଙ୍କର ପ୍ରିୟ ଓ କାହିଁକି ?

■■ ଯୁବରାଜ ଉଚ୍ଚ ବିଦ୍ୟାଳୟର ମୁଖପତ୍ର 'ବ୍ରାହ୍ମୀ'ରେ ୧୯୮୯/୯୦ ମସିହାରେ ପ୍ରକାଶିତ ହୋଇଥିଲା ମୋର ଏକ ପ୍ରବନ୍ଧ । କଟକରୁ ପ୍ରକାଶିତ ଦୈନିକ 'ମାତୃଭାଷା' ଓ ଖୋର୍ଦ୍ଧାରୁ ପ୍ରକାଶିତ ବାର୍ଷିକ ମୁଖପତ୍ର 'ଉଷା'ରେ ପ୍ରକାଶିତ ହୋଇଥିଲା ପ୍ରଥମ କବିତା । ତାଳଚେର ମହାବିଦ୍ୟାଳୟର ମୁଖପତ୍ର 'କଳାହୀରା'ରେ କବିତା ବାହାରିବା ପରେ କବିର ବାଜିଥିଲା ମୋହର । ପରକୁପର 'ପ୍ରଜାତନ୍ତ୍ର ସାପ୍ତାହିକ'ରେ ପ୍ରକାଶିତ ହୋଇଥିଲା କବିତା, ଯାହା ସାରା ରାଜ୍ୟରେ ମୋତେ ଦେଇଥିଲା କବିର ପରିଚୟ । ସେଇଠୁ ବଢ଼ିଥିଲା କଳାକଳା ଅକ୍ଷର ପ୍ରତି ମୋହ । ଧୀରେଧୀରେ ପ୍ରକାଶିତ ହୋଇଥିଲା ଅନେକ କବିତା । ବର୍ତ୍ତମାନ ସୁଦ୍ଧା ୭ଟି କବିତା ସଂକଳନ ପ୍ରକାଶିତ ହୋଇଛି । ମୋର ପ୍ରତ୍ୟେକ ସଂକଳନ ଅନ୍ୟ ସଂକଳନଠାରୁ ଭିନ୍ନ ଓ ଅନନ୍ୟ । ଜଣେ ସ୍ରଷ୍ଟା ପାଇଁ ସବୁବେଳେ ତାର ସୃଷ୍ଟି ଲାଗେ ଏକାନ୍ତ ନିଜର । ସେଇ ନ୍ୟାୟରେ ମୋତେ ବି ମୋର ପ୍ରତ୍ୟେକଟି ସୃଷ୍ଟି ଲାଗେ ଅନବଦ୍ୟ । ତେବେ ଆପଣଙ୍କ ପ୍ରଶ୍ନ ଅନୁଯାୟୀ କେଉଁଟି ପ୍ରିୟ ଓ କାହିଁକି କହିବା କାଠିକର ପାଠ । କାରଣ ସବୁ ବହି ପାଇଁ ରହିଛି ଭିନ୍ନଭିନ୍ନ ଅନୁଭୂତି । କିଛି ବହି ଦେଇଛି ରୁଗ୍‌ରୁଗ୍ ଯନ୍ତ୍ରଣା ତ କିଛି ବହି ଦେଇଛି ଅନନ୍ୟ ଆନନ୍ଦ। ଆଦ୍ୟ ଯୌବନରେ ଯେମିତି ପ୍ରଥମ କବିତା ବହି (୨୦୦୬) 'ତୋ ପାଇଁ'କୁ ହାତରେ ତୋଳିଧରି ତାଳଚେର ପୁସ୍ତକ ମେଳାରେ ଉନ୍ମୋଚିତ କରିଥିଲେ 'ଶ୍ରୀରାଧା'ର ପୂଜ୍ୟ ପ୍ରଣମ୍ୟ କବି ରମାକାନ୍ତ ରଥ । ତାହା କ'ଣ ଭୁଲି ହେବ ? ୨୦୨୧ ମସିହାରେ 'ଅଯୋଧ୍ୟା'କୁ କେତେ ଅନ୍ତରଙ୍ଗ ଭାବେ ଆଦରି ନେଇ ଲୋକାର୍ପିତ କରିଥିଲେ 'ବଂଶ'ର ପ୍ରଖ୍ୟାତ କବି ହରପ୍ରସାଦ ଦାସ । ଆଉ ରହିଲା ସର୍ବଶେଷ ପ୍ରକାଶିତ 'କବିତା ଧାଡ଼ି ବାହାରେ' କବିତା ବହିକୁ ଭଲ ପାଇବା ଅଜାଡ଼ି ଦେଇଥିଲେ ଅଗ୍ରଜ ଓ ପ୍ରିୟକବି ସୂର୍ଯ୍ୟ ମିଶ୍ର ଓ ସରୋଜ ବଳ । ସେମାନଙ୍କ ଭଲପାଇବା କଦାପି ଭୁଲିବାର ନୁହେଁ ।

## ■ ଅକ୍ଷରେ ସୌଭାଗ୍ୟବନ୍ତ ମହାରଣା



ନାମ - ଅମରେନ୍ଦ୍ର ମାଧବ ଦାଶ
ଜନ୍ମ ତାରିଖ - ୧୯୭୮
ବର୍ତ୍ତମାନର ଠିକଣା - ଜୟର ଶାସନ, ମନ୍ଦାରିଆ ପାଟଣା, ଲେନ-୨, ଜଗନ୍ନାଥପୁର, ଭୁବନେଶ୍ୱର, ଖୋର୍ଦ୍ଧ, ପିନ-୭୫୨୧୦୧,
ମୋ-୭୯୭୮୬୬୫୯୦୧

### ପ୍ରକାଶିତ କବିତା ପୁସ୍ତକ:

୧) 'ତୋ' ପାଇଁ' (୨୦୦୬ ଏବଂ ୨୦୦୯) (ଟିପ୍‌ଟପ୍)
୨) 'ଢେର ରାତି ହେଲାଣି' (୨୦୧୦) (ଟିପ୍‌ଟପ୍)
୩) 'କାନ୍ଦ କାନ୍ଦ ମଣିଷ' (୨୦୧୩ : ଓଡ଼ିଶା ସାହିତ୍ୟ ଏକାଡେମୀ ଦ୍ୱାରା ଯୁବ ପୁରସ୍କାର ପ୍ରାପ୍ତ ଓ ପ୍ରକାଶିତ)
୪) 'ଚିତ୍ର ଆଙ୍କୁଥିବା ପୁଅ' (୨୦୧୪: ଓଡ଼ିଶା ସାହିତ୍ୟ ଏକାଡେମୀ ଦ୍ୱାରା ପ୍ରକାଶିତ)
୫) 'ଶବ୍ଦ' (୨୦୧୭) (ଟିପ୍‌ଟପ୍)
୬) 'ଅଯୋଧ୍ୟା' (୨୦୨୧) (ପକ୍ଷୀଘର ପ୍ରକାଶନୀ)
୭) 'କବିତା ଧାଡ଼ି ବାହାରେ' (୨୦୨୪) (ଟାଇମପାସ୍)



ବରିଷ୍ଠ କବିମାନଙ୍କ ସହ କବି ଅମରେନ୍ଦ୍ର ମାଧବ ଦାଶ...

■ ଓଡ଼ିଆ ସାହିତ୍ୟର ସ୍ଥିତିଶୀଳତାକୁ ନେଇ କେତେ ଆଶାବାଦୀ ? କ'ଣ କଲେ ସାହିତ୍ୟ ସାଧାରଣ ଲୋକଙ୍କ ପାଖରେ ପହଞ୍ଚିପାରିବ ବୋଲି ଆପଣ ଭାବନ୍ତି ?

■■ ଓଡ଼ିଆ ସାହିତ୍ୟର ସ୍ଥିତିଶୀଳତାକୁ ନେଇ କୌଣସି ଦ୍ୱନ୍ଦ୍ୱ ରହିବା ଅନାବଶ୍ୟକ । କାରଣ ଓଡ଼ିଆ ସାହିତ୍ୟ ଏତେ ସମୃଦ୍ଧ ଯେ ତାହାକୁ ନେଇ ଆମେ ଗର୍ବ କରିପାରିବା । ଭାରତୀୟ ହେଉ ବା ବିଶ୍ୱ ସାହିତ୍ୟ କେଉଁ ଗୁଣରେ କମ ନୁହେଁ ଓଡ଼ିଆ ସାହିତ୍ୟ । ଅନ୍ୟ ଭାଷାଭାଷୀ ଲେଖା ପଢ଼ିଲା ପରେ ଏକଥା ଜଣେ ଭଲଭାବେ ଅନୁଭବ କରିପାରିବ । ଏବେ ବି ଓଡ଼ିଆ ସାହିତ୍ୟ ଅନ୍ୟ ଯେକୌଣସି ଭାଷାଭାଷୀରେ ଲେଖା ଯାଉଥିବା ସାହିତ୍ୟଠୁ ଢ଼େର ଉଚ୍ଚରେ । ତେଣୁ ସ୍ଥିତିଶୀଳତାକୁ ନେଇ ମୁଁ ସର୍ବଦା ଆଶାବାଦୀ।

ଆପଣଙ୍କ ପ୍ରଶ୍ନ- କ'ଣ କଲେ ସାହିତ୍ୟ ସାଧାରଣ ଲୋକଙ୍କ ପାଖରେ ପହଂଚିପାରିବ ? ସମୟ ବଦଳିବା ସହ ବଦଳିଛି ଆମ ଜୀବନଶୈଳୀ । ଟେକ୍ନୋଲୋଜି ଆମକୁ ମନୋରଂଜନର ନୂଆନୂଆ ମାଧ୍ୟମ ଯୋଗାଇଛି । ତେଣୁ ଭାଷା ସାହିତ୍ୟ ଓ ପାଠକୀୟତାରେ ଏକ ମଧ୍ୟାନ୍ତର ଆସିବା ଭଳି ପ୍ରତ୍ୟୟ ହେଉଛି କିଛି ବର୍ଷ ଧରି । ତେଣୁ ସାହିତ୍ୟକୁ ଲୋକାଭିମୁଖୀ ଓ ପଠନ ଉପଯୋଗୀ କରିବାକୁ ନୂଆ କୌଶଳ ଅବଲମ୍ବନ ଆବଶ୍ୟକ । ଏଥିପାଇଁ ଆମ ସମସ୍ତଙ୍କୁ ପ୍ରୟାସ କରିବାକୁ ପଡ଼ିବ । ରୋଜଗାରର ଭାଷା ଭାବେ ଓଡ଼ିଆକୁ ବ୍ୟବହାର କରିବାକୁ ହେବ । ଯେଉଁଥିରେ ସାମାଜିକ, ସାଂସ୍କୃତିକ ପଟ୍ଟଭୂମିକୁ ଗୁରୁତ୍ୱ ଦେବା ସହ ସାହିତ୍ୟିକ ବିଭବକୁ ପ୍ରାଧାନ୍ୟ ଦେବା ଜରୁରୀ । ଯାହା ଫଳରେ ସର୍ବସାଧାରଣ ଓତଃପ୍ରୋତ ଭାବେ ଜଡ଼ିତ ହୋଇ ରହିବେ ।

■ କୁହାଯାଉଛି ମାତୃଭାଷା ଏବେ ସଂକଟରେ, ଏଥିରୁ ମୁକ୍ତି ପାଇବାର ମାର୍ଗ ସାହିତ୍ୟକୁ ଆଧାର କରି କରାଯାଇ ପାରିବ କି ?

■■ ସତରେ କ'ଣ ଏମିତି ଏକ ସମୟରେ ଆମେ ଉପନୀତ ? ଯେଉଁଠି ଏକ ଭାଷାର ଦୁର୍ଗତି ଦେଖିବାକୁ ଆମେ ଅପେକ୍ଷାରତ । ଏମିତି କ'ଣ ସତରେ ହୁଏ ? ମୁଁ ଜାଣିନି । ଯେଉଁମାନେ ଶଙ୍କାଗ୍ରସ୍ତ, ଓଡ଼ିଆ ଭାଷାକୁ ନେଇ ଚିନ୍ତିତ ସେମାନେ ଜାଣିଥିଲେ ଜାଣିଥିବେ । ତାଙ୍କୁ ଏ ବିଷୟରେ ପଚରାଯାଉ । କାରଣ ମୁଁ ଜାଣେ ଆମ ଭାଷା ଯେତିକି ସମୃଦ୍ଧ, ଅନ୍ୟ କୌଣସି ଭାଷାଭାଷୀର ଭାଷା ସେତିକି ଉଚ୍ଚାଙ୍ଗ କି ସମୃଦ୍ଧ ବୋଲି ଅନୁଭବ କରିହୁଏନି । ଯଦି ଓଡ଼ିଆ ଭାଷାର ବ୍ୟବହାରରୁ ନେଇ କହୁଥା'ନ୍ତି ତାହା ଅଲଗା କଥା । ସେଥିପାଇଁ ନିଜଘରୁ ହିଁ ଭାଷା ଆନ୍ଦୋଳନ ଆରମ୍ଭ କରାଯିବା ଜରୁରୀ । ଓଡ଼ିଆ ଭାଷାକୁ ଦାପ୍ତରିକ ଓ ରୋଜଗାରର ଭାଷା ଭାବେ ବ୍ୟବହାର କରାଯିବା ଆବଶ୍ୟକ । ଘରଢ଼ିଙ୍କି କୁମ୍ଭୀର ହେଲେ ଚଳିବନି । ବାହାରେ ଓଡ଼ିଆ ଓଡ଼ିଆ ଭାଷାକୁ ନେଇ ଚିତ୍କାର କରି ଘରେ ଯଦି ଇଂରେଜ ଇଂରେଜ ହେବା ଏବଂ ଠିକ ଓଲଟା କାମ କରିବା, ସେତିକି ବେଳେ ଓଡ଼ିଆ ଭାଷା କଥା ଭୁଲି ନିଜକାମ କରିବା ଭଲ ।

■ ଭଲ କବିତାର ସଂଜ୍ଞା କ'ଣ ? ସାହିତ୍ୟ ମାଧ୍ୟମରେ କାହାର ମାନସିକତା ପରିବର୍ତ୍ତନ ସମ୍ଭବ କି ?

■■ ଭଲ କବିତାର ସଂଜ୍ଞା ଖୋଜିବାକୁ ମୁଁ କିଏ ? ମୋତେ ଯାହା ଭଲ ଲାଗେ ହୁଏତ ଅନ୍ୟକୁ ତାହା ଛୁଇଁନପାରେ । କିମ୍ବା ଅନ୍ୟକୁ ଯାହା ଛୁଇଁପାରେ ମୋତେ ତାହା ଭଲ ଲାଗି ନପାରେ । କିନ୍ତୁ କବିତା ତ ଏକ ଐଶ୍ୱରୀୟ ଅନୁଭବ । ସେ ତ ଅନେକ ଅଥୟ ଚିତ୍ତକୁ ଦେଇପାରେ ସାନ୍ତ୍ୱନା । ଅକଥନୀୟ ଯାତନାରୁ ମୁକ୍ତି ଦେବାକୁ ଦେଖାଇପାରେ ରାହା । ଏହାକୁ କ'ଣ କେହି ଅସ୍ୱୀକାର କରିପାରିବେ କି ? ସେହିପରି କାହାର ମାନସିକତା ପରିବର୍ତ୍ତନ କରିବା ପାଇଁ କବିତା କେବେ ବି ଠିକା ନେଇନି । କବିତା ତ ଏକ ମନ୍ତ୍ର, ଏକ ଉଚ୍ଚାରଣ । ସେ ଅନେକଙ୍କୁ ଆମୂଳଚୂଳ ପରିବର୍ତ୍ତନ କରିଦେବାର ଦକ୍ଷତା ରଖେ ବିନା କୌଣସି ପ୍ରତିଶ୍ରୁତିରେ ।

■ ଓଡ଼ିଆ ଭାଷା, ସାହିତ୍ୟର ଭବିଷ୍ୟତକୁ ନେଇ ଆପଣ କେତେ ଆଶାବାଦୀ ?

■■ ଏ ପ୍ରଶ୍ନ ପୁଣି କାହିଁକି ? ଓଡ଼ିଆ ଭାଷା ସାହିତ୍ୟ ସେପର୍ଯ୍ୟନ୍ତ ବିଶ୍ୱ ଦରବାରରେ ଝଟକିବ ଯେପର୍ଯ୍ୟନ୍ତ ସୂର୍ଯ୍ୟ, ଚନ୍ଦ୍ର, ଗ୍ରହ, ନକ୍ଷତ୍ର ଆକାଶରେ ରହିଥିବେ । ଆମର ଏତେଏତେ ପୋଥି, ପୁରାଣ, କାବ୍ୟ, କବିତା, ଗଳ୍ପ, ଉପନ୍ୟାସ, ସମାଲୋଚନା, ବ୍ୟଙ୍ଗ, ସିଏ କ'ଣ କାଳଗର୍ଭରେ ଲୀନ ହେଇଯିବ କି ? ଯଦି ନୁହେଁ, ତେବେ ମୋର ତିଳେମାତ୍ର ସନ୍ଦେହ ନାହିଁ ଓଡ଼ିଆ ଭାଷା ସାହିତ୍ୟକୁ ନେଇ।

■ ଲେଖକ ଜୀବନରେ ପୁରସ୍କାରର ଗୁରୁତ୍ୱ କେତେ ? ସାହିତ୍ୟ ମାଧ୍ୟମରେ କେଉଁ ବାର୍ତ୍ତାଟି ସମସ୍ତଙ୍କ ପାଖକୁ ଯାଉ ବୋଲି ଆପଣ ଚାହିଁବେ ?

■■ ଯେକୌଣସି କବି, ଲେଖକଙ୍କ ଜୀବନରେ ପୁରସ୍କାର ବେଶ୍ ଗୁରୁତ୍ୱବହନ କରେ । ଛୋଟ ହେଉ ବା ବଡ଼ ହେଉ, ପୁରସ୍କାର ମାନେ ପୁରସ୍କାର । ଏହା ଲେଖକକୁ ଆହୁରି ଯତ୍ନଶୀଳ ଓ ଦାୟବଦ୍ଧ କରାଏ ଲେଖିବାକୁ । ସଚେତନ ଲେଖକଟିଏ ପୁରସ୍କାରକୁ ନେଇ ବେଶୀ କିଛି ଉନ୍ମନା ହୁଏନି । ଅଥଚ ନିଜକୁ ଅଧିକ ମାତ୍ରାରେ ସର୍ଜନାତ୍ମକ କରାଏ । କିନ୍ତୁ ଯୋଗ୍ୟ ଲୋକଟିକୁ ପୁରସ୍କାର ଦେଲେ ସେଇ ପୁରସ୍କାର ମାନ ବଢ଼େ । ଫଳରେ ଯୋଗ୍ୟ ଲେଖକଟି ତା' ସାଧନାର ମୂଲ୍ୟପାଏ । ଏହା ତାକୁ ପ୍ରେରିତ କରେ । ଏଥିରେ କେହି ଦ୍ୱିମତ ହେବେନି ବୋଲି ମୋର ବିଶ୍ୱାସ । ଅନ୍ୟପଟେ ସାହିତ୍ୟ ତ ସଂଚରି ଯିବାର ଅନ୍ୟ ଏକ ମାଧ୍ୟମ । ସମ୍ବେଦନଶୀଳ ଲେଖା ହିଁ ତାର ପ୍ରମାଣ । ଯେଉଁଠି ପାଠକ ସହର୍ଷେ ଗ୍ରହଣ କରିନିଅନ୍ତି ସବୁକିଛି । ଏହାଠୁ ବଳି ବାର୍ତ୍ତା କ'ଣ ଥାଇପାରେ ?

♥♥



ସୁଖୀ ପରିବାର : ପତ୍ନୀ ଓ ଏକମାତ୍ର ପୁତ୍ରଙ୍କ ସହ କବି ଅମରେନ୍ଦ୍ର....






ପୁରସ୍କାର ଗ୍ରହଣ କରିବାର ମହାର୍ଘ ମୁହୂର୍ତ୍ତ...

ଧ୍ୱନି ପ୍ରତିଧ୍ୱନି

ବାଲେଶ୍ୱର, ରବିବାର,
୦୭ ଡିସେମ୍ବର ୨୦୨୫



# ମହାନ୍ ବିପ୍ଳବୀ - ବାଘା ଯତୀନ୍



## ଅକ୍ଷୟ କୁମାର ରାଉତ

ପ୍ରତି ଯୁଗରେ, ପ୍ରତି ଦେଶରେ ଦେଶପ୍ରେମୀଙ୍କର ଆର୍ବିଭାବ ଘଟେ। ଭାରତବର୍ଷର ଇତିହାସକୁ ଅନୁଶୀଳନ କଲେ ଅନେକ ଦେଶଭକ୍ତଙ୍କର ନାମ ଓ କାର୍ଯ୍ୟାବଳୀ ଦେଖିବାକୁ ମିଳେ। ଯେଉଁ କେତେ ଜଣ ଦେଶପ୍ରେମୀଙ୍କର ତ୍ୟାଗ ଉଜ୍ୱଳ ଦେଶପ୍ରେମରେ ଭାରତବର୍ଷର ଇତିହାସ ଋଦ୍ଧିମନ୍ତ ହୋଇଛି ସେମାନଙ୍କ ମଧ୍ୟରୁ ବିପ୍ଳବୀ ଯତୀନ୍ଦ୍ରନାଥ ମୁଖାର୍ଜୀ ଅନ୍ୟତମ। ଯାହାର କର୍ତ୍ତବ୍ୟବୋଧର ଭାବନାରେ ଯେଉଁ ଦେଶରେ ଜନ୍ମ, ଯାହାର ଶସ୍ୟ ଜଳ ଦ୍ୱାରା ସେ ପରିପୃଷ୍ଟ ଓ ବାୟୁରେ ଜୀବିତ ସେହି ଦେଶପ୍ରତି ତାଙ୍କର ପରମ ଶ୍ରଦ୍ଧା ଭକ୍ତି ରବିବା ବିଧେୟ। ସେହି ମହାନ ଦେଶପ୍ରେମୀଙ୍କର ଜନ୍ମ ପଶ୍ଚିମ ବଙ୍ଗଳାର ନଦିଆ ଜିଲ୍ଲା କାୟାଗ୍ରାମରେ ସମ୍ଭବତଃ ୧୮୭୯ ମସିହା ଡିସେମ୍ବର ୭ ତାରିଖରେ ହୋଇଥିଲା। ତାଙ୍କ ମା'ଙ୍କ ନାଁ ଶାରଦା ଶଶୀ ଦେବୀ ଓ ପିତାଙ୍କ ନାମ ଉମେଶ ଚନ୍ଦ୍ର ମୁଖାର୍ଜୀ।

ପିଲାଟି ଦିନରୁ ବାପାଙ୍କୁ ହରାଇ ମା'ଙ୍କ ଯତ୍ନରେ ସେ ବଢ଼ିଥିଲେ। ସେ ଦିନେ ଖେଳପଡିଆରୁ ଆସିବା ସମୟରେ କୁକୁରଟିକୁ ଦେଖି ଛାନିଆ ହୋଇଗଲେ। ତାଙ୍କ ପାଟି ଶୁଣି ମା କହିଲେ ତୁ ସାହସର ସହିତ ଛିଡା ହୋଇଯା ଦେଖିବୁ କୁକୁରଟି ହଟିଯିବ। ସେୟା ହେଲା କୁକୁରଟି ପଳାଇଗଲା। ମା ଯତୀନ୍‌କୁ ବୁଝାଇଦେଲେ ବିପଦ ଆସିଲେ ସାହାସର ସହିତ ତାର ମୁକାବିଲା କଲେ ବିପଦ ଟଳିଯିବ। ଦିନେ ଯତୀନ୍ ନଦୀରେ ଗାଧୋଇବା ବେଳେ ଜୁଆର ପାଣି ମାଡିଆସିଲା। ଯତୀନ୍ ନଦୀ ଭିତରେ ଏକ ବଡ ପଥର ଉପରକୁ ଉଠିଯାଇ କାନ୍ଦିବାକୁ ଲାଗିଲେ। ସାଙ୍ଗମାନେ ଯତୀନ୍‌ଙ୍କ ମା'କୁ ଡାକିଲେ। ମା କହିଲେ ମୋ ପୁଅ ଭାରି ସାହାସୀ, ସେ ନିଜେ ପହଁରି ପହଁରି କୂଳକୁ ଆସିବ। ଯତୀନ୍ ମା'ଙ୍କ କଥାରେ ପହଁରି ପହଁରି ନଦୀକୂଳକୁ ଆସିଲେ।

ଦିନେ ଯତୀନ୍ ସାଙ୍ଗମାନଙ୍କ ସହିତ ବଣଭୋଜି କରିବା ପାଇଁ ଜଙ୍ଗଲକୁ ଯାଇଥିଲେ। ସେଠାରେ ଗୋଟିଏ ହରିଣ ଛୁଆକୁ ସାଙ୍ଗମାନେ ଗୁଳି କରି ଧରିଆଣିଲେ। ଯତୀନ୍‌ଙ୍କର କିନ୍ତୁ ହରିଣ ଛୁଆଟି ପ୍ରତି ଦୟା ଆସିଲା। ସେ ହରିଣଟିକୁ ନମାରି ତାର ସେବା କରି ସୁସ୍ଥ କଲେ। ଦିନେ ଯତୀନ୍ ହରିଣ ଛୁଆଟିକୁ ଜଙ୍ଗଲରେ ଛାଡିଦେଲେ କିନ୍ତୁ ହରିଣଟି ଜଙ୍ଗଲକୁ ଗଲା ନାହିଁ। ସେ ଯତୀନ୍‌ଙ୍କ ପଛେ ପଛେ ତାଙ୍କ ଘରକୁ ପଳାଇଆସିଲା। ଦିନକର ଘଟଣା। ସାଙ୍ଗମାନଙ୍କ ସହିତ ଯତୀନ୍ ଜଙ୍ଗଲ ରାସ୍ତାରେ ଆସୁଥାନ୍ତି। ବାଘର ଗର୍ଜନ ଶୁଣି ସାଙ୍ଗମାନେ ଭୟରେ ଦୌଡି ପଳାଇଲେ। ବାଘଟି ଯତୀନ୍‌ଙ୍କ ଉପରକୁ ଝାମ୍ପ ମାରିଲା। ଉଭୟଙ୍କ ମଧ୍ୟରେ କିଛି ସମୟ ଲଢ଼େଇ ଚାଲିଲା। ଲଢ଼େଇରେ ବାଘଟି ମରିଗଲା। ଯତୀନ୍‌ର ସାଙ୍ଗମାନେ ଏ କଥା ଚାରିଆଡେ ପ୍ରଚାର କରିଦେଲେ। ସେହି ଦିନଠାରୁ ତାଙ୍କୁ ସମସ୍ତେ ଯତୀନ୍ ବଦଳରେ ବାଘାଯତୀନ୍ ବୋଲି କହିଲେ। ସେ ମା'ଙ୍କଠାରୁ ସାହାସିକତା ଓ ବିପଦବେଳେ ଧର୍ଯ୍ୟ ଧରିବା ଶିକ୍ଷା କରିଥିଲେ। ଇଂରେଜମାନଙ୍କର ଅତ୍ୟାଚାରରୁ ନିଜ ମାତୃଭୂମିକୁ ରକ୍ଷା କରିବାକୁ ସଦାସର୍ବଦା ଚେଷ୍ଟା କରିବୁ, ମା'ଙ୍କର ଏହି ପଦିକ କଥା ତାଙ୍କର ସବୁଦିନ ପାଇଁ ମନେଥିଲା। ରେଳଗାଡିରେ ଯାତ୍ରା ସମୟରେ ଯତୀନ୍ ସିଲିଗୁଡି ଷ୍ଟେସନରେ ଦେଖିଲେ ଚାରିଜଣ ଗୋରା ସୈନିକ ଝିଅବୋହୂମାନଙ୍କୁ ଅପମାନିତ କରୁଥାନ୍ତି। ଏହି ଘଟଣା ତାଙ୍କ ଦେହରେ ଗଲାନାହିଁ। ପାଣି ପିଇବା ପାଇଁ ଯତୀନ୍ ରେଳଗାଡିରୁ ଓହ୍ଲାଇଲା ବେଳେ ଜଣେ ସୈନିକ ତାଙ୍କୁ ଧକ୍କା ମାରିଦେଲେ। ଯତୀନ୍ ସାଙ୍ଗେ ସାଙ୍ଗେ ଚାରିଜଣ ସୈନିକଙ୍କୁ ଭଲଭାବରେ ମୁଥମାରି ତଳେ ପକାଇଦେଲେ। ସୈନିକମାନେ ଆଉ ସାହସ କଲେ ନାହିଁ ଲଢ଼ିବା ପାଇଁ ଯତୀନ୍‌ଙ୍କ ସହିତ।

ଯତୀନ୍ କ୍ରିଷ୍ଣାନଗର ଆଙ୍ଗୋଲ ଭରନାକୁଲାର ସ୍କୁଲରେ ପାଠପଢ଼ା ଶେଷ କରି କଲିକତା ସେଣ୍ଟ୍ରାଲ କଲେଜରେ ଫାଇନ୍ ଆର୍ଟସ୍ ପାଠ ପଢ଼ିଲେ। ତାଙ୍କର ବିଭାଘର ଇନ୍ଦୁବାଳା ବାନାର୍ଜୀଙ୍କ ସହିତ ହୋଇଥିଲା। ସେ ଚାରୋଟି ସନ୍ତାନର ଜନକ ହୋଇଥିଲେ। ଯତୀନ୍ ବଙ୍ଗଳା ସରକାରଙ୍କ ଅଧୀନରେ ଚାକିରିଟିଏ କରିଥିଲେ। ଏହି ସମୟରେ ବଙ୍ଗଳାରେ ପ୍ଲେଗ୍ ରୋଗ ଦେଖାଦେଲା। ବହୁ ଲୋକ ଏହି ରୋଗରେ ଆକ୍ରାନ୍ତ ହୋଇ ମୃତ୍ୟୁବରଣ କଲେ। ଲୋକଙ୍କ ସେବାରେ ଯତୀନ୍ ଲାଗିପଡିଲେ। ଏହି ସେବା ସମୟରେ ଯତୀନ୍, ଅରବିନ୍ଦ ଘୋଷ ପ୍ରଭୃତି କେତେଜଣ ଦେଶଭକ୍ତଙ୍କ ସହିତ ପରିଚିତ ହେଲେ। ସେମାନଙ୍କ ପରାମର୍ଶ ଅନୁଯାୟୀ ସେ 'ଯୁଗାନ୍ତର' ନାମରେ ଏକ କ୍ରାନ୍ତିକାରୀ ଦଳ ଗଠନ କଲେ। ଏହି ସଙ୍ଗଠନର ଲକ୍ଷ୍ୟ ହେଲା ଦେଶକୁ ସ୍ୱାଧୀନ କରିବା। ଇଂରେଜ ସରକାରଙ୍କୁ ଦେଶରୁ ତଡିବା। ଗୋରା ସରକାର ଅରବିନ୍ଦ ଘୋଷଙ୍କୁ ଗିରଫ କଲେ। ଆଲ୍ଲିପୁର କୋର୍ଟରେ ତାଙ୍କର ବିଚାର ଚାଲିଥାଏ। ଏହି ସମୟରେ ଇଂରେଜ ସରକାରଙ୍କ ଡେପୁଟି ସୁପରିଟେଣ୍ଡେଣ୍ଟ ଓ ସରକାରୀ ଓକିଲଙ୍କୁ ହତ୍ୟା କରାଗଲା। ଏହି ଦୋଷରେ ଯତୀନ୍‌ଙ୍କୁ ସରକାର ଗିରଫ କଲେ। କିଛି ଦିନପରେ ଯତୀନ୍ ଜେଲ୍‌ରୁ ମୁକ୍ତି ଲାଭକଲେ।

ପ୍ରଥମ ବିଶ୍ୱ ଯୁଦ୍ଧ ଚାଲିଥାଏ। ଏହି ସମୟରେ ଯତୀନ୍ ଦେଶପ୍ରେମୀମାନଙ୍କୁ ଏକଜୁଟ କଲେ। ଚତୁରତାର ସହିତ ଯତୀନ୍ ହାଓ୍ୱଡାରେ ଥିବା ଇଂରେଜମାନଙ୍କର ଅସ୍ତ୍ରଭଣ୍ଡାରରୁ ଅସ୍ତ୍ର ଚୋରାଇ ଆଣିଲେ। ଯତୀନଙ୍କୁ ପୋଲିସ୍ ଧରିବା



ପାଇଁ ଚାରିଆଡେ ଜାଲ ବିଛାଇଲା। ତେଣୁ ଯତୀନ୍ ପଞ୍ଜାବ ପଳାଇଲେ। ସେ ବର୍ମା, ସିଙ୍ଗାପୁର, ଜାଭା ଆଦି ବହୁ ସ୍ଥାନରେ ଲୋକମାନଙ୍କୁ ସ୍ୱାଧୀନତା ପାଇଁ ମତାଇଲେ। ଗୋରା ସରକାରଙ୍କ ସହିତ ଲଢ଼ିବା ପାଇଁ ଆସ୍ତ୍ରଶସ୍ତ୍ର ଆବଶ୍ୟକତା ଯୋଗୁ ସେ ଜର୍ମାନ୍ ଓ ଜାପାନ ସହିତ ସମ୍ପର୍କ ରଖିଲେ। ଜର୍ମାନରୁ ଅସ୍ତ୍ର ଆସିବା ଠିକ୍ ହେଲା। ଦେଶଭକ୍ତ ମାନଙ୍କୁ ଏକତ୍ରିତ କରି କାର୍ଯ୍ୟ କରିବା ପାଇଁ 'ହରି ଏଣ୍ଡସନ୍' ଓ ଶ୍ରମଜୀବୀ ସମବାୟ ଅନୁଷ୍ଠାନ ଏବଂ ବାଲେଶ୍ୱରରେ 'ୟୁନିଭର୍ସାଲ୍ ଏମ୍ପୋରିୟମ୍' ନାମକ ଅନୁଷ୍ଠାନ ସ୍ଥାପନ କରାଗଲା। ଜର୍ମାନରୁ ତିନୋଟି ଗୋଳାବାରୁଦ ବୋଝେଇ ଜାହାଜ ଭାରତକୁ ଆସିଲା। ମେଭ୍ରିକ୍ ଜାହାଜରୁ ଅସ୍ତ୍ରଶସ୍ତ୍ର ବାଲେଶ୍ୱର ଉପକୂଳରେ ଓହ୍ଲାଇବା ପାଇଁ ଯତୀନ୍ ଦାୟିତ୍ୱ ନେଲେ। ତାଙ୍କ ସହିତ ଯତୀନ୍ଦ୍ର ପାଲ ନରେନ୍ଦ୍ର ଦାସଗୁପ୍ତ, ମନୋରଞ୍ଜନ ସେନଗୁପ୍ତ, ଚିତ୍ତପ୍ରିୟ ରାୟ କପ୍ତିପଦା ଜଙ୍ଗଲରେ ସନ୍ନ୍ୟାସୀ ବେଶରେ ଲୁଚିକରି ରହିଥିଲେ। ଫ୍ରାନ୍ସ ସରକାର ମେଭ୍ରିକ୍ ଜାହାଜର ସନ୍ଧାନ ଇଂରେଜ ସରକାରଙ୍କୁ ଜଣାଇ ଦେବାରୁ ଯତୀନ୍‌ଙ୍କର ସମସ୍ତ ପରିଶ୍ରମ ବ୍ୟର୍ଥ ହେଲା। ମେଭ୍ରିକ୍ ଜାହାଜ ଉପରେ ଇଂରେଜମାନଙ୍କର ଚାରୋଟି ଜାହାଜ ଚଢ଼ଉ କରିଦେଲେ। ସାଙ୍ଗରେ ଆଣିଥିବା ସମସ୍ତ ଅସ୍ତ୍ରଶସ୍ତ୍ରକୁ ସେମାନେ ସମୁଦ୍ରରେ ଫୋପାଡିଦେଇ ଚାଲିଗଲେ। ଇଂରେଜ ସରକାର ଆନ୍ଦୋଳନକାରୀ ମାନଙ୍କର ଆନ୍ଦେଳନକୁ ଦମନ କରିବାକୁ ସବୁପ୍ରକାର ପନ୍ଥା ଅବଲମ୍ବନ କରୁଥାଆନ୍ତି। ସେମାନେ ଖବର ପାଇଲେ ଯେ କିଛି ଆନ୍ଦୋଳନକାରୀ ସନ୍ନ୍ୟସୀ ବେଶରେ କପ୍ତିପଦା ଜଙ୍ଗଲରେ ରହୁଛନ୍ତି। ସେମାନେ କାଳବିଳମ୍ବ ନକରି କପ୍ତିପଦା ଜଙ୍ଗଲକୁ ଚାରିପଟୁ ଘେରିଗଲେ। ଯତୀନ୍ ଓ ତାଙ୍କର ସାଥିମାନେ କୌଶଳରେ ଜଙ୍ଗଲରୁ ପଳାଇ ଯାଇ ରେଳଗାଡି ଯୋଗେ ଦୂରକୁ ପଳାଇଗଲେ। ବିପଦର ସୂଚନା ପାଇଁ ଯତୀନ୍ ଓ ତାଙ୍କର ସାଥିମାନେ ଚଳନ୍ତା ରେଳଗାଡିରୁ ଡେଇଁପଡିଲେ। ବୁଢ଼ାବଳଙ୍ଗ ନଦୀ କୂଳରେ ଥିବା ଚଷାଖଣ୍ଡ ଗାଁ ନିକଟରେ ଦୁଇଜଣ ଇଂରେଜ ଗୋଲାମ ସୁଦାମ ଗିରି ଓ ରାଜୁ ମହାନ୍ତି ଯତୀନ୍‌ଙ୍କୁ ଚିହ୍ନିପାରି ଇଂରେଜମାନଙ୍କୁ ଖବର ଦେଇଦେଲେ। କାଳ ବିଳମ୍ବ ନକରି ଇଂରେଜ ସରକାର ଚଷାଖଣ୍ଡ ଗାଁ ନିକଟ ଜଙ୍ଗଲକୁ ଘେରିଗଲେ। ଉଭୟଙ୍କ ମଧ୍ୟରେ ଚାଲିଲା ଘାମାଘୋଟ ଲଢ଼େଇ। ଯତୀନ୍ ଗୁଳିର ଜବାବ ଗୁଳିରେ ଦେଲେ। ଯତୀନ୍ ଓ ତାଙ୍କ ସାଙ୍ଗମାନଙ୍କ ଗୁଳିମାଡରେ ଇଂରେଜ ସୈନ୍ୟମାନେ ଛିନ୍‌ଛତ୍ର ହୋଇଗଲେ। ଇଂରେଜ ସୈନିକଙ୍କ ଗୁଳିରେ ଚିତ୍ତପ୍ରିୟ ଟଳିପଡିଲେ। ଯତୀନ୍ ଗୁଳିମାଡରେ ମୂର୍ଚ୍ଛା ହୋଇଗଲେ। ଇଂରେଜ ସୈନ୍ୟମାନେ ତାଙ୍କୁ ବାଲେଶ୍ୱର ଡାକ୍ତରଖାନାକୁ ନେଇଗଲେ। ଅତ୍ୟଧିକ ରକ୍ତସ୍ରାବ ଯୋଗୁ ଯତୀନ୍‌ଙ୍କ ସ୍ୱାସ୍ଥ୍ୟ ଖରାପ ହୋଇଗଲା। ସେ ପାଣି ପାଣି ବୋଲି ଚିତ୍କାର କଲେ। ଟେଗାର୍ଟ ସାହେବ ତାଙ୍କୁ ପାଣି ଦେବାରୁ ସେ ପାଣି ଫେରାଇ ଦେଇ କହିଲେ ଟେଗାର୍ଟ ସାହେବ ପାଣି ବଦଳରେ ତୁମେ କଣ ମୋ ଦେଶକୁ ଛାଡି ଚାଲିଯାଇପାରିବ। ମୋ ଦେଶବାସୀଙ୍କୁ ସ୍ୱାଧୀନତା ଫେରାଇ ଦେଇପାରିବ। ଟେଗାର୍ଟ ସାହେବ ଯତୀନ୍‌ଙ୍କର ଏଭଳି ଦେଶଭକ୍ତି ଦେଖି ନିରବ ରହିଲେ। ଶେଷରେ ୧୯୧୫ ମସିହା ସେପ୍ଟେମ୍ବର ମାସ ୧୦ ତାରିଖରେ ବିପ୍ଳବୀ ବାଘାଯତୀନ୍ ଭାରତମାତାଙ୍କୁ ପ୍ରଣାମ କରି ଶେଷ ନିଶ୍ୱାସ ତ୍ୟାଗକରି ସବୁଦିନ ପାଇଁ ଆଖି ବୁଜିଦେଲେ। ହେଲେ ଆଜି ବି ସେହି ମହାନ ବିପ୍ଳବୀଙ୍କର ବାଣୀ ଆମମାନଙ୍କ ହୃଦୟରେ ଗୁଞ୍ଜରିତ ହେଉଛି।

♥ ପାରାଦ୍ୱୀପଗଡ, କୁଜଙ୍ଗ,
ଜଗତ୍‌ସିଂହପୁର
ମୋ.- ୯୯୩୭୬୯୧୪୭୫

---

ଆଲୋଚନା...

# ଶିରୁଳୀ ମହାବୀର ମନ୍ଦିର



## ସୁଷମା ପରିଜା

ଶ୍ରୀକ୍ଷେତ୍ର ପୁରୀଠାରୁ ଉତ୍ତର ପୂର୍ବ ଦିଗରେ ମାତ୍ର ବତିଶି କିଲୋମିଟର ଦୂରରେ ଅବସ୍ଥିତ ଶିରୁଳି । ପୁରୀ ଠାରୁ ଭୁବନେଶ୍ୱର ରାସ୍ତାର ଆସିଲେ ଚନ୍ଦନପୁର। ଚନ୍ଦନପୁର ବଜାର ବାମ ପାର୍ଶ୍ୱରେ ମାତ୍ର ତେର କିଲୋମିଟର ଗଲେ ପଡ଼େ ଶିରୁଳୀ ମହାବୀରଙ୍କ ମନ୍ଦିର। ସୁନ୍ଦର ରାସ୍ତା । ମଝିରେ ମଝିରେ ଗାଁ । ରାସ୍ତାର ଉଭୟ ପାର୍ଶ୍ୱରେ ଧାନ କ୍ଷେତ। ବାଟ ସାରା ନଡ଼ିଆ ଗଛ ତାଳ ଗଛ ଭର୍ତ୍ତି, ଯେମିତି ସବୁଜ ଚାଦର ଘୋଡାଇ ହୋଇ ପ୍ରକୃତି ରାଣୀ ଶୋଇ ରହିଛି। ମନ୍ଦିର ମଝିରେ ବିସ୍ତୀର୍ଣ୍ଣ ଜଳାଶୟ। ସ୍ଥାନଟିକୁ ରଙ୍ଗ ବେରଙ୍ଗର ଫୁଲରେ ସଜେଇ ହେଇଛି ପ୍ରକୃତି ରାଣୀ। ଅତ୍ୟନ୍ତ ମନୋରମ ଏହି ମନ୍ଦିରର ପୁରୀ ଶ୍ରୀମନ୍ଦିର ସହିତ ଭାବଗତ ସମ୍ପର୍କ ରହିଛି।

ଗଙ୍ଗ ବଂଶର ସେ ରାଜା ତୃତୀୟ ଅନଙ୍ଗଭୀମ ଦେବ ( ରାଜତ୍ୱ କାଳ ଖ୍ରୀଷ୍ଟ ପୂର୍ବ ୧୨୧୨-୧୨୩୬) ଦ୍ୱାଦଶ ଶତବ୍ଦୀରେ ଏହି ମହାବୀର ମନ୍ଦିରଟି ନିର୍ମାଣ କରିଥିଲେ ବୋଲି ଇତିହାସ କହେ । ମନ୍ଦିରର ଗଠନ ମାଙ୍କଡା ପଥରରେ ପୀଢ ବିମାନ ଶୈଳୀରେ ହୋଇଛି। ମନ୍ଦିରଟି ବିମାନ, ଜଗମୋହନ, ନାଟ ମଣ୍ଡପ ଏବଂ ଭୋଗ ମଣ୍ଡପ ଏହି ଭଳି ଚାରି ଭାଗରେ ବିସ୍ତୃତ। ବିମାନ (ମନ୍ଦିରର ଚୂଡା)ଟି ଭୂମିପତନରୁ ପଚିଶି ଫୁଟ୍ ଉଚ୍ଚତାରେ ରହିଛି। ଭୂମି ଉପରୁ ଦୁଇ ଫୁଟ ଉଚ୍ଚତାରେ ଦଶ ଫୁଟ ଉଚ୍ଚତାର ଠିଆ ହୋଇଥିବା ଗୋଟିଏ ପଥରରେ



ଗଢ଼ା ବିଶାଳ ହନୁମାନଙ୍କର ମୂର୍ତ୍ତି । ତହିଁରେ ରହିଛି ରତ୍ନ ଜଡ଼ିତ ବୈଜୟନ୍ତୀ ମାଳା ଓ କର୍ଣ୍ଣରେ କୁଣ୍ଡଳ। ଦକ୍ଷିଣ ହାତରେ ଟେକି ଧରିଛନ୍ତି ଗନ୍ଧମାର୍ଦ୍ଦନ ପର୍ବତ, ବାମ ହସ୍ତରେ ରହିଛି ଗଦା, ମସ୍ତକରେ ରହିଛି ଶିବଲିଙ୍ଗ ଉପରେ ସପ୍ତଫେଣୀ ନାଗ । ଏହି ମୂର୍ତ୍ତିର ବିଶେଷତ୍ୱ ହେଲା ଏହାର ଆଖି ଦୁଇଟିରୁ ଗୋଟିଏ ଶ୍ରୀମନ୍ଦିରକୁ ଚାହିଁ ରହିଥିଲା ବେଳେ ଅନ୍ୟ ଆଖିଟି ସମୁଦ୍ର ଆଡକୁ ଶ୍ରୀଲଙ୍କାକୁ ଦୃଷ୍ଟି ଦେଇଛି। ଏହା ପୁଣି ହୃଦୟ ଚିରି ସେଥିରେ ରହିଥିବା ଶ୍ରୀରାମ ଲକ୍ଷ୍ମଣ ସୀତାଙ୍କ ମୂର୍ତ୍ତିକୁ ଦେଖାଉଥିବାର ଦୃଶ୍ୟମାନ ହେଉଛି। ଏହି ପଥର ଖୋଦେଇ ମୂର୍ତ୍ତିଟି ମୁରାସୁର ବଧ ସମୟର ବୋଲି କୁହାଯାଏ। ମୂର୍ତ୍ତିଟିର ବାମପଟେ ଖୋଦେଇ ହୋଇଛନ୍ତି ତାଙ୍କର ମାତା ଅଞ୍ଜନା । ଆସ୍ଥାନର ସମ୍ମୁଖ ଭାଗ ଦ୍ୱାରରୁ ବିସ୍ତୃତ ହୋଇଛି ଜଗମୋହନ। ଏହାର ଉଚ୍ଚତା କୋଡ଼ିଏ ଫୁଟ। ଦ୍ୱାର ମଧ ବନ୍ଧ ଉପରକୁ ପୂଜା ପାଉଛନ୍ତି ପଦ୍ମାସନ ସ୍ଥିତ ନବଗ୍ରହ। ଜଗମୋହନ ପରେ ପରେ ରହିଛି ଭୋଗ ମଣ୍ଡପ ଏବଂ ନାଟ ମଣ୍ଡପ।

ମହାବୀରଙ୍କ ପ୍ରିୟ ଖାଦ୍ୟ ଚୁଡା ଘସା ଯାହା ଏଠାରେ ପୂଜକ ମାନଙ୍କ ଦ୍ୱାରା ସଙ୍ଗେ ସଙ୍ଗେ ପ୍ରସ୍ତୁତ ହୋଇ ଭୋଗ କରାଯାଏ । ଏହି ଭୋଗ ଖୁବ୍ ଲୋକପ୍ରିୟ । ମନ୍ଦିରରେ ନିତ୍ୟ ନୈମିତ୍ତିକ ପୂଜା ବ୍ୟତୀତ ମକର ସଂକ୍ରାନ୍ତି, ଦଶହରା



ରାମନବମୀ ଦୋଳ ଉତ୍ସବ ମଧ ମହା ସମାରୋହରେ ପାଳିତ ହୋଇଥାଏ । ମନ୍ଦିରଟି ଭୋର୍ ପାଞ୍ଚ ପାଖରୁ ଖୋଲା ଯାଇ ରାତି ନଅଟା ପର୍ଯ୍ୟନ୍ତ ଭକ୍ତ ମାନଙ୍କ ଦର୍ଶନ ପାଇଁ ଉନ୍ମୁକ୍ତ ରହୁଛି କେବଳ ମଧାହ୍ନ ସମୟରେ ଦିନ ଗୋଟାଏଠାରୁ ତିନିଟା ଯାଏ ପହଡ଼ ବନ୍ଦ ରହୁଛି।

ସିରୁଳି ମହାବୀର ମନ୍ଦିର ସମ୍ବନ୍ଧରେ ଅନେକ ଗୁଡ଼ିଏ ଜନଶ୍ରୁତି ରହିଛି।

ରାମାୟଣରେ ସୀତା ଉଦ୍ଧାରଣ, ଲଙ୍କାର ରାଜା ରାବଣଙ୍କ ବଧର ସଫଳତା ପାଇଁ ପ୍ରଭୁ ଶ୍ରୀରାମ ତାଙ୍କର ଏକାନ୍ତ ଅନୁଗତ ଭକ୍ତ ହନୁମାନଙ୍କ ଅବଦାନକୁ ବାରମ୍ବାର ନିଜ ମୁଖରେ ସ୍ୱୀକାର କରିଛନ୍ତି। ପରବର୍ତ୍ତୀ ଯୁଗ ମାନଙ୍କରେ ଭକ୍ତ ଭାଗବାନଙ୍କ ଏହି ଅପୂର୍ବ ସମ୍ପର୍କ ଅନେକ ପ୍ରାଧାନ୍ୟ ପାଇଛି । ଏହି ମର୍ମରେ ପ୍ରଭୁ ଜଗନ୍ନାଥ ଏହି ଯୁଗରେ ଭକ୍ତ ହନୁମାନଙ୍କୁ ବିଶ୍ୱ ପ୍ରସିଦ୍ଧ ତାଙ୍କ ପୁରୀ ମନ୍ଦିରର ସୁରକ୍ଷା ଦାୟିତ୍ୱ ଦେଇଥିଲେ । ହନୁମାନ ମନ୍ଦିର ପାର୍ଶ୍ୱରେ ରହି ଏହି ସୁରକ୍ଷା ଦାୟିତ୍ୱ ନିଭାଉ ଥିଲେ । ହେଲେ ମହାବୀର ହନୁମାନ କିଛି ନିଦ୍ରା ଯାଆନ୍ତେ, ଖୁବ୍ ଘୁଙ୍ଗୁଡ଼ି ମାରିଲେ । ଏହି ଘୁଙ୍ଗୁଡ଼ି ଶବ୍ଦରେ ମା' ଲକ୍ଷ୍ମୀଙ୍କ ନିଦ୍ରାରେ ବ୍ୟାଘାତ ସୃଷ୍ଟି ହେଲା। ମା ଲକ୍ଷ୍ମୀ ଏହି ବିଘ୍ନର ସ୍ଥାୟୀ ସମାଧାନ ପାଇଁ ଜଗନ୍ନାଥଙ୍କ ପାଖରେ ଗୁହାରି କଲେ। ପ୍ରଭୁ ଜଗନ୍ନାଥ ମହାବୀରଙ୍କୁ ଅନୁରୋଧ କରି କହିଲେ, ମହାବୀର ହନୁମାନ ! ତୁମେ ମନ୍ଦିରରୁ କିଛି ଦୂରରେ ରହି ତୁମର ସୁରକ୍ଷା ଦାୟିତ୍ୱ ନିର୍ବାହ କର । ଭକ୍ତିର ସାଗର ଭକ୍ତ ବଜରଙ୍ଗୀ ପ୍ରଭୁଙ୍କ ଆଜ୍ଞା ପାଳନ କରି ମାତ୍ର ଅଢେଇ ପାହୁଣ୍ଡରେ ତିରିଶି ମାଇଲ ଦୂରରେ ଯେଉଁ ସ୍ଥାନରେ ପହଁଞ୍ଚିଲେ ଭକ୍ତ ମହାବୀର, ଯାହା ଏବେ ସିରୁଳୀ ନାମରେ ବିଖ୍ୟାତ । ପ୍ରଭୁଙ୍କ ନିର୍ଦ୍ଦେଶ କ୍ରମେ ମହାବୀର ସେଠାରେ ରହି ତାଙ୍କର ଦକ୍ଷିଣ ଚକ୍ଷୁରେ ଲଙ୍କା ଦେଶ ଆଡ଼କୁ ଓ ବାମ ଚକ୍ଷୁରେ ବଡ ଦେଉଳ ଆଡ଼କୁ ଚାହିଁଛନ୍ତି ।

ମହାବୀର ଏଠାରେ ଜୀବନ୍ତ ବୋଲି ସମସ୍ତଙ୍କ ବିଶ୍ୱାସ, କାରଣ ତାଙ୍କର ସର୍ବାଙ୍ଗରେ ମଳି ଜମି ଧିରେ ଧିରେ ଶିଉଳି ଧରିଯାଏ। ବର୍ଷକେ ଥରେ ଏହି ଶିଉଳି ସବୁ ପ୍ରଭୁଙ୍କ ଶ୍ରୀଅଙ୍ଗରୁ କାଢି ସଫା କରାଯାଏ । ଏହି ପୀଠରେ ମହାବୀରଙ୍କ ଦର୍ଶନ ପ୍ରାପ୍ତି ଦ୍ୱାରା ରିଷ୍ଟ ଖଣ୍ଡନ ହୁଏ ବୋଲି ଲୋକେ ଏଯାଏଁ ବିଶ୍ୱାସ କରନ୍ତି । ଜୟ ଶ୍ରୀ ଶିରୁଳୀ ମହାବୀର !!

♥ ଶାରଳା ଭବନ, ପୋତା
ପୋଖରୀ,କଟକ-୪
ମୋ:୯୩୩୭୨୭୨୬୪୭

---

# ବହ୍ନିମନ୍ତ

## ପୂଜା ପତ୍ରିକା ସମୀକ୍ଷା




**କାବ୍ୟଲୋକ**
ସମ୍ପାଦକ :
**ଭିକାରୀ ଧଳ**
ଠିକଣା : ୨୯୭୪, ଗ୍ୟାରେଜ ଛକ,
ଲୁଇସ୍‌ରୋଡ, (କେନାଲ ପାଖ)
ଭୁବନେଶ୍ୱର-୨
(ମୋ) ୯୪୩୭୨୮୩୯୦୭

"ଅନେକ ସାରସ୍ୱତ ମଣ୍ଡପରେ ଦେଖାଯାଉଛି ମାନପତ୍ର ଓ ଅଙ୍ଗବସ୍ତ୍ରର ଆଦାନ ପ୍ରଦାନ । ମଞ୍ଚସୀନ ଅତିଥିମାନଙ୍କର ଆୟୋଜକଙ୍କୁ ପ୍ରଶଂସାର ସ୍ୱର । ଏପରି ହେଉଛି କାହିଁକି ? ବାଲ୍ମୀକି ଓ ବ୍ୟାସଙ୍କ ସମୟରେ କ'ଣ ଏମିତି ବିକଳପଣ ରହିଥିଲା ସ୍ରଷ୍ଟା ମାନସରେ ? ସମ୍ମୁଖ ଓ ପଶ୍ଚାତ୍ ଭାଗକୁ ଦୃଷ୍ଟି ନଦେଇ କେବଳ ନିଜ ପାଦକୁ ଦେଖି କଣ ସଚରାଚର ଆକଳନ କରିହୁଏ ? ଯିଏ ସେପରି କରୁଛନ୍ତି ସେମାନେ କେତେ ମୂଢ଼ କହିଲେ ? ନିଜ ପ୍ରଶଂସା ନିଜେ କରିବା ବା ନିଜ ପାଇଁ ପ୍ରଶଂସାର ମଞ୍ଚଟିଏ ବାନ୍ଧିବା ହୀନକର୍ମ ନୁହେଁ କି ? ଏ ପ୍ରକ୍ରିୟା ଅର୍ଥ ରୋଜଗାର ପାଇଁ ଗୋଟେ ସହଜ ଉପାୟ ହୋଇପାରେ ମାତ୍ର ପରବର୍ତ୍ତୀ ସମୟରେ ଦେଇଥିବା ଓ ପାଇଥିବା ରଂଗୀନ କାଗଜ ଖଣ୍ଡିକର କି ଅବସ୍ଥା ହେବ ସେ କଥା ପ୍ରାପକ ଓ ଦାତା କେବେ ଭାବିଛନ୍ତି କି ? ନିଜ ପରିବାରରେ ଯଦି ସୃଷ୍ଟିର ଆଲୋଚନା କି ସମାଲୋଚନା କିମ୍ବା ପାଠକୀୟତା ନାହିଁ ତେବେ ଦେଶରେ ଆଶା କରିବା କିପରି ? ପ୍ରଥମେ ଭଲ ଲେଖକ ବା କବିଟିଏ ହେବା ସହିତ ଭଲ ମଣିଷଟିଏ ହେବା ବ୍ୟକ୍ତିଙ୍କୁ ଦରକାର" ବୋଲି ସମ୍ପାଦକୀୟ ବକ୍ତବ୍ୟ ରଖିଛନ୍ତି କାବ୍ୟଲୋକର ସମ୍ପାଦକ ଭିକାରୀ ଧଳ ମହୋଦୟ, ଯାହା ସମସ୍ତେ ଚିନ୍ତା କରିବାର ସମୟ ଉପନୀତ ବୋଲି ସ୍ୱୀକାର କରିବାକୁ ହେବ ।

ଏଥିରେ କାବ୍ୟାନୁଭବରେ ଡ. ମନୋରମା ବିଶ୍ୱାଳ ମହାପାତ୍ର, କାବ୍ୟଚର୍ଚ୍ଚାରେ ସଂଘମିତ୍ରା ମିଶ୍ର ଓ ରତ୍ନାକର ରାଉତ ଏବଂ ତପସ୍ୟାର ତପୋବନରେ କବି ହିମାଂଶୁ କୁମାର ପଟ୍ଟନାୟକଙ୍କ ସହ ସମ୍ପାଦକ ଭିକାରୀ ଧଳଙ୍କ ସାକ୍ଷାତକାର ପାଠକଙ୍କୁ ଭାବବିହ୍ୱଳ କରିବାରେ ସଫଳ । ବିମୁଗ୍ଧ ବାଙ୍ମୟତାରେ ନୃସିଂହ ତ୍ରିପାଠୀ, ହିମାଂଶୁ କୁମାର ପଟ୍ଟନାୟକ, ଅମରେନ୍ଦ୍ର ଖଟୁଆ, ସୌଭାଗ୍ୟବନ୍ତ ମହାରଣା, ହୃଷୀକେଶ ମଲ୍ଲିକ, ଅଶୋକ କୁମାର ମହାନ୍ତି, ରଂଜନ କୁମାର ଦାସ, ଡ. ଚିତ୍ତରଂଜନ ମିଶ୍ର, ରକ୍ଷକ ନାୟକ, ନିରାକାର ଦାସ, ଖଗେଶ୍ୱର ମହତାବ, ଡ. କମଳାକୃଷ୍ଣ ତ୍ରିପାଠୀ, ଅଶ୍ୱିନୀ ସୂତାର, କମଳ କୁମାର ମହାନ୍ତି, ସୁଶାନ୍ତ କୁମାର ନାୟକ, ଲକ୍ଷ୍ମୀ ନାରାୟଣ ହୋତା, ଦେବେନ୍ଦ୍ର କୁମାର ବାଉରୀ, ଅମିୟ ରଂଜନ ମହାପାତ୍ର, ଅଭୟ ନାରାୟଣ ବାରିକ, ଅରୁଣ କୁମାର ସାହୁ, ମିଳନ ମିଶ୍ର, କ୍ଷମାନିଧି ଭୋଇ, ଅକ୍ଷୟ ପାତ୍ର, ଦେବାଶୀଷ ଚକ୍ରବର୍ତ୍ତୀ, ଶ୍ରୀହରି ଧଳ, ଶୁଭନାରାୟଣ ସ୍ୱାଇଁ, ବିପିନ ମହାନ୍ତି ପ୍ରମୁଖଙ୍କ ଲେଖା ପ୍ରକାଶ ପାଇଥିବା ବେଳେ କାବ୍ୟ ଆଲୋଚନାରେ ଡ. ଦିଲ୍ଲୀପ କୁମାର ସ୍ୱାଇଁ, ଡ. ରଘୁନାଥ ମେହେର, ପ୍ରଫେସର ମଣୀନ୍ଦ୍ର ମେହେର, ଡ. ଗୌତମ ଜେନାଙ୍କ ଉପାଦେୟ ପ୍ରବନ୍ଧ ସ୍ଥାନିତ ହୋଇଛି ।

ବିମୁଗ୍ଧ ବାଙ୍ମୟତା (ନାରୀ ସ୍ୱର) ସ୍ତମ୍ଭରେ ନୀତା ବହିଦାର, ସୀମା ମିଶ୍ର, ଡ. ବିନୋଦିନୀ ପାତ୍ର, ସଂଯୁକ୍ତା ମହାନ୍ତି, ପୁଷ୍ପା ଧଳ ମହାପାତ୍ର, ସୈରିନ୍ଧ୍ରୀ ସାହୁ, ସବିତାରାଣୀ ବେହେରା, ସ୍ୱୟଂପ୍ରଭା ରଥ, ଡ. କଳ୍ପନା ମହାନ୍ତି, ସ୍ୱୟଂମ୍ବରା ପଟ୍ଟନାୟକ, ଭାନୁମତୀ ସାହୁ, କମଳା ଶତପଥୀ, ଡ. ସୁଷମା ମିଶ୍ର, ମମତାରାଣୀ ବେହେରା, ଡ. ଗୀତାଶ୍ରୀ ପ୍ରିୟମ୍ୱଦା, ଶୈବାଳିନୀ ସାହୁ, ଲତିକା ମହାପାତ୍ର, ସତ୍ୟପ୍ରିୟା ପଟ୍ଟନାୟକ, ବିଦ୍ୟୁତଲତା ଦାସ, ଜ୍ୟୋତ୍ସ୍ନାରାଣୀ ଭୋଇ, ଗୀତା ଷଡଙ୍ଗୀ, ସବିତା ବାରିକ, ଡ. ବିଜୟା ପାତ୍ର, ଶୋଭନା ଜେନା, ପ୍ରତିଭା ଦାସ, ମାଙ୍ଗଳିକ ଦାସ, ବେବିଲତା ଶତପଥୀ, ସରୋଜିନୀ ଜେନା, ଶୁଭଶ୍ରୀ ଧଳ, ଛବିରାଣୀ ପତି, ନିର୍ମଳା ମହାନ୍ତି ପ୍ରମୁଖଙ୍କ କବିତା ପ୍ରକାଶ ପାଇଛି । କାବ୍ୟ ବ୍ୟକ୍ତିତ୍ୱରେ ନଗେନ୍ଦ୍ର ନାଥ ପଟ୍ଟନାୟକଙ୍କ ଲେଖା ସ୍ଥାନିତ ହୋଇଛି । ଏତଦ୍ ବ୍ୟତୀତ କାବ୍ୟ ଆଲୋଚନା, ବିମୁଗ୍ଧ ବାଙ୍ମୟତା, ଗୀତି କବି ଓ କବିତା, କାବ୍ୟ ମୂଲ୍ୟାୟନ ଆଦି ନିୟମିତ ସ୍ତମ୍ଭ ପୂଜାସଂଖ୍ୟା କାବ୍ୟଲୋକକୁ ପରିପୁଷ୍ଟ କରିଛି । ପତ୍ରିକାଟି ୨୬୪ ପୃଷ୍ଠା ସମ୍ବଳିତ ହୋଇଥିବା ବେଳେ ଏହାର ପ୍ରଚ୍ଛଦ ଅତ୍ୟନ୍ତ ସୁନ୍ଦର ଲାଳିତ୍ୟସମ୍ପନ୍ନ ହୋଇଛି ।

ସବୁଥର ପରି ପରିଚ୍ଛନ୍ନ ପରିପାଟୀ, ସୁନିର୍ବାଚିତ ଲେଖା ବିଶେଷକରି କେବଳ କବିତା ଓ କବିତା ସମ୍ବନ୍ଧୀୟ ଆଲୋଚନା ଓ ସମୀକ୍ଷାକୁ ନେଇ ସମୃଦ୍ଧ ହୋଇଛି 'କାବ୍ୟଲୋକ' ପାଠକୀୟତା ହାସଲ କରିବାରେ ବେଶ୍ ସଫଳ । ♥

ସମୀକ୍ଷା :
ଧ୍ୱନି ପ୍ରତିଧ୍ୱନି ବ୍ୟୁରୋ

---

# ମନଗହନର କଥା...



ମୁଁ ପ୍ରଥମେ କବିତା ଲେଖୁଥଲି। ଲେଖୁ ଲେଖୁ ମୋ ଅଜ୍ଞାତରେ ଗଳ୍ପ ଲେଖୁବା ଆରମ୍ଭ କରିଦେଲି । ଗଳ୍ପ କାହିଁକି ଲେଖଲି ତାର ବଳିଷ୍ଠ ଯୁକ୍ତି ମୁଁ ଉପସ୍ଥାପନ କରିପାରିବିନି । ଗଳ୍ପ ସବୁ ଆପଣା ଛାଏଁ ମୋ ପାଖରୁ ଉତୁରୀ ଆସିଲେ । ଏପର୍ଯ୍ୟନ୍ତ ଅଙ୍ଗେ ନିଭେଇଥିବା କଥା, ମୋର ଆପଣାର ମଣିଷମାନଙ୍କ ସହ ବାଣ୍ଟିଥୁବା ଦୁଃଖ ସୁଖ, ସମୟ ସୁଅରେ ସାମ୍ନା କରିଥିବା ଘଟଣା ଦୁର୍ଘଟଣାଏସବୁ ମିଶି ମୋ ଭିତରଟାକୁ ଅନେକ ସ୍ପନ୍ଦିତ କରିଛନ୍ତି। ଅନେକ ସମୟରେ ମୁଁ ନିଜେ ଆନ୍ଦୋଳିତ ହୋଇଛି, ଉଦ୍‌ବେଳିତ ହୋଇଛି, ଉନ୍ମୁଖ ହୋଇଛି ଏବଂ ନିରାଶା ଭିତରେ ମ୍ରିୟମାଣ ବି ହୋଇଛି । ବହୁ ସମୟରେ ଏ ଜୀବନ, ଏ ମଣିଷ ଏବଂ ମାନବିକ ସ୍ନେହ ସମ୍ପର୍କ ବିଷୟରେ ଚିନ୍ତାକରି ନିଜକୁ ହଜେଇ ଦେଇଛି କେଉଁଠି ନା କେଉଁଠି। ସ୍ୱପ୍ନ ଦେଖିଛି, ସ୍ୱପ୍ନ ସବୁ ଭାଙ୍ଗି ଚୂରମାର ହୋଇଯିବାର ସାମ୍ନା ବି କରିଛି । ତଥାପି ବଞ୍ଚିବାଟାକୁ ସାଦରେ ଗ୍ରହଣ କରିଛି, ମଣିଷକୁ ଅମାପ ଭଲ ପାଇଛି ।




ମୋ ବିଶ୍ୱାସର ବଳୟ ଆଉ କାହାର ବିଶ୍ୱାସ ଘାତକତାର ନିଷ୍ଠୁର ଆକ୍ରମଣରେ ବାରଂବାର ଦୋହଲିଛି। ତଥାପି ନିଃସହାୟ ଭାବରେ ମୁଁ ସବୁ ମଣିଷକୁ ଭଲ ପାଇଛି। ଭଲପାଇବାର କୌଣସି ସର୍ତ୍ତକୁ ମୁଁ କେବେ ସ୍ୱୀକାର କରିନାହିଁ । ଏଇ ନିସର୍ତ୍ତ ଭଲ ପାଇବାହିଁ ମୋ ସାରସ୍ୱତ ସୃଷ୍ଟିର ଅନ୍ୟତମ ବଳିଷ୍ଠ କାରଣ ବୋଲି ମୋର ପ୍ରତ୍ୟୟ ହୋଇଛି ।

ପ୍ରୀତିଲଗ୍ନା ଓ ଅନ୍ୟାନ୍ୟ ଗଳ୍ପ (ଗଳ୍ପ ସଂକଳନ)ର ମୁଖବନ୍ଧରେ ଲିଖିତ...

- ଡ. ନୃପରାଜ ସାହୁ
♥ କଳାହାଣ୍ଡି

ଧ୍ୱନି ପ୍ରତିଧ୍ୱନି
ବାଲେଶ୍ୱର
ରବିବାର, ୦୭ ଡିସେମ୍ବର ୨୦୨୫

ସୁଚୟନ ସୁଚୟନ ସୁଚୟନ ସୁଚୟନ ସୁଚୟନ ସୁଚୟନ
ସୃଜନର ସୁରମ୍ୟ ସମ୍ଭାର

email : rabibarachayan2015@gmail.com

୭ ରବିବାର ଚୟନ ସାପ୍ତାହିକ କ୍ରୋଡ଼ପତ୍ର



# ମଧୁରୋକ୍ତି...( ୯ )

♥ ମଧୁମିତା ମିଶ୍ର

(ପୂର୍ବ ପ୍ରକାଶିତ ଉତ୍ତାରୁ) ଜଟାୟୁ ଆକାଶ ମାର୍ଗରେ ରାବଣ ମାତାଙ୍କୁ ନେଇ ଯାଉଥିବା ଲକ୍ଷ୍ୟ କରି ଦୌଡିଗଲେ ରକ୍ଷା କରିବାକୁ। ନିଜର ପ୍ରକାଣ୍ଡକାୟ ପକ୍ଷ ସାହାଯ୍ୟରେ ସେ ରାବଣର ଗତିରୋଧ କରିବାକୁ ପ୍ରୟାସ କଲେ। ରାବଣ ମଧ ଏପରି ଅଦ୍ଭୁତ ଯୋଦ୍ଧା ଦେଖି ଆଶ୍ଚର୍ଯ୍ୟ ହୋଇ ଯାଇଥିଲା। କିନ୍ତୁ ନିଜର ଚନ୍ଦ୍ରହାସ ଖଡଗ ବାହାର କରି ରାବଣ ଜଟାୟୁଙ୍କର ଡେଣା କାଟି ଦେଇଥିଲା। ସେତେବେଳେ ସେ ନାଚାର ହୋଇ ତଳେ ପଡି ଯାଇଥିଲେ। ସମୁଦ୍ର ଉପର ଦେଇ ରାବଣ ଚାଲି ଯାଉଥିବା ଦେଖିଥିଲେ ମଧ ସେ ଆଉ କିଛି କରି ପାରିନଥିଲେ। କିନ୍ତୁ ସେହିପରି କ୍ଷତାକ୍ତ ଅବସ୍ଥାରେ ସେ ତୁମର ପ୍ରତୀକ୍ଷା କରି ରହିଥିଲେ ଆଉ ତୁମରି ନାମ ଜପ କରି କରି ନିଜର ଶେଷ ନିଃଶ୍ୱାସ ଟିକକ ବଞ୍ଚାଇ ରଖିଥିଲେ।

ମାୟାମୃଗ ପଛରେ ଗୋଡ଼େଇ ଯିବା ସମୟରେ ତୁମେ ତାହାର ଗତି ପ୍ରତିହତ କରି ନପାରି ତା ଉଦ୍ଦେଶ୍ୟରେ ତୀର ସନ୍ଧାନ କରିଥିଲ।ଆଉ ଜୀବନ ହାରିବା ବେଳେ ମୃଗରୂପୀ ମାରୀଚ ବିକଳ ହୋଇ ଲକ୍ଷ୍ମଣଙ୍କୁ ବଞ୍ଚାଇବା ପାଇଁ ତୁମ ସ୍ୱରରେ ଚିତ୍କାର କରି ଡ଼ାକିଥିଲା। ତା ନିକଟକୁ ଯାଇ ତୁମେ ତାକୁ ମୁକ୍ତି ଦେଇଥିଲ। ସେତେବେଳକୁ ସେହି ବିକଳ ଡକାରେ ମାତା ବିଚଳିତ ହୋଇ ଲକ୍ଷ୍ମଣଙ୍କୁ ପଠେଇ ଦେଇଥିଲେ ଆଉ ନିଜେ ମଧ ରାବଣର କୁଚକ୍ରାନ୍ତର ଶିକାର ହୋଇ ଅପହୃତା ହୋଇ ସାରିଥିଲେ। ମାରୀଚ ମୃତ୍ୟୁ ସହିତ ସେହି ସ୍ଥାନକୁ ଲକ୍ଷ୍ମଣ ଆସି ପହଂଚି ଯାଇଥିବା ଦେଖି କିଛି ଅଘଟଣ ଘଟି ଯାଇଥିବା ଆଶଙ୍କା କରି ଦୌଡ଼ି ଗଲ କୁଟୀର ଆଡ଼କୁ...!!

ଶୂନ୍ୟ ପଡ଼ିଥିଲା କୁଡିଆ...!! ଭିକ୍ଷା ପାତ୍ର ତଳେ ଗଡୁଥିଲା। ଆଉ ଭିକ୍ଷା ପାଇଁ ଅଣା ଯାଇଥିବା ପଦାର୍ଥ ସବୁ ଚତୁର୍ଦ୍ଦିଗରେ ବିକ୍ଷିପ୍ତ ହୋଇ ପଡ଼ିଥିଲା। ବିକଳ ହୋଇ ତୁମେ ମାତାଙ୍କୁ ଚାରିଆଡ଼େ ଖୋଜିବାକୁ ଲାଗିଲ। ଲକ୍ଷ୍ମଣ ନିଜକୁ ଦୋଷ ଦେବାକୁ ଲାଗିଥିଲେ। ଖାଲି ପାଦରେ ଦୌଡ଼ି ଦୌଡ଼ି ବିକଳ ହୋଇ ତୁମେ ମାତାଙ୍କ ବିଷୟରେ ପଚାରୁଥିଲ।

ସଜୀବ ନିର୍ଜୀବ ସଭିଙ୍କଠାରୁ ବୋଧେ ଉତ୍ତର ଖୋଜୁଥିଲ...!!??

ଏତିକିବେଳେ ରାସ୍ତାରେ କ୍ଷୀଣ ସ୍ୱରରେ କାହାରି ଡାକ ତୁମ କାନରେ ପଡ଼ିଥିଲା।ଦେଖିଲା ବେଳେ ଗଭୀର କ୍ଷତ ନେଇ ମୃତ୍ୟୁ ସହିତ ସଂଗ୍ରାମ କରୁଥିବା ଜଟାୟୁଙ୍କୁ ତୁମେ ଭେଟିଥିଲ।ସେ ଯେପରି ତୁମ ଆସିବା ବାଟକୁ ହିଁ କେବଳ ଚାହିଁ ବସିଥିଲେ। ତୁମର ସ୍ପର୍ଶ ମାତ୍ରକେ ଜୀବନ ମୃତ୍ୟୁର ଯନ୍ତ୍ରଣା ସତେ ଯେପରି ଉଭେଇ ଯାଇଥିଲା ତାଙ୍କର। ସେ ମହାରାଜ ଦଶରଥଙ୍କ ବନ୍ଧୁ ଥିଲେ। ଏହି ଦୃଷ୍ଟିରୁ ମାତା ସୀତାଙ୍କୁ ସେ ନିଜର ପୁତ୍ରୀତୁଲ୍ୟ ମନେ କରୁଥିଲେ। ନିଜର ସମସ୍ତ ଚେଷ୍ଟା ସତ୍ତ୍ୱେ ମଧ ସେ ରାବଣକୁ ଅଟକାଇ ପାରି ନଥିବାରୁ ନିଜକୁ କ୍ଷମା ଦେଇ ପାରୁ ନଥିଲେ। ତୁମେ ଅତି ସ୍ନେହ ସହିତରେ ତାଙ୍କୁ ନିଜ କୋଳରେ ଆଶ୍ରୟ ଦେଇ ତାଙ୍କର ସବୁ କଷ୍ଟ ହରଣ କରି ନେଇଥିଲ।ମନର ଗ୍ଲାନି ସବୁ ମଧ କୁଆଡେ ଉଭାନ ହୋଇଯାଇଥିଲା। ଆଉ ସେ ଶାନ୍ତିରେ ତୁମ ନାମ ନେଇ ତୁମ ମୁଖ ଦର୍ଶନ କରି ମୃତ୍ୟୁକୁ ସ୍ୱୀକାର କରିବା ସହ ସ୍ୱର୍ଗଧାମକୁ ଯାତ୍ରା କରିଥିଲେ। ଧର୍ମ ମାର୍ଗରେ ଚାଲୁଥିବା ଭକ୍ତ ପାଇଁ ଏହାଠାରୁ ଅଧିକ ସୁଖଦ ଅନ୍ତ ଆଉ କଣ ବା ହୋଇପାରେ...!!?? କେବଳ ସେତିକି ନୁହେଁ ତୁମେ ଜଟାୟୁଙ୍କର ବିଧିବଦ୍ଧ ଶ୍ରାଦ୍ଧ ମଧ କରିଥିଲ। ଆଉ ଏକଥା କହିଥିଲ ଯେ ନିଜ ପିତାଙ୍କ ମୃତ୍ୟୁ ସମୟର ଅନୁପସ୍ଥିତି ତୁମକୁ ଅଶେଷ ଦୁଃଖ ଦେଇଥିଲା କିନ୍ତୁ ପିତାଙ୍କ ବନ୍ଧୁ ପ୍ରତି ନିଜର କର୍ତ୍ତବ୍ୟ ଟିକକ କରିପାରି ତୁମେ ନିଜକୁ ଭାଗ୍ୟବାନ ମନେ କରୁଛ।

ସତରେ ପ୍ରଭୁ...ବାତ୍ସଲ୍ୟଭରା ତୁମ ସ୍ନେହ ଆଗରେ ଦୁନିଆର ସବୁ ସୁଖ ଶାନ୍ତି ଧନ ଦୌଲତ ତୁଚ୍ଛ ହିଁ ଅଟେ...!!

ମାତା ସୀତାଙ୍କ ଅପହରଣ ବିଷୟ ଶୁଣିବା ପରେ ତୁମେ ଆହୁରି ବିଚଳିତ ହୋଇ ପଡ଼ିଥିଲ।କାରଣ ରାବଣ ତାଙ୍କୁ ନେଇ କେଉଁଆଡେ ଯାଇଥିଲା ସେକଥା କେହି ବି ଜାଣି ନଥିଲେ। ପରମପିତା ହୋଇ ମଧ ସାଧାରଣ ମନୁଷ୍ୟ ତୁଲ୍ୟ ତୁମର ଏ ପ୍ରକାର ଆଚରଣ ଜଣେଇ ଦିଏ ଯେ ତୁମେ ପ୍ରତ୍ୟେକ ଜୀବ ଭିତରେ ନିଜକୁ ଲୁଚେଇ ରଖିଛ ପ୍ରଭୁ। ସମସ୍ତଙ୍କ ଭାବାବେଗ ଅଚିରେ ବୁଝି ପାରୁଛ। ଆଉ ପ୍ରତ୍ୟେକ ପ୍ରାଣର ସ୍ପନ୍ଦନ ତୁମଠାରେ ହିଁ ବିଲୀନ ହୋଇ ଯାଇଛି...!! ହେ ସତ୍ୟସନ୍ଧ ପ୍ରଭୁ... ନିଜର ସନ୍ଧାନ ଜାରି ରଖି ତୁମେ ଯାଇ ପହଞ୍ଚିଥିଲ ଋଷି ମାତଙ୍ଗଙ୍କର ଆଶ୍ରମରେ...!! ଯେଉଁଠି ଭକ୍ତି ପ୍ରେମର ଆଉ ଏକ ରୋମାଞ୍ଚକର ଅଧ୍ୟାୟ ଲେଖା ହୋଇ ଯାଇଥିଲା ଇତିହାସ ଫର୍ଦ୍ଦରେ...!!

ସୁବାସିତ ଜଳ ଯନ୍ତ୍ରରେ ପକାଯାଇଥାଏ ଚାରିଆଡ଼େ...!! ସୁଗନ୍ଧିତ ପୁଷ୍ପ ସମ୍ଭାରରେ ଚତୁର୍ଦ୍ଦିଗ ମନଲୋଭା ଦେଖା ଯାଉଥାଏ। ଚନ୍ଦନ ଅଗୁରୁ ବାସ ସହିତ ଭକ୍ତିପୂତ ଝୋଟିଚିତା ମାତଙ୍ଗ ଋଷିଙ୍କ ଆଶ୍ରମର ଏକ କୁଡ଼ିଆକୁ ମହିମାମୟ କରି ଦେଉଥାଏ। ତୁମେ ଭାଇ ଲକ୍ଷ୍ମଣଙ୍କ ସହିତ ମାତାଙ୍କ ସନ୍ଧାନ କରୁ କରୁ ଆସି ସେଇଠି ପହଞ୍ଚି ଯାଇଥିଲ।

ଭକ୍ତ ଶିରୋମଣି ମାତା ଶବରୀ କେଜାଣି କେତେ କାଳୁ ତୁମକୁ ପ୍ରତୀକ୍ଷା କରି ରହିଥିଲେ...!! ମାତଙ୍ଗ ଋଷିଙ୍କ ଶିଷ୍ୟତ୍ୱ ଗ୍ରହଣ କରି ସେ ପ୍ରତ୍ୟେକ ଦିନ ବାଟ ଚାହିଁ ବସି ରହୁଥିଲେ ଯେ କେତେବେଳେ ତୁମେ ଆସିବ ଆଉ ତାଙ୍କୁ ଦର୍ଶନ ଦେବ। ଋଷି ନିଜର ମହାପ୍ରୟାଣ ସମୟରେ ତାଙ୍କୁ କହିଥିଲେ ଯେ ଦିନେ ନା ଦିନେ ତୁମେ ନିଶ୍ଚୟ ଆସି ତାଙ୍କୁ ଦେଖା ଦେବ। ତାଙ୍କ ଦୀର୍ଘ ତପସ୍ୟାର ଅନ୍ତ ହେବ। ଆଦ୍ୟ ଯୌବନରୁ ଆରମ୍ଭ କରି ପ୍ରୌଢ଼ ଅବସ୍ଥା ଯିବା ପରେ ବୃଦ୍ଧାବସ୍ଥା ସ୍ପର୍ଶ କରି ଆସିଥିଲା ଶବରୀ ମାତାଙ୍କୁ...!! ପମ୍ପା ନଦୀ ତୀରରେ ଥିବା ସୁସ୍ୱାଦୁ ଫଳଗଛ ମାନଙ୍କରୁ ବାଛି ବାଛି ସେ ଫଳସବୁ ଆଣନ୍ତି ଆଉ ଟୋକେଇରେ ସାଇତି ରଖନ୍ତି। ତୁମେ ନ ଆସିଲେ ସେ ତା ପରଦିନ ସେସବୁ ଫୋପାଡି ଦେଇ ପୁଣି ନୂଆ ଫଳ ତୋଳି ଆଣନ୍ତି। ଦିନ କି ଦୁଇଦିନ ନୁହେଁ... ମାସେ କି ଦୁଇମାସ ନୁହଁ ବରଂ ବର୍ଷ ବର୍ଷ ଧରି ସେହି ଗୋଟିଏ ଅଭ୍ୟାସ...ସେହି ଗୋଟିଏ ଆତୁରତା ଆଉ ସେହି ଏକା ପ୍ରତୀକ୍ଷା...!! ଶେଷରେ ସେଦିନ ତାଙ୍କ ଅଭିଳାଷ ପୂର୍ଣ୍ଣ ହୋଇଥିଲା। ଭକ୍ତପ୍ରାଣ ଦୀନବନ୍ଧୁ ସେଦିନ ଆସି ନିଜ ଚରଣ କମଳ ସ୍ପର୍ଶରେ ପାବନ କରିଥିଲ ଶବରୀ ମାତାଙ୍କ ଆଶ୍ରମକୁ...!!

ବୁଢ଼ୀ ଆଖିରେ ଆନନ୍ଦ ଅଶ୍ରୁ ଟିକକ ଆସୁ ଆସୁ ଖୁସିର ପବନରେ ଶୁଖି ଯାଇଥିଲା। କୋରଡରେ ପଶି ଯାଇଥିବା ଆଖି ଉଜ୍ଜ୍ୱଳ ହୋଇ ଉଠିଲା। ଶିଥୀଳ ହୋଇ ପଡିଥିବା ହାତ ଗୋଡ ସବୁ ଥରି ଥରି ଚଳ ଚଞ୍ଚଳ ହୋଇ ଉଠିଲେ। ତୁମ ଗଳାରେ ବିଜୟ ମାଳାଟିଏ ଲମ୍ବେଇ ଦେଇ ହାତ ଧରି ଶବରୀ ପାଛୋଟି ନେଇଥିଲେ କୁଟୀର ଭିତରକୁ...!!

ମାତାଟିଏ ଶିଶୁକୁ ଖୁଏଇଲା ପରି ଶବରୀ ତୁମକୁ ପାଖରେ ବସି ଖୁଏଇବାକୁ ଆରମ୍ଭ କଲେ। ଆଣିଥିବା ସବୁ ଫଳ ତ ସୁସ୍ୱାଦୁ ନୁହେଁ ନା...!! ତେଣୁ ସେ ଗୋଟିଏ ଗୋଟିଏ ଫଳ ଚାଖି ଦେଖୁଥିଲେ... ଯାହା ମିଠା ଆଉ ସ୍ୱାଦଯୁକ୍ତ ହୋଇଥିଲା ସେସବୁ ତୁମକୁ ଦେଇ ବାକି କଷା ପିତା ସବୁ ଆଡ କରି ଦେଉଥିଲେ...!! ଆଉ ତୁମେ ମଧ ଛୋଟ ଛୁଆଟିଏ ପରି ତାଙ୍କ ପାଖରେ ବସି ସେହି ଅଇଁଠା ଫଳ ସବୁକୁ ଅତି ଆନନ୍ଦରେ ଖାଇ ଚାଲିଥିଲ। ହେଲେ ଲକ୍ଷ୍ମଣ ଏସବୁ ଦେଖି ମନେ ମାନେ କ୍ରୋଧିତ ହୋଇ ଉଠୁଥିଲେ। ତାଙ୍କ ଭାଇ ସଚରାଚର ବିଶ୍ୱର ସ୍ୱାମୀ ସ୍ୱୟଂ ପ୍ରଭୁ ନାରାୟଣ ଅଟନ୍ତି। ଆଉ ତାଙ୍କୁ ଫେରେ ଶବରୀ ପରି ଏକ ନୀଚ ଜାତିର ବ୍ୟକ୍ତି ନିଜ ଅଇଁଠା ଦେଉଛନ୍ତି ଆଉ ପ୍ରଭୁ ତାକୁ ଆନନ୍ଦରେ ଖାଉଛନ୍ତି...!!?? ତୁମେ ଲକ୍ଷ୍ମଣଙ୍କ ମନୋଭାବ ବୁଝି ପାରି ମୁରୁକି ମୁରୁକି ହସି ତାଙ୍କୁ ମଧ କିଛି ଫଳ ଖାଇବାକୁ କହିଥିଲ। ହେଲେ ସେ ସମ୍ଭ୍ରମତା ସହିତ ଏଡାଇ ଯାଇଥିଲେ। ଅବଶ୍ୟ ସେଠାରୁ ବାହାରିବା ପରେ ତୁମେ ତାଙ୍କୁ ବୁଝେଇ ଦେଇଥିଲ ଯେ ତୁମେ କେବଳ ଭାବର ଠାକୁର।ଭାବରେ ଭକ୍ତିରେ ବନ୍ଧା। ଭକ୍ତ ତା'ର ସମର୍ପଣ ଭାବ ନେଇ ତୁମକୁ ଯାହାକିଛି ଅର୍ପଣ କରେ ତାହା ତୁମେ ଗ୍ରହଣ କରିଥାଅ...!! ଶବରୀ ମାତାଙ୍କ ପରି ଯେଉଁ ଭକ୍ତ ଜୀବନ ସାରା ତୁମ ଆସିବା ବାଟରେ ଆଖି ବିଛେଇ ବସିଥାଏ...ତୁମେ ତାକୁ କେବେ ମଧ ଦୂରେଇ ଦେଇନାହଁ..!!

ଧନ୍ୟ ତୁମେ ପ୍ରଭୁ... ଧନ୍ୟ ତୁମ ଭକ୍ତ ବତ୍ସଳତା...!!

ଶବରୀ ମାତାଙ୍କ ଉପଦେଶ କ୍ରମେ ସୀତା ସନ୍ଧାନ ପାଇଁ ତୁମେ ଋଷ୍ୟମୁଖ ପର୍ବତ ଅଭିମୁଖେ ବାହାରି ଥିଲ। ସେଇଠି ବାନରରାଜ ସୁଗ୍ରୀବ ତୁମର ସହାୟତା କରିବେ ବୋଲି ସେ ଜଣେଇ ଦେଇଥିଲେ। ଅତଏବ ତୁମେ ପୁଣି ନୂତନ ଆଶା ନେଇ ନିଜ ପ୍ରାଣପ୍ରିୟା ପତ୍ନୀଙ୍କ ସନ୍ଧାନରେ ବାହାରି ଯାଇଥିଲ...!!

(ଆରଥରକୁ)

♥ ଭୁବନେଶ୍ୱର
ମୋ: ୯୪୩୮୪୭୦୮୦୭

ଅନନ୍ୟା ଅତୁଳନୀୟା

# ବିଶ୍ୱାସଘାତକତା ପାଇଁ ନୋବେଲ ପୁରସ୍କାରରୁ ବଞ୍ଚିତା : ରୋଜାଲିଣ୍ଡ ଫ୍ରାଙ୍କଲିନ୍

ପ୍ରଦୀପ କୁମାର୍ ରାୟ





ସେ ଯେଉଁ ଫଟୋ ଉତ୍ତୋଳନ କରିଥିଲେ, ତାହା ସମ୍ପୂର୍ଣ୍ଣ ଭାବରେ ବିଜ୍ଞାନର ଇତିହାସ ବଦଳାଇ ଦେଇଥିଲା । ଅଥଚ ପୁରସ୍କାର ମଞ୍ଚ ଉପରକୁ ଯାଇ ପୁରସ୍କାର ଗ୍ରହଣ କରିଥିଲେ ଅନ୍ୟ ତିନିଜଣ ପୁରୁଷ - କିନ୍ତୁ ତାଙ୍କର ନାମ କେବଳ ଖୁବ୍ କ୍ଷୀଣ ଭାବରେ ଉଚ୍ଚାରଣ କରାଯାଇଥିଲା ସେହି ପୁରସ୍କାର ମଞ୍ଚ ଉପରେ । ରୋଜାଲିଣ୍ଡ ଫ୍ରାଙ୍କଲିନ୍ ଏଭଳି ଜଣେ ନାରୀ ଥିଲେ , ଯିଏ କରତାଳି କିମ୍ବା ପ୍ରଚାରର ଖାତିର କରୁନଥିଲେ। ତାଙ୍କର ଲକ୍ଷ୍ୟ ଥିଲା କେବଳ ନିଖୁଣ ଗବେଷଣା ଏବଂ ସତ୍ୟ ଉନ୍ମୋଚନ ।

୧୯୨୦ ମସିହା ଲଣ୍ଡନର ଏକ ଶିକ୍ଷିତ ଓ ସ୍ୱଚ୍ଛଳ ପରିବାରରେ ସେ ଜନ୍ମଗ୍ରହଣ କରିଥିଲେ। ପିଲାଦିନରୁ ଯୁକ୍ତି ଓ ଗଠନମୂଳକ କାମ ପ୍ରତି ତାଙ୍କର ଥିଲା ଅତ୍ୟଧିକ ଆଗ୍ରହ । ତାଙ୍କ ବୟସର ପିଲାମାନେ ଖେଳନା ଧରି ଖେଳରେ ମାତି ରହୁଥିବା ବେଳେ ସେ ଖେଳନା ଗୁଡିକୁ ଖୋଲି ତା ' ଭିତରେ କଣ କଣ ଅଛି ଦେଖୁଥିଲେ । ଥରେ ଆଙ୍ଗୁର ଗଭୀରକୁ ଛୁଞ୍ଚିଟିଏ ଗଳିଯିବା ପରେ ମଧ ସେ କାନ୍ଦିନଥିଲେ, ଚୁପଚାପ୍ ଚାଲି ଚାଲି ଡାକ୍ତରଖାନାରେ ପହଞ୍ଚି ଯାଇଥିଲେ । ତାଙ୍କର ଚିନ୍ତା ଭାବନା ଥିଲା ସବୁବେଳେ ଥଣ୍ଡା ମୁଣ୍ଡର, ପରିମିତ, ଯୁକ୍ତିସଂଗତ ।

ତାଙ୍କୁ ଯେତେବେଳେ ୧୫ ବର୍ଷ, ନିଷ୍ପତି ନେଲେ ଯେ ସେ ବିଜ୍ଞାନୀ ହେବେ । ବାପା ପ୍ରଥମେ ରାଜି ହେଲେ ନାହିଁ , ବାପାଙ୍କର ଧାରଣା ଥିଲା - ଏହା ଝିଅ ମାନଙ୍କର ପେଶା ନୁହେଁ । ତେବେ ପରିବାରର ଅନ୍ୟ ମାନଙ୍କର ଚାପରେ ବାପା ଶେଷରେ ରାଜି ହୋଇଥିଲେ । ତାପରେ ରୋଜାଲିଣ୍ଡ ଇଂଲଣ୍ଡର କେମ୍ବ୍ରିଜକୁ ଗଲେ ସ୍ୱପ୍ନ ପୂରଣ କରିବା ପାଇଁ । ସେଠାରେ ତାଙ୍କର ପ୍ରତିଭାର ଯଥାର୍ଥ ବିକାଶ ଘଟିଲା ।

ଦ୍ୱିତୀୟ ବିଶ୍ୱଯୁଦ୍ଧ ଆରମ୍ଭ ହେବା ଫଳରେ ତାଙ୍କୁ ଘରକୁ ଫେରି ଆସିବାକୁ ପଡ଼ିଥିଲା । କିନ୍ତୁ ଘରକୁ ଫେରି ସେ ବସି ରହିନଥିଲେ । ପ୍ରତିଦିନ ସାଇକେଲ ଧରି ବୋମା ବର୍ଷଣକୁ ଖାତିର ନକରି ଲ୍ୟାବକୁ ଯାଉଥିଲେ । British Coal Utilisation Research Association-ର ଗବେଷଣାରେ ସେ କାର୍ବନ୍ ସମ୍ପର୍କରେ ନୂତନ ଧାରଣା ଦେଇ ମାତ୍ର ୨୫ ବର୍ଷ ବୟସରେ ଅର୍ଜନ କରିଥିଲେ P .hd. ଡିଗ୍ରୀ ଏବଂ କଠୋର, ନିର୍ଭୁଲ , ଗବେଷଣା ପାଗଳୀ ବିଜ୍ଞାନୀ ଭାବରେ ଅଚିରେ ହିଁ ପରିଚିତ ହୋଇଥିଲେ ବିଜ୍ଞାନୀ ମହଲରେ ।

ପରବର୍ତ୍ତୀ ସମୟରେ ପ୍ୟାରିସ୍ କୁ ଯାଇ ଶିକ୍ଷା ଲାଭ କରିଥିଲେ X-ray crystallography- ଦ୍ୱାରା ଅଣୁର ଗୋପନ ଗଠନକୁ ଫଟୋ ମାଧ୍ୟମରେ ଧରି ରଖିବାର କୌଶଳ । ଖୁବ୍ ଦ୍ରୁତ ଏହି କାମରେ ସେ ଶ୍ରେଷ୍ଠ ବିଜ୍ଞାନୀ ତାଲିକାରେ ନିଜକୁ ସାମିଲ କରି ପାରିଥିଲେ । ତାପରେ ସେ ଲଣ୍ଡନର King's College ରୁ DNA ସମ୍ପର୍କରେ ଗବେଷଣା ପାଇଁ ନିମନ୍ତ୍ରିତ ହୁଅନ୍ତି ।

୧୯୫୨ ମସିହାରେ ଅସଂଖ୍ୟ ଉଜାଗର ରାତିର ପରିଶ୍ରମ ଏବଂ ଯନ୍ତ୍ରର ନିଖୁଣ ନିର୍ବାଚନ ଓ ବ୍ୟବହାର - ସବୁକିଛିର ସମନ୍ୱୟରେ ସେ ତୋଳି ପାରିଥିଲେ ଯୁଗାନ୍ତକାରୀ DNA-ର ଏକ ଅସାଧାରଣ ସ୍ୱଚ୍ଛ X-ray ଫଟୋ , Photo ୫୧ ନାମରେ ଯାହା ବିଖ୍ୟାତ । ଏହି ଫଟୋରେ ହିଁ ପ୍ରଥମଥର ପାଇଁ ପରିଷ୍କାର ଭାବରେ ଧରା ପଡିଥିଲା DNA -ର ଭିତରର ସର୍ପିଳ ଆକୃତିର ଗଠନ ।

କିନ୍ତୁ ସେ ସ୍ୱପ୍ନରେ ଶୁଦ୍ଧା କେବେ କଳ୍ପନା ମଧ କରିନଥିଲେ ଯେ ତାଙ୍କର ସହକର୍ମୀ ମରିସ୍ ଉଇଲକିନ୍ସ, ସେହି ଫଟୋ ଗୋପନରେ ନେଇ ଦେଖାଇବେ କେମ୍ବ୍ରିଜର ଦୁଇଜଣ ବିଜ୍ଞାନୀ ଜେମସ୍ ଓ୍ୱାଟସନ୍ ଓ ଫ୍ରାନ୍ସିସ୍ କ୍ରିକ୍‌ଙ୍କୁ । ଫଟୋକୁ ଦେଖିବା ମାତ୍ରେ ସେମାନେ ଜାଣିପାରନ୍ତି ଯେ, ଏତେଦିନ ଧରି ସେମାନେ ଯେଉଁ ତଥ୍ୟ ଖୋଜୁଥିଲେ, ତାହା ସହଜରେ ପାଇ ଯାଇପାରିବେ । ରୋଜାଲିଣ୍ଡଙ୍କ ଫଟୋ , ତାର ମାପ , ତାର ନୋଟ୍ ବ୍ୟବହାର କରି ସେମାନେ DNA -ର ଡବଲ ହେଲିକ୍ସ ମଡେଲ ତିଆରି କରନ୍ତି । ୧୯୫୩ ମସିହାରେ Nature ପତ୍ରିକାରେ ସେମାନଙ୍କର ପ୍ରବନ୍ଧ ପ୍ରକାଶିତ ହେବା ସାଙ୍ଗେ ସାଙ୍ଗେ ସମଗ୍ର ବିଶ୍ୱର ଧାରା ବଦଳି ଗଲା ଏକ ନୂତନ ଦିଗରେ । କିନ୍ତୁ ଯାହାଙ୍କ ପାଇଁ ଏହି ପରିବର୍ତ୍ତନ ସମ୍ଭବ ହୋଇଥିଲା ସେହି ରୋଜାଲିଣ୍ଡଙ୍କ ଅବଦାନର କଥା ସେଠାରେ କେବଳ ଉଲ୍ଲେଖ କରାଯାଇଥିଲା ଖୁବ୍ କ୍ଷୀଣ ଭାବରେ ।

ତଥାପି ସେ ହତାଶ ହୋଇ ଭାଙ୍ଗି ପଡିନଥିଲେ । ବିର୍କବେକ୍ କଲେଜକୁ ଯାଇ ଆରମ୍ଭ କରିଥିଲେ ଭାଇରସ୍ ନେଇ ଏଭଳି ଗବେଷଣା, ଯାହା ଆଜି ବିଜ୍ଞାନରେ ଖୁବ୍ ଗୁରୁତ୍ୱପୂର୍ଣ୍ଣ । ଏହି ଗବେଷଣା ବେଳେ ସେ ବାରମ୍ବାର ଅସୁସ୍ଥ ହୋଇ ପଡୁଥିଲେ ।୧୯୫୬ ମସିହାରେ ଜଣାଗଲା ଯେ ତାଙ୍କୁ ଓଭାରିଆନ୍ କ୍ୟାନ୍ସର ହୋଇଛି । ଡାକ୍ତରମାନଙ୍କ ମତରେ, ଦୀର୍ଘଦିନ ବିକିରଣ ଭିତରେ କାମ କରିବା ଫଳରେ ତାଙ୍କ ଶରୀରରେ ଏହି ମରଣାନ୍ତକ ରୋଗ ବସା ବାନ୍ଧିଥିଲା।

୧୯୫୮ ମସିହା ଏପ୍ରିଲ ମାସ ୧୬ ତାରିଖ ଦିନ ମାତ୍ର ୩୭ ବର୍ଷ ବୟସରେ ସେ ମୃତ୍ୟୁବରଣ କରିଥିଲେ । ଆଉ ତାର ଠିକ୍ ଚାରିବର୍ଷ ପରେ ନୋବେଲ ପୁରସ୍କାର ପାଇଲେ ଓ୍ୱାଟସନ୍, କ୍ରିକ୍ ଏବଂ ଉଇଲକିନ୍ସ । ରୋଜାଲିଣ୍ଡ ସେତେବେଳେ ଇତିହାସର ପୃଷ୍ଠାରେ ଏକ ଉପେକ୍ଷିତ ଉପସ୍ଥିତି ମାତ୍ର ।

କିନ୍ତୁ ଆଜି ପରିସ୍ଥିତି ବଦଳି ଯାଇଛି । ବିଜ୍ଞାନୀମାନେ ସ୍ୱୀକାର କରିଛନ୍ତି ଯେ ଉଘଇ ଗଠନର ରହସ୍ୟ ଉଦ୍ଘାଟନରେ ରୋଜାଲିଣ୍ଡ ଫ୍ରାଙ୍କଲିନ୍‌ଙ୍କର ଅବଦାନ ଅନସ୍ୱୀକାର୍ଯ୍ୟ । ବିଶ୍ୱର ନାନା ଗବେଷଣା କେନ୍ଦ୍ର, ବିଜ୍ଞାନଭବନ , ବିଶ୍ୱବିଦ୍ୟାଳୟରେ ତାଙ୍କର ନାମ ଆଜି ଯଥେଷ୍ଟ ସମ୍ମାନର ସହିତ ଲେଖା ହେଉଛି ।

ନୋବେଲ ପୁରସ୍କାର ପ୍ରଦାନ ମଞ୍ଚ ଉପରକୁ ନ ଚଢ଼ି ମଧ ସେ ଯାହା ଦେଇ ଯାଇଛନ୍ତି - ସମଗ୍ର ବିଶ୍ୱ ନ ଚାହିଁଲେ ବି ତାହା ମନେ ରଖିବାକୁ ବାଧ। କୋଷ ଭିତରେ ଜୀବନର ଗୋପନ ନକ୍ସା ପ୍ରଥମେ ଯଦି କେହି ଦେଖିଥାନ୍ତି, ସେ ହେଉଛନ୍ତି ରୋଜାଲିଣ୍ଡ ଫ୍ରାଙ୍କଲିନ୍ ।

ଅନନ୍ୟା ଅତୁଳନୀୟା ସେ ।

♥ କୁଚିଣ୍ଡା, ସମ୍ବଲପୁର



# କଥଂ ଦାରୁବ୍ରହ୍ମ ସ୍ୱରୂପମ୍

ଅଧ୍ୟାପକ ହେମନ୍ତ କୁମାର ଗନ୍ତାୟତ

ମହାପ୍ରଭୁ ଶ୍ରୀଜଗନ୍ନାଥ ହେଉଛନ୍ତି ପୂର୍ଣ୍ଣ ପରଂବ୍ରହ୍ମ ,ସର୍ବ ଶକ୍ତିମାନ୍, ସ୍ୱର୍କଳା ସମ୍ପନ୍ନ , ସର୍ବ ରହସ୍ୟମୟ ତଥା ବୈଚିତ୍ରମୟ ଠାକୁର । ଏଣୁ ପୁରାଣରେ କୁହାଯାଇଛି - ସର୍ବ ରହସ୍ୟସ୍ଥ ପୁରୁଷୋତ୍ତମସ୍ୟ । ଦେବାଃ ନ ଜାନନ୍ତି କୁତଃ ମନୁଷ୍ୟାଃ। ଅର୍ଥାତ୍ ଯାହା'ଙ୍କ ରହସ୍ୟ ଦେବତାମାନଙ୍କୁ ଅଗୋଚର , ସେହି ରହସ୍ୟମୟଙ୍କ ରହସ୍ୟକୁ କିପରି ବା ସାଧାରଣ ମନୁଷ୍ୟମାନେ ଜାଣିପାରିବ । ସେପରି ଶ୍ୱେତାଶ୍ୱେତର ଉପନିଷଦରେ ବ୍ରହ୍ମଙ୍କ ସ୍ୱରୂପ ବର୍ଣ୍ଣନା ଯାଇଛି - ଅପାଣିପାଦୋ ଜବନୋ ଗ୍ରହୀତା ପଶ୍ୟତ୍ୟଚକ୍ଷୁଃ ସ ଶୃଣୋତ୍ୟ କର୍ଣ୍ଣଃ । ସ ବେତ୍ତିବିଦ୍ୟଂ ନ ଚ ତସ୍ୟ ବେତ୍ତା ତମାହୁରଗ୍ରମଂ ପୁରୁଷଂ ମହାନ୍ତମ୍ ।। ଏହାର ଅର୍ଥ ପରମାତ୍ମା ନିର୍ଗୁଣ , ନିରାକାର ଓ ସର୍ବ ଶକ୍ତିମାନ। କିନ୍ତୁ ସେ ସବୁକିଛି କରିପାରନ୍ତି। ଯେପରି ତାହାଙ୍କ' ହାତ ନାହିଁ, କିନ୍ତୁ ସେ ସବୁକିଛି ଗ୍ରହଣ କରି ପାରନ୍ତି। ପାଦ ନାହିଁ, କିନ୍ତୁ ସେ ଅତି ଦ୍ରୁତ ଗତିରେ ଗମନ କରି ପାରନ୍ତି । ଆଖି ନାହିଁ, କିନ୍ତୁ ସେ ସବୁକିଛି ଦେଖିପାରନ୍ତି। କାନ ନଥାଇ ବି ସେ ସବୁକିଛି ଶୁଣିପାରନ୍ତି। ସେ ଅତୁଳନୀୟ ଶକ୍ତିର ଅଧିକାରୀ ଏବଂ ତାଙ୍କୁ କେହି ସମ୍ପୂର୍ଣ୍ଣ ରୂପେ ଜାଣିପାରିବେ ନାହିଁ। ପରନ୍ତୁ ସେ ସମଗ୍ର ବିଶ୍ୱର ବିଷୟକୁ ଜାଣିପାରନ୍ତି । ଏଣୁ ସେହି ପରମ ଶକ୍ତିକୁ ହିଁ ଶ୍ରେଷ୍ଠ ମହାନ ପୁରୁଷ ଏବଂ ବିରାଟ ପୁରୁଷ ରୂପରେ ଜ୍ଞାନୀ ବ୍ୟକ୍ତିମାନେ ଅଭିହିତ କରିଛନ୍ତି । ସେହି ଅଜ୍ଞେୟ ପୁରୁଷ ହିଁ ସ୍ରଷ୍ଟା, ସେ ସୃଷ୍ଟି, ସେ ସ୍ଥିତି, ସେ ଆନନ୍ଦ, ସେ ମୁକ୍ତି ଏବଂ ସେ ହିଁ ସର୍ବକାରଣ କାରଣ ଯାହାଙ୍କୁ ବେଦ ନେତି ନେତି ନୀତିରେ ନିର୍ଣ୍ଣୟ କରିବାରେ ନିଷ୍ପ୍ରଭ ହୁଏ । ଯେ ଭାତି ଭାତି ନ୍ୟାୟରେ ଉଦ୍ଭାସିତ ହୁଅନ୍ତି । ଯାହାଙ୍କ ସମ୍ମୁଖରେ ସର୍ବେନ୍ଦ୍ରିୟ ସୁପ୍ତ ହୋଇଯାନ୍ତି । ଯାହାଙ୍କ ପ୍ରକାଶରେ ମୁଙ୍କାର ଆକାର ହରାଏ । ଯାହାଙ୍କ ନିର୍ଦ୍ଦେଶରେ ସମଗ୍ର ବିଶ୍ୱବ୍ରହ୍ମାଣ୍ଡ ପରିଚାଳିତ । ସେ ଆଉ କେହି ନୁହଁନ୍ତି ଆମ ଦାରୁବ୍ରହ୍ମ ଶ୍ରୀଜଗନ୍ନାଥ।

ମହାପ୍ରଭୁ କାଳିଆ ସାଆନ୍ତ ଅନନ୍ତକୋଟି ବ୍ରହ୍ମାଣ୍ଡର ଅଧୀଶ୍ୱର ହୋଇ ମଧ ଅତ୍ୟନ୍ତ ଦୟାବନ୍ତ ପୁରୁଷ। ସେ ଅନୁଗ୍ରହ ବିଗ୍ରହର ସ୍ୱରୂପ , ଯେ ଜୀବକୁ ଆନନ୍ଦ ପ୍ରଦାନ କରିବା ପାଇଁ ମର୍ତ୍ତ୍ୟବୈକୁଣ୍ଠ ନୀଳାଚଳ ଧାମରେ ଦାରୁବ୍ରହ୍ମ ରୂପେ ବିଦ୍ୟମାନ। ଏହି ଦାରୁରୂପ ଧାରଣ କରିବା ପଛରେ ମହାପ୍ରଭୁଙ୍କ କ'ଣ ଉଦ୍ଦେଶ୍ୟ ରହିଛି ? ତାହାକୁ ଅତି ସୁନ୍ଦର ଭାବରେ ସ୍କନ୍ଦପୁରାଣର ପୁରୁଷୋତ୍ତମ ମାହାତ୍ମ୍ୟରେ କୁହାଯାଇଛି - ' ଖଣ୍ଡନାତ୍ସର୍ବଦୁଃଖାନାଂ ଅଖଣ୍ଡାନନ୍ଦଦାନତଃ । ତସ୍ମାତ୍‌ଦାରୁମୟଂ ବ୍ରହ୍ମ ବେଦାନ୍ତେଷୁପଗୀୟତେ ।। ଅର୍ଥାତ୍ ଯେ ସମସ୍ତ ତ୍ରିତାପ ଦୁଃଖକୁ ଖଣ୍ଡନ କରି ଅଖଣ୍ଡ ଆନନ୍ଦ ପ୍ରଦାନ କରନ୍ତି, ସେହି କାରଣରୁ ତାହାଙ୍କୁ ଦାରୁମୟ ବ୍ରହ୍ମ ବୋଲି ବେଦାନ୍ତରେ ଗାନ ( କୁହାଯାଇଛି) କରାଯାଇଛି। ସେ କୀଟ ପତଙ୍ଗଠାରୁ ଆରମ୍ଭ କରି ବୃହଦକାୟ ଜୀବମାନଙ୍କ ସମସ୍ତ କର୍ମକୁ ଅପଲକ ନେତ୍ରରେ ଦେଖୁଥାନ୍ତି ଏବଂ ସର୍ବ ଦୁଃଖ ତାପକୁ ବିନାଶ କରି ଆନନ୍ଦ ପ୍ରଦାନ କରିବା ସହ ପଞ୍ଚବିଧ ମୁକ୍ତି ମଧରୁ ଗୋଟିଏ ମୁକ୍ତି ପ୍ରଦାନ କରିଥାନ୍ତି । ସେହି କାରଣରୁ କରୁଣାମୟ ମହାପ୍ରଭୁଙ୍କ ଏପରି ଭାବକୁ ଦେଖି ଅଧମ ହେମନ୍ତ ଲେଖିଛି - ସ୍ୱର୍ଦ୍ରଷ୍ଟା ଜଗନ୍ନାଥ ଦାରୁବ୍ରହ୍ମ ରୂପ , ଅପଲକ ନେତ୍ରେ ହର ସର୍ବ ସର୍ବ ଦୁଃଖ ତାପ , ତୁମେ ଦୟାବନ୍ତ ହରି ଘଟେ ଘଟେ ବସିଅଛ ସୂକ୍ଷ୍ମ ରୂପ ଧରି ।।

ସେହି ଦାରୁବ୍ରହ୍ମ କିପରି ମାନବୀୟ ଲୀଳା କରନ୍ତି ତାହ ମଧ ସ୍କନ୍ଦପୁରାଣରେ ଉଲ୍ଲେଖ ରହିଛି :- ଯତ୍ରାସ୍ତେ ଦାରବତନୁଃ ଶ୍ରୀଶୋ ମାନୁଷଲୀଳୟା। ଦର୍ଶନାନ୍ମୁକ୍ତିଦଃ ସାକ୍ଷାତ୍ସର୍ବତିର୍ଥଫଳପ୍ରଦଃ।। ଅର୍ଥାତ୍ ମହାପ୍ରଭୁ ଦାରୁ ଶରୀର ଧାରଣ କରି ଶ୍ରେଷ୍ଠ ମାନବୀୟ ଲୀଳା ମହୋଦଧିର ଉତ୍ତର ତିରେ ସର୍ବ ମହାନଦୀର ଦକ୍ଷିଣ ଦିଗରେ କରୁଛନ୍ତି। ଯାହାଙ୍କୁ ଦର୍ଶନ କରିବା ମାତ୍ରେ ସମସ୍ତ ତୀର୍ଥର ଫଳ ଓ ମୁକ୍ତିପଦ ପ୍ରାପ୍ତ ହୋଇଥାଏ ଏବଂ ଯାହାଙ୍କୁ ଦର୍ଶନ କରିବା ପାଇଁ ଦେବ, ଦାନବ, ଯକ୍ଷ, କିର୍ଣ୍ଣର ଓ ଅଶରିରୀମାନେ ଚାହିଁ ରହିଥାନ୍ତି। ତେଣୁ ଦାରୁବ୍ରହ୍ମ ବାରମାସରେ ତେରଯାତ୍ରା ଏବଂ ବତିଶି ଗୋଟି ବେଶ ହୋଇ, ସମସ୍ତଙ୍କ ମନସ୍କାମନା ପୂରଣ କରିଥାନ୍ତି।

ପୂର୍ଣ୍ଣ ପରଂବ୍ରହ୍ମ କୋଟି କୈବଲ୍ୟନାଥ, ଅନନ୍ତକୋଟି ବ୍ରହ୍ମାଣ୍ଡର ନାୟକ, ଜଗତର ନାଥ ଶ୍ରୀଜଗନ୍ନାଥ ମହାପ୍ରଭୁଙ୍କ ଶ୍ରୀଚରଣାବିନ୍ଦରେ ଏ ଅଧମ ହେମନ୍ତ ସାଷ୍ଟାଙ୍ଗ ପ୍ରଣିପାତ ପୂର୍ବକ କ୍ଷମା ପ୍ରାର୍ଥନା କରୁଛି। ଦାରୁବ୍ରହ୍ମ ସ୍ୱରୂପଙ୍କ ଉପରେ ଯାହାବି କିଛି ଲେଖିଛି ତାହକୁ ବାଳୁତର ଚପଳାମି ମନେକରି ଜ୍ଞାନୀ ଗୁଣି ବ୍ୟକ୍ତି ସମୂହ କ୍ଷମା ପ୍ରଦାନ କରିବା ହେବେ, ଜୟ ଜଗନ୍ନାଥ।

♥ ଆସିକା, ଗଞ୍ଜାମ
ମୋ: ୯୮୬୧୩୩୪୮୬୮



# ବୁଦ୍ଧ କାହାଣୀ



ଏସିଆର ଆଲୋକ ତଥା ବୌଦ୍ଧଧର୍ମର ପ୍ରତିଷ୍ଠାତା ଗୌତମବୁଦ୍ଧଙ୍କ ଜୀବନଗାଥା ବେଶ୍ ହୃଦ୍ୟ ଓ ରୋମାଞ୍ଚକର। ଏହାକୁ ନେଇ ପୃଥିବୀ ବ୍ୟାପି ଅସୁମାରୀ ପୁସ୍ତକ ରଚିତ ହୋଇଛି। ସେହିଧାରାରେ ମାଲେସିଆର ବିଶିଷ୍ଟ ବୌଦ୍ଧଭିକ୍ଷୁ କେ. ଶ୍ରୀ ଧମ୍ମାନନ୍ଦ ମହାଥେରା ମାଳୟ ଭାଷାରେ ସାଧାରଣ କିଶୋର କିଶୋରୀଙ୍କ ନିମନ୍ତେ ବୁଦ୍ଧଙ୍କ ଜୀବନୀ ସମ୍ପର୍କରେ ବହୁମୂଲ୍ୟ ପୁସ୍ତକଟିଏ ରଚନା କରିଥିଲେ। ଇଂରାଜୀରେ ତାହାକୁ 'ଲାଇଫ୍ ଅଫ୍ ଦି ବୁଦ୍ଧ' ଶୀର୍ଷକରେ ୨୦୨୨ ମସିହାରେ ଅନୁସୃଜନ କରିଥିଲେ ଭିକ୍ଷୁ ଶିରିଧମ୍ମା। ଏହି ପୁସ୍ତକର ପ୍ରକାଶକ ବୁଦ୍ଧ ବଚନ ଟ୍ରଷ୍ଟ, ମହାବୋଧି ସୋସାଇଟି, ବେଙ୍ଗାଲୁରଙ୍କ ଅନୁରୋଧ କ୍ରମେ ଓଡ଼ିଆ ଭାଷାରେ '**ବୁଦ୍ଧ କାହାଣୀ**' ଶୀର୍ଷକରେ ଅନୁବାଦ କରିଛନ୍ତି

ଡ. ସାରଙ୍ଗଧର ତ୍ରିପାଠୀ

## ୧୭ ବୁଦ୍ଧତ୍ୱ ପ୍ରାପ୍ତି ପରର ସାତ ସପ୍ତାହ

୬. ମୁକାଳିନ୍ଦ (ବୃକ୍ଷ) :

ଷଷ୍ଠ ସପ୍ତାହରେ ସେ ମୁକାଳିନ୍ଦ ନାମକ ଅନ୍ୟ ଏକ ବୃକ୍ଷ ପାଦଦେଶରେ ଯାଇ ଧ୍ୟାନମଗ୍ନ ହେଲେ। ସେତେବେଳେ ଭୀଷଣ ବର୍ଷା ହେଉଥିବାରୁ ଗୋଟିଏ ବିଶାଳ ନାଗ ଆସି ତାଙ୍କ ଶରୀର ଚାରିପାଖରେ ସାତ ପରସ୍ତ ଗୁଡ଼େଇ ହୋଇଯାଇଥିଲା; ମାତ୍ର ବୁଦ୍ଧଙ୍କ ମସ୍ତକ ଉପରେ ନିଜ ଫଣାକୁ ଟେକି ଧରିଥିଲା, ଯେପରି ଜୋର୍ ବର୍ଷା ଦାଉରୁ ବୁଦ୍ଧଙ୍କ ଶରୀର ଭିଜିବାରୁ ରକ୍ଷା ପାଇଯିବ। ଯେତେବେଳେ ବର୍ଷା ବନ୍ଦ ହେଲା, ସାପଟି ଏକ ଯୁବକରେ ପରିଣତ ହୋଇଗଲା ଏବଂ ଭଗବାନ ବୁଦ୍ଧଙ୍କୁ ସମ୍ମାନ ପ୍ରଦର୍ଶନ କଲା। ଏହି ସାପଟି ଥିଲା ଏକ ଅଲୌକିକ ପ୍ରାଣୀ ବୋଲି ମନେକରାଯାଏ। ତତ୍ପରେ ବୁଦ୍ଧ କହିଥିଲେ :

"ଯେ ଲୋକ ସନ୍ତୁଷ୍ଟ ସେ ଧନ୍ୟ। ଯିଏ ସତ୍ୟକୁ ଶୁଣେ ଏବଂ ସତ୍ୟକୁ ଦେଖେ ତା'ପାଇଁ 'ସନ୍ତୁଷ୍ଟ' ଶବ୍ଦଟି ଉଦ୍ଦିଷ୍ଟ। ଯିଏ ଏ ପୃଥିବୀର ପ୍ରାଣୀମାନଙ୍କ ପ୍ରତି ସଦ୍‌ଭାବନା ରଖେ, ସେ ଧନ୍ୟ। ଯିଏ ସମସ୍ତ କାମନା ମଧ ଦେଇ ଗତିକଲେବି ସେଥିସହ ସଂପୃକ୍ତ ନହୋଇ ପୃଥିବୀରେ ବାସ କରେ, ସେ ଧନ୍ୟ। 'ମୁଁ' ଅହଙ୍କାରର ଉଭାନ ହେବା ପ୍ରକୃତରେ ସର୍ବୋଚ୍ଚ ସୁଖ।"

୭. ରାଜୟତନ ବୃକ୍ଷ:

ସପ୍ତମ ସପ୍ତାହରେ ବୁଦ୍ଧ ରାଜୟତନ ବୃକ୍ଷ (ଏକପ୍ରକାର ଜଙ୍ଗଲି ଗଛ) ତଳେ ବସି ଧ୍ୟାନସ୍ଥ ହେଲେ।

ଦୀର୍ଘ ସାତଗୋଟି ସପ୍ତାହର ଉପବାସ ପରେ, ୫୦ତମ ସକାଳରେ ଦୁଇଜଣ ବଣିକ ତାଙ୍କ ସମ୍ମୁଖରେ ଉପସ୍ଥିତ ହେଲେ। ସେମାନେ ହେଲେ ତପୁସ୍ସା ଓ ଭଲ୍ଲୀକ। ବାସ୍ତବରେ ସେମାନେ ଭିନ୍ନ ଦିଗରେ ଥିବା ଅନ୍ୟ ଏକ ସହରକୁ ଯାଉଥିଲେ। ସେମାନେ ବୁଦ୍ଧଙ୍କୁ ପିଠା ଏବଂ ମହୁ ଖାଇବାକୁ ଦେଲେ।



ଏହି ଦୁଇ ବଣିକ ବୁଦ୍ଧ ଓ ଧମ୍ମ ନାମକ ଦୁଇ ଆଶ୍ରୟସ୍ଥଳକୁ ଗ୍ରହଣ କରି ବୁଦ୍ଧଙ୍କର ପ୍ରଥମ ସାଧାରଣ ଅନୁଗାମୀ ହୋଇଥିଲେ। ସେତେବେଳେ କୌଣସି ସଂଘ ବା ଭିକ୍ଷୁସଂଘ ନଥିଲା। ସେମାନେ ବୁଦ୍ଧଙ୍କୁ ନିଜ ପାଖରେ ରଖିବା ପାଇଁ କୌଣସି ପବିତ୍ର ଜିନିଷ ମାଗିଲେ। ବୁଦ୍ଧ ଦକ୍ଷିଣ ହସ୍ତରେ ନିଜ ମୁଣ୍ଡରୁ କେତୋଟି କେଶ ଉପାଡ଼ି ତାଙ୍କୁ ପ୍ରଦାନ କଲେ। ଏହି କେଶକୁ 'କେଶ ଦାତୁ' (କେଶ ଅବଶେଷ) ବୋଲି କୁହାଯାଏ। ଏହି ପବିତ୍ର କେଶାବଶେଷ ସହ ତପୁସ୍ସା ଓ ଭଲ୍ଲୀକ ସେ ସ୍ଥାନ ପରିତ୍ୟାଗ କଲେ। ପରେ ସେମାନେ ଯେତେବେଳେ ନିଜ ଜନ୍ମମାଟିରେ ପହଞ୍ଚଲେ ସେମାନେ ପାଗୋଡ଼ା ନିର୍ମାଣ କଲେ ଏବଂ ସେଠାରେ ଏହି କେଶାବଶେଷକୁ ସ୍ଥାପନା କଲେ।

ଭୋଜନ ପରେ ବୁଦ୍ଧ ଚିନ୍ତା କରିବାକୁ ଲାଗିଲେ। ସେ ସ୍ୱଧର୍ମକୁ ଲୋକମାନଙ୍କୁ ଶିକ୍ଷା ଦେବା ନିମନ୍ତେ ଅନିଚ୍ଛୁକ ଥିଲେ। ସେ ମନେ କରିଥିଲେ ଯେ ଲୋକମାନେ ବହୁତ ଅଜ୍ଞାନ ଥିବାରୁ ତାଙ୍କ ପବିତ୍ର ଓ ଗଭୀର ଜ୍ଞାନକୁ ବୁଝିବାରେ ସକ୍ଷମ ହୋଇନପାରନ୍ତି। ତତ୍ପରେ ତ୍ରିଲୋକର (ମର୍ତ୍ତ୍ୟଲୋକ, ଦେବଲୋକ, ବ୍ରହ୍ମଲୋକ) ପ୍ରଭୁ ବ୍ରହ୍ମା ସହମପତି ଆସି ସମସ୍ତଙ୍କୁ ସ୍ୱଧର୍ମ ପ୍ରଦାନ କରିବା ନିମନ୍ତେ ତାଙ୍କୁ ଅନୁରୋଧ କଲେ। ବୁଦ୍ଧ ଦୟାପୂର୍ବକ ତାଙ୍କ ଅନୁରୋଧ ରକ୍ଷା କରି ଧର୍ମର ବ୍ୟାଖ୍ୟା (ପ୍ରଚାର) କରିବା ପାଇଁ ସମ୍ମତି ପ୍ରକାଶ କଲେ।

(କ୍ରମଶଃ)

♥ ଅଧ୍ୟାପକ, ଓଡ଼ିଆ ଭାଷାସାହିତ୍ୟ ବିଭାଗ, 'ସ୍ୱର୍ଣ୍ଣଭୂଷଣ', ଗଣପତି ନଗର, ବାଲିଆ, ବାଲେଶ୍ୱର
ମୋ: ୯୪୩୭୩୭୧୯୬୮

# ୪ ସମରେନ୍ଦ୍ର କୁଣ୍ଡୁ ଥିଲେ ଶ୍ରମଜୀବି ଜନଗଣଙ୍କ ସମ୍ମିଳିତ ସ୍ୱର



ବାଲେଶ୍ୱର, ୦୬/୧୨ (ନି.ପ୍ର): ବିଶିଷ୍ଟ ସମାଜବାଦୀ ନେତା, ପୂର୍ବତନ ବୈଦେଶିକ ମନ୍ତ୍ରୀ ତଥା ପ୍ରବୀଣ ଜନନେତା ସମରେନ୍ଦ୍ର କୁଣ୍ଡୁଙ୍କ ୩୨ତମ ଶ୍ରାଦ୍ଧସଭା ସମରେନ୍ଦ୍ର କୁଣ୍ଡୁ ସ୍ମୃତି କମିଟି ପକ୍ଷରୁ ଶନିବାର ପୂର୍ବାହ୍ନରେ ଷ୍ଟେସନଛକସ୍ଥିତ କୁଣ୍ଡୁଦା'ଙ୍କ ପୂର୍ଣ୍ଣାବୟବ ସ୍ଥଳୀରେ ପାଳିତ ହୋଇଯାଇଛି। କମିଟିର ଆବାହକ ଶ୍ରମିକନେତା ଅରୁଣ କୁମାର ସ୍ୱାଇଁଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସ୍ମୃତିସଭାରେ ମୁଖ୍ୟଅତିଥିଭାବେ ପୂର୍ବତନ ମନ୍ତ୍ରୀ ଶ୍ରୀ ପ୍ରଫୁଲ୍ଲ ସାମଲ ଓ ମୁଖ୍ୟବକ୍ତାଭାବେ ପ୍ରାକ୍ତନମନ୍ତ୍ରୀ ରଘୁନାଥ ମହାନ୍ତି ବକ୍ତବ୍ୟ ଦେଇ କହିଥିଲେ କି ୪ କୁଣ୍ଡୁଦାଙ୍କ ସମଗ୍ର ରାଜନୈତିକ ଜୀବନ ଥିଲା ସମୂହକଲ୍ୟାଣ ଲାଗି ସମର୍ପିତ ଏବଂ ଶୋଷିତ ନିପୀଡ଼ିତ ଶ୍ରମଜୀବୀ ଜନଗଣଙ୍କ ଅଧିକାର ଲାଗି ସାଲିସ୍‌ହୀନ ସଂଗ୍ରାମର ସମ୍ମିଳିତ ସ୍ୱର। ସ୍ୱାଧୀନତା ପରବର୍ତ୍ତୀ ବିଜୟୀ ବାଲିଆପାଳ ଜନ ଆନ୍ଦୋଳନର ସେ ଥିଲେ ଅନ୍ୟତମ ସଫଳ ନାୟକ ତଥା ବାଲେଶ୍ୱର ବିକାଶର ଅଗ୍ରଣୀ ସୂତ୍ରଧର। ଦୀର୍ଘଦିନର ଲଢ଼େଇ ଫଳରେ ଶ୍ରମିକ ଶ୍ରେଣୀର ହିତପାଇଁ କୁଣ୍ଡୁଦା ପ୍ରମୁଖ ହାସଲ କରିଥିବା ଜନବାଦୀ ଶ୍ରମନୀତି ଆଜି ଭୂଲୁଣ୍ଠିତ। ବର୍ତ୍ତମାନ ସରକାର ଜାତୀୟ ଓ ଆନ୍ତର୍ଜାତିକ ଶ୍ରମଆଇନ୍‌ଗୁଡ଼ିକୁ ବାତିଲ କରି କାର୍ଯ୍ୟ ଦିବସ ୮ ଘଣ୍ଟାରୁ ୧୦ ଘଣ୍ଟାକୁ ବୃଦ୍ଧି କରିବା ଓ ମହିଳାମାନଙ୍କୁ ରାତ୍ରକାଳରେ କାର୍ଯ୍ୟରେ ନିଯୁକ୍ତି ଦେବାଭଳି ଶ୍ରମିକବିରୋଧି ତଥା ମହିଳା ସ୍ୱାର୍ଥବିରୋଧୀ ଆଇନକୁ ୪ କୁଣ୍ଡୁଦା' ଜୀବିତ ଥିଲେ ନିଶ୍ଚୟ ବିରୋଧ କରିଥାନ୍ତେ। ତେଣୁ ବହୁ ସଂଗ୍ରାମ ଫଳରେ ଶ୍ରମିକଶ୍ରେଣୀ ହାସଲ କରିଥିବା ଆଇନଗୁଡ଼ିକୁ ସୁରକ୍ଷା ଦେବାପାଇଁ ବର୍ତ୍ତମାନର ଶ୍ରମିକଶ୍ରେଣୀ କୁଣ୍ଡୁଦା'ଙ୍କ ଆଦର୍ଶକୁ ଗ୍ରହଣ କରି ଅଧିକ ସଂଗଠିତ ହେବାକୁ ସେମାନେ ଆହ୍ୱାନ ଦେଇଥିଲେ। ଉକ୍ତ ସଭାରେ ପ୍ରାକ୍ତନ ସାଂସଦ ରବୀନ୍ଦ୍ର କୁମାର ଜେନା, ପୂର୍ବତନ ମନ୍ତ୍ରୀ ଜ୍ୟୋତିପ୍ରକାଶ ପାଣିଗ୍ରାହୀ, ପ୍ରାକ୍ତନ ବିଧାୟକ, ପ୍ରଦୀପ୍ତ ପଣ୍ଡା, ସୁକାନ୍ତ ନାୟକ, ସୁଦର୍ଶନ ଜେନା, ସୁଧାଂଶୁ ପରିଡ଼ା ଓ ସ୍ୱରୂପ ଦାସଙ୍କ ସମେତ ଗିରିଶ ଚନ୍ଦ୍ର ଦାଶ, ଶ୍ରମିକନେତା ଗୌରାଙ୍ଗ ପାଣିଗ୍ରାହୀ ଓ ଶୁଭେନ୍ଦୁ ମଙ୍ଗରାଜ, ଆଇନଜୀବୀ ପୁରୁଷୋତ୍ତମ ବିଶ୍ୱାଳ, ଅଶୋକ ସେନାପତି, ମନୋଜ ନାୟକ, ତୁଷାର ମହାପାତ୍ର, ଭୁବନାନନ୍ଦ ଦାସ, ନିରଞ୍ଜନ ପରିଡ଼ା, ଶାନ୍ତନୁ ଦାସ, କବି ଶ୍ରୀଦେବ, ପ୍ରଫେସର ଶତ୍ରୁଘ୍ନ ମଲ୍ଲିକ, ସାମାଜିକକର୍ମୀ ଅରୁଣ ଜେନା, ପ୍ରତିମା ପଣ୍ଡା, ଅଜୟ ସାମଲ, ଅର୍ଚ୍ଚନା ନନ୍ଦୀ, ବରଦାପ୍ରସନ୍ନ ପଟ୍ଟନାୟକ, ଆଶ୍ରିତା ତରେଇ, ମିନତୀ ଦାସ, ମିନତୀ ସେଠୀ, ଚନ୍ଦ୍ରାଂଶୁ ବାନାର୍ଜୀ, ଗଦାଧର ପ୍ରଧାନ, ଗତିକୃଷ୍ଣ ମହାନ୍ତି ପ୍ରମୁଖ ବକ୍ତବ୍ୟ ଦେଇ କୁଣ୍ଡୁଦା'ଙ୍କର ଅମ୍ଳାନ ସ୍ମୃତିପ୍ରତି ଗଭୀର ଶ୍ରଦ୍ଧାଞ୍ଜଳି ଜ୍ଞାପନ କରିଥିଲେ। ପରିଶେଷରେ ଶରତ ଚନ୍ଦ୍ର ସାହୁ ଧନ୍ୟବାଦ ଦେଇଥିଲେ। ସଭାପୂର୍ବରୁ ଉପସ୍ଥିତମାନେ ସ୍ୱର୍ଗତ କୁଣ୍ଡୁଙ୍କ ପୂର୍ଣ୍ଣାବୟବରେ ପୁଷ୍ପମାଲ୍ୟ ପ୍ରଦାନ କରିଥିଲେ।

# ବିହାର ୨୦୨୫: ଏକ ବିଜୟୀ....

(ପୃଷ୍ଠା ୩ର ଅବଶିଷ୍ଟାଂଶ) କୌଣସି ଗୋଟିଏ ଅଭିଯୋଗ ନିର୍ଣ୍ଣାୟକ ନହୋଇପାରେ, କିନ୍ତୁ ଏକାଠି ହୋଇ ସେମାନେ ଏକ ଚିତ୍ର ସୃଷ୍ଟି କରନ୍ତି ଯାହା ଅନେକଙ୍କୁ ଭୟଭୀତ କରେ ଯେ ଏହା ସାଂସ୍ଥାନିକ ନିରପେକ୍ଷତାର ଧୀର କ୍ଷୟକୁ ପ୍ରତିଫଳିତ କରୁଛି। ଗଣତନ୍ତ୍ର କେବଳ ନିୟମ ଉପରେ ନୁହେଁ, ବିଶ୍ୱାସ ଉପରେ ନିର୍ଭର କରେ — ଏହି ବିଶ୍ୱାସ ଯେ ଖେଳାଳିମାନେ ଭଲ ନଥିଲେ ମଧ ରେଫେରୀ ନ୍ୟାୟପୂର୍ଣ୍ଣ ଅଟନ୍ତି।

ନୀରବ ସଙ୍କଟ: ଗଣତାନ୍ତ୍ରିକ ଆତ୍ମବିଶ୍ୱାସ ହରାଇବା

ଯାହା ଦେଶର ବୁଦ୍ଧିଜୀବୀ ସମୁଦାୟକୁ ବିବ୍ରତ କରୁଛି ତାହା କେବଳ ବିହାରରେ ଯାହା ଘଟିଲା ତାହା ନୁହେଁ, ବରଂ ଏହା ଭବିଷ୍ୟତ ପାଇଁ କ'ଣ ସଂକେତ ଦେଉଛି। ଭାରତର ଗଣତାନ୍ତ୍ରିକ ଅନୁଷ୍ଠାନଗୁଡ଼ିକ — ବିଶେଷକରି ନିର୍ବାଚନ ଆୟୋଗ — ନିର୍ବାଚନ ପ୍ରକ୍ରିୟାର ନିରପେକ୍ଷ ଅଭିଭାବକ ଭାବରେ କାର୍ଯ୍ୟ କରିବାକୁ ଆଶା କରାଯାଏ। ଯେତେବେଳେ ସେମାନଙ୍କର କାର୍ଯ୍ୟ ଅପେକ୍ଷା ସେମାନଙ୍କର ନୀରବତା ଅଧିକ ଶୁଣାଯାଏ, ସେତେବେଳେ ଲୋକଙ୍କ ବିଶ୍ୱାସ କମିଯାଏ।

ଯଦି ନିର୍ବାଚନଗୁଡ଼ିକ ନଗଦ ଅର୍ଥ ପ୍ରଦାନ, ତାଲିକାରୁ ବହୁଳ ଭାବରେ ବାଦ୍ ଦେବା କିମ୍ବା ରାଜ୍ୟ ମଧ୍ୟରେ ଭୋଟରଙ୍କ ରଣନୀତିକ ଗତିବିଧି ଉପରେ ନିର୍ଭର କରେ, ତେବେ ମୁକ୍ତ ଏବଂ ନିରପେକ୍ଷ ନିର୍ବାଚନର ମୂଳ ନୀତି ଅତ୍ୟନ୍ତ ଦୁର୍ବଳ ହୋଇଯାଏ। ଥରେ ଏହିପରି କୌଶଳଗୁଡ଼ିକ ସ୍ୱାଭାବିକ ହୋଇଗଲେ, ସେଗୁଡ଼ିକୁ ପୂର୍ବ ଅବସ୍ଥାକୁ ଫେରାଇବା ଅସମ୍ଭବ। ପ୍ରତ୍ୟେକ ଭବିଷ୍ୟତ ସରକାର, ଯେକୌଣସି ଆଦର୍ଶର ହେଉ, ତାଙ୍କ ପୂର୍ବବର୍ତ୍ତୀ ସରକାରଙ୍କୁ ଅତିକ୍ରମ କରିବାକୁ ଲୋଭିତ ହୋଇପାରନ୍ତି।

ଏକ ପୂର୍ବ ଦୃଷ୍ଟାନ୍ତ ଭାରତ ସହ୍ୟ କରିପାରିବ ନାହିଁ

ଗଣତାନ୍ତ୍ରିକ ପ୍ରକ୍ରିୟା କିଏ ଜିତେ ତାହା ଦ୍ୱାରା ବିଚାର କରାଯାଏ ନାହିଁ, ବରଂ କିପରି ବିଜୟ ହାସଲ କରାଯାଏ ତାହା ଦ୍ୱାରା ବିଚାର କରାଯାଏ। ବିହାରର ୨୦୨୫ ନିର୍ବାଚନ ଦର୍ଶାଇଛି ଯେ ରାଜନୈତିକ ଅଭିଳାଷର ଚାପରେ ଗଣତାନ୍ତ୍ରିକ ନୀତିନିୟମଗୁଡ଼ିକୁ କିପରି ସହଜରେ ଟାଣି ହୁଏ, ବଙ୍କା କରାଯାଏ ଏବଂ ଅସ୍ପଷ୍ଟ କରାଯାଏ।

ଭାରତ ନିର୍ବାଚନକୁ ବିଶ୍ୱସ୍ତତାର ନିଲାମ କିମ୍ବା ସଂଗଠିତ ସମର୍ଥକମାନଙ୍କର ଲଜିଷ୍ଟିକାଲ୍ ଦୃଶ୍ୟ ହେବାକୁ ଦେଇପାରିବ ନାହିଁ। ନା ହିଁ ଏହା ଏକ ପ୍ରଣାଳୀକୁ ସହ୍ୟ କରିପାରିବ, ଯେଉଁଠାରେ ନାଗରିକମାନେ ଭୋଟ୍ ଦିନ ଉଠିବା ପରେ ଜାଣିବାକୁ ପାଆନ୍ତି ଯେ ସେମାନଙ୍କର ମୌଳିକ ଅଧିକାରକୁ ଚୁପ୍‌ଚାପ୍ ବାଦ୍ ଦିଆଯାଇଛି।

ଆଗାମୀ ପଥ

ଭାରତର ଗଣତନ୍ତ୍ର ଅନେକ ପରୀକ୍ଷାରେ ଉତ୍ତୀର୍ଣ୍ଣ ହୋଇଛି — କିନ୍ତୁ ଏହା ଆତ୍ମସନ୍ତୋଷରେ ବଞ୍ଚିପାରିବ ନାହିଁ। ବିହାରର ଅନୁଭୂତି ଏକ ଜାଗ୍ରତ ଘଣ୍ଟି ହେବା ଆବଶ୍ୟକ:

ନିର୍ବାଚନକୁ କଲ୍ୟାଣ ସମୟରୁ ଅଲଗା ରଖିବାକୁ ପଡିବ।

ଭୋଟର ତାଲିକା ସଂଶୋଧନ ସ୍ୱଚ୍ଛ, ଉତ୍ତରଦାୟୀ ଏବଂ ଆବେଦନଯୋଗ୍ୟ ହେବା ଆବଶ୍ୟକ।

ନିର୍ବାଚନ ହେବାକୁ ଥିବା ରାଜ୍ୟରେ ବୃହତ ଗୋଷ୍ଠୀର ଗତିବିଧିକୁ ସତର୍କତାର ସହିତ ନିରୀକ୍ଷଣ କରିବାକୁ ପଡିବ।

ଅନୁଷ୍ଠାନଗୁଡ଼ିକ କେବଳ ନିରପେକ୍ଷ ହେବା ଆବଶ୍ୟକ ନୁହେଁ — ସେମାନଙ୍କୁ ନିରପେକ୍ଷ ଦେଖାଯିବା ଆବଶ୍ୟକ।

ବିହାର ଜନାଦେଶ ଘୋଷଣା କରାଯାଇଛି। କିନ୍ତୁ ନିର୍ବାଚନ ପ୍ରକ୍ରିୟାର ସ୍ୱାସ୍ଥ୍ୟ ଉପରେ ରାୟ ଏପର୍ଯ୍ୟନ୍ତ ଲେଖାଯାଉଛି — ରାଜନେତାଙ୍କ ଦ୍ୱାରା ନୁହେଁ, ଲୋକଙ୍କ ଦ୍ୱାରା। ୨୦୨୫ରେ ସେମାନେ ଯାହା ଦେଖିଲେ ତାହା ପ୍ରତ୍ୟେକ ଅନୁଷ୍ଠାନକୁ ପ୍ରତିଫଳିତ କରିବାକୁ, ସଂସ୍କାର କରିବାକୁ ଏବଂ ଗଣତନ୍ତ୍ରକୁ ଜୀବନ୍ତ ରଖୁଥିବା ନୀତିଗୁଡ଼ିକ ପ୍ରତି ପୁନଃ ପ୍ରତିବଦ୍ଧ ହେବାକୁ ବାଧ କରିବା ଆବଶ୍ୟକ।

କାରଣ ଯଦି ମୁକ୍ତ ଏବଂ ନିରପେକ୍ଷ ନିର୍ବାଚନରେ ଆଞ୍ଚ ଆସେ, ତେବେ ଗଣତନ୍ତ୍ର — ତାହା ଯେତେ ଜୋରରେ ଘୋଷଣା କରାଯାଉ ନା କାହିଁକି — କେବଳ ଏକ ଦୁର୍ବଳ ଭ୍ରମ ହୋଇ ରହିଯାଏ।

## ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ...

# ଭଦ୍ରକ ବିଜେଡିରେ...

ଗତ ସପ୍ତାହରେ ୪ ଜଣ ବ୍ଲକ ଅଧ୍ୟକ୍ଷ ଦଳରୁ ଇସ୍ତଫା ଦେବା ପରେ ଭଦ୍ରକ ଜିଲ୍ଲାରେ ବିଜେଡି ଦୁର୍ଗ ଭୁଶୁଡ଼ିବା ପ୍ରକ୍ରିୟା ଆରମ୍ଭ ହୋଇଥିଲା। ଏହାପରେ ନବୀନ ଦଳ ଡିଆଁରେ ବ୍ରେକ ଲଗାଇବା ଓ ଭଦ୍ରକରେ ଦଳକୁ ସଂଗଠିତ କରିବା ଦାୟିତ୍ୱ ପ୍ରଫୁଲ୍ଲ ସାମଲଙ୍କୁ ଦେଇଥିଲେ। କିନ୍ତୁ ଏବେ ତାଙ୍କ ପରିବାର ବିଗାଡ଼ିଦେଲା ବିଜେଡିର ଖେଳ। ବାପା ଦଳ ସଜାଡିବାକୁ ବୈଠକ ଡାକୁଥିବା ବେଳେ ପୁଅ ପ୍ରୟାସକାନ୍ତି ୪ ବ୍ଲକର ଅଧିକାଂଶ ବିଜେଡି ନେତା ଓ କର୍ମୀଙ୍କୁ ନେଇ ବିଜେପି ଶିବିରକୁ ପଳାଇଲେ। ପ୍ରଫୁଲ୍ଲଙ୍କ ଦୁଇ ପୁଅ ଓ ଭଉଣୀଙ୍କୁ ନିଜ କ୍ୟାମ୍ପକୁ ଆଣି ଭଦ୍ରକ ରାଜନୀତିରେ ବଡ଼ ଧମାକା କରିଛି ବିଜେପି। ଏନେଇ ପ୍ରଫୁଲ୍ଲଙ୍କ ପ୍ରତିକ୍ରିୟା ମିଳିନଥିବା ବେଳେ ଉଉଣୀ ଉର୍ମିଳା ନାୟକ କହିଛନ୍ତି, ବିଜେଡି ଛାଡ଼ିବା ପରେ ତାଙ୍କ ସହ କେହି ଯୋଗାଯୋଗ କରି ନଥିଲେ। ଅନ୍ୟପଟେ ବିଜେଡି କହିଛି, ପୋକରା ବାଇଗଣକୁ ଗୋଟାଉଛି ବିଜେପି। କିଛି ପ୍ରଭାବ ପଡ଼ିବନି। ରାଜ୍ୟରେ ବିଜେପି ସରକାର ଆସିବା ପରେ ପଞ୍ଚାୟତ ପ୍ରତିନିଧି ବିଜେପି ମୁହାଁ ହେବା ଟ୍ରେଣ୍ଡ ପାଲଟିଛି। କେବଳ ପଞ୍ଚାୟତ ପ୍ରତିନିଧି ନୁହେଁ, ବିଜେଡିର ୨ ଜଣ ରାଜ୍ୟସଭା ସାଂସଦ ମମତା ମହନ୍ତ ଓ ସୁଜିତ କୁମାର ବିଜେଡିକୁ ବାଏ ବାଏ କହିଥିଲେ। ସେହିପରି ପୂର୍ବତନ ରାଜ୍ୟସଭା ସାଂସଦ ଅମର ପଟ୍ଟନାୟକ ବି ବିଜେପିରେ ସାମିଲ ହୋଇଛନ୍ତି। ବିଜେଡିରେ ନେତୃତ୍ୱକୁ ନେଇ ଦ୍ୱନ୍ଦ୍ୱ ଭିତରେ ନେତା ଭବିଷ୍ୟତକୁ ନେଇ ଚିନ୍ତିତ। ଅଧିକରୁ ଅଧିକ ନେତା ବିଜେଡି ଛାଡ଼ିବା ପଛର ଏହା କାରଣ ବୋଲି କୁହାଯାଉଛି। ଭଦ୍ରକ ଜିଲ୍ଲାରେ ଏବେ ବିଜେଡି ଖାତାରେ ରହିଲା ୩ଟି ବ୍ଲକ ଧାମନଗର, ଚାନ୍ଦବାଲି ଓ ତିହିଡି। ଦେଖିବା କଥା ନବୀନ ନିଜ ଘର ସଜାଡିବାକୁ ଆଗକୁ କଣ ପଦକ୍ଷେପ ନେଉଛନ୍ତି।

# ଡିସେମ୍ବର ୧୨ରେ ମହୋଦଧି ଦିବସ

ପୁରୀ , ୦୬/୧୨ (ନି.ପ୍ର): ଚଳିତ ବର୍ଷ ଡିସେମ୍ବର ୧୨ରେ ୫ମ ମହୋଦଧି ଦିବସ ପୁରୀ ଲାଇଟ୍ ହାଉସ ସମ୍ମୁଖ ବେଳାଭୂମି ଠାରେ ଅନୁଷ୍ଠିତ ହେବ । ଏହାସହ ଓଡିଶା ର ୧୫ ଟି ଜିଲ୍ଲା ରେ ମଧ ୧ମ ଥର ପାଇଁ ଅନୁଷ୍ଠିତ ହେବାକୁ ଯାଉଛି । ଆଗାମୀ ଭବିଷ୍ୟତ ପାଇଁ ସମୁଦ୍ରର ସୁରକ୍ଷା ବିଷୟବସ୍ତୁ ରଖାଯାଇଛି । ଏ ସମ୍ପର୍କରେ ଶନିବାର ଅପରାହ୍ନରେ ହୋଟେଲ ଅତିଥି ହେରିଟେଜ ଠାରେ ଆୟୋଜିତ ସାମ୍ବାଦିକ ସମ୍ମିଳନୀ ରେ ଆୟୋଜକ କମିଟି ତରଫରୁ କୁହାଯାଇଛି । ଏ ବର୍ଷ କାର୍ଯ୍ୟକ୍ରମର ଅଧିକ ପ୍ରଚାର ପ୍ରସାର ପାଇଁ ବିଶେଷ ଭାବରେ ସମୁଦ୍ର ଜଙ୍ଗଲ ଓ ନଦୀ ଥିବା ଅଂଚଳରେ ପରିବେଶ ସୁରକ୍ଷା ସଚେତନତା କାର୍ଯ୍ୟକ୍ରମ କୁ ପ୍ରୋତ୍ସାହିତ କରାଯିବ ।ଢେଙ୍କାନାଳ, ମାଲକାନଗିରି, କୋରାପୁଟ,ଭଦ୍ରକ, ମୟୂରଭଞ୍ଜ, ବାଲେଶ୍ୱର, କଟକ , ଖୋର୍ଦ୍ଧା, ବ୍ରହ୍ମପୁର, ବାରିପଦା, ଅନୁଗୁଳ ରେ ୧୦ ଓ ୧୧ ରେ କାର୍ଯକ୍ରମ ଅନୁଷ୍ଠିତ ହେବ । ଡିସେମ୍ବର ୧୨ ତାରିଖ ଦିନ ପୁରୀ ବେଳା ଭୁମି ଲାଇଟ୍ ହାଉସ ସମ୍ମୁଖରେ ଭବ୍ୟକାର୍ଯ୍ୟକ୍ରମର ଆୟୋଜନ କରାଯିବ ।ସକାଳେ ୯ ଟା ରେ ପତାକା ଉତ୍ତୋଳନ କାର୍ଯ୍ୟକ୍ରମ ରହିଛି ।ବୋଟ ରେସ ସହିତ ରାଷ୍ଟ୍ରୀୟ ସ୍ତରୀୟ କଳାକାର ମାନଙ୍କୁ ନେଇ ମହୋଦଧି ଆର୍ଟ ପଦର୍ଶନୀ ଆୟୋଜିତ କରାଯିବ। ଚିତ୍ର ଅଙ୍କନ ପ୍ରତିଯୋଗିତା, ଚିତ୍ର ଉତ୍ତୋଳନ ପ୍ରତିଯୋଗିତା, ବାଲୁକା ଚିତ୍ର କାର୍ଯ୍ୟକ୍ରମ ରହିଛି । ବାଲୁକା ଚିତ୍ର ଅଙ୍କନ କରିବେ ବିଶ୍ୱ ପ୍ରସିଦ୍ଧ ବାଲୁକା ଶିଳ୍ପୀ ମାନସ କୁମାର ସାହୁ ।. ଅପରାହ୍ନ ୩ ଟା ରେ ରାଜ୍ୟ ସ୍ତରୀୟ କବିତା ଆସର ଆୟୋଜିତ ହେବ ।ସନ୍ଧ୍ୟାରେ ସାଂସ୍କୃତିକ କାର୍ଯ୍ୟକ୍ରମରେ ଓଲିଉଡ କଣ୍ଠଶିଳ୍ପୀ ବିଷ୍ଣୁ ମୋହନ ସହିତ କଲିକତାର ଶ୍ରୀଜନ କଳା କେନ୍ଦ୍ର ନୃତ୍ୟ କାର୍ଯ୍ୟକ୍ରମ ପରିବେଷଣ କରାଯିବ ।ଆଗାମୀ ଚଳଚ୍ଚିତ୍ର ଲଢେଇ ଓ ବୁଲେଟର ପ୍ରୋମୋସନ୍ କରାଯିବ। ଟ୍ରାନସ ଜେଣ୍ଡର କମ୍ୟୁନିଟି ଦ୍ୱାରା ଫ୍ୟାସନ ସୋ ଓ ନୃତ୍ୟ ମୁଖ୍ୟ ଆକର୍ଷଣ ହେବ।

# ଶ୍ରୀଜଗନ୍ନାଥ ପବ୍ଲିକ୍ ସ୍କୁଲରେ ବିଜ୍ଞାନମେଳା




ବାଲେଶ୍ୱର, ୦୬/୧୨ (ନି.ପ୍ର): ବାଲେଶ୍ୱର ସହର ଉପକଣ୍ଠ ସିନ୍ଦୂରୀଠାରେ ସ୍ଥାପିତ ଶ୍ରୀଜଗନ୍ନାଥ ପବ୍ଲିକ୍ ସ୍କୁଲ ଆନୁକୂଲ୍ୟରେ ପ୍ରଥମଥର ପାଇଁ ବିଦ୍ୟାଳୟର ଶିକ୍ଷକ- ଶିକ୍ଷୟିତ୍ରୀଙ୍କ ତତ୍ତ୍ୱାବଧାନରେ ପ୍ରତିଭାସଂପନ୍ନ ଛାତ୍ରଛାତ୍ରୀମାନଙ୍କ ଦ୍ୱାରା ଏକ ଶିକ୍ଷଣୀୟ 'ବିଜ୍ଞାନମେଳା' ଅନୁଷ୍ଠିତ ହୋଇଯାଇଛି। ଆତ୍ମନିର୍ଭରଶୀଳ ଭାରତର ବିକାଶ ସମଗ୍ର ବିଶ୍ୱରେ ସବୁରି ଦୃଷ୍ଟି ଆକର୍ଷଣ କରୁଥିଲାବେଳେ ବିଦ୍ୟାଳୟ ପ୍ରତିଷ୍ଠାତା ଭାସ୍କରଚନ୍ଦ୍ର ପାଣିଗ୍ରାହୀ ଓ ଅନୁଷ୍ଠାନର ଉପ-ସଭାପତି କବି ଶ୍ରୀଦେବଙ୍କ ଦ୍ୱାରା ଏହି ଅଭିନବ 'ବିଜ୍ଞାନମେଳା'କୁ ଉଦ୍‌ଘାଟନ କରାଯାଇଥିଲା। ବିଦ୍ୟାଳୟର ମେଧାବୀ ଛାତ୍ରଛାତ୍ରୀ ଅର୍ପିତା ପାଣିଗ୍ରାହୀ, ଫାରିନ୍ ଆଫ୍ରୋଜ୍, ଇପ୍‌ସିତା ପାଣିଗ୍ରାହୀ, ଅୟସ୍ମିତ୍ ସାମଲ, ମହମ୍ମଦ ସୋହେବ୍, ଜନ୍ମେଜୟ ପଣ୍ଡା, ଜ୍ୟୋତିର୍ମୟୀ ପଣ୍ଡା, ପ୍ରତ୍ୟୁଷ ମାଝି, ସୌମ୍ୟରଂଜନ ମାସନ୍ତ, ଶୁଭଶ୍ରୀ ଅଗସ୍ତି, ଆଦିତ୍ରି ନାୟକ, ଦେବରାଜ୍ ମାଝୀ, ନମନ ବେହେରା, ରୀତିକା କବି, ଆର୍ଯ୍ୟନ୍ ମଣ୍ଡଳ, ସଂପୂର୍ଣ୍ଣ ହୋତା, ଜୟରାଜ ବେହେରା, ପ୍ରୀତିମାନ ପଣ୍ଡା, ସ୍ୱୟଂଦୀପ ଶତପଥୀ, ଅମିତ୍ ମାଝୀ, ନିର୍ମାଲ୍ୟ ଖଟୁଆ, ଓମ୍ ପ୍ରକାଶ ପଣ୍ଡା, ସୀତାଂଶୁ ବେହେରା, ଆଲିଶା ମିଶ୍ର, ପୁନାମ୍ ମାଇତି, ତନ୍ମୟ କୁମାର ସାମଲ ପ୍ରମୁଖଙ୍କ ଦ୍ୱାରା ୨୭ପ୍ରକାର କରାଯାଇଥିବା ଆକର୍ଷଣକାରୀ ପ୍ରୋଜେକ୍ଟକୁ ସଂପୃକ୍ତ ଛାତ୍ରଛାତ୍ରୀମାନେ ଦର୍ଶକମାନଙ୍କୁ ସ୍ୱ-ଅଭିବ୍ୟକ୍ତି ବ୍ୟାଖ୍ୟା କରିଥିଲେ। ଅଧ୍ୟକ୍ଷା ସରୋଜିନୀ ମିଶ୍ର, ଶିକ୍ଷକ ସନ୍ତୋଷ କୁମାର ପଣ୍ଡା, ରଜତ ଦାଶ ଅଧିକାରୀ, ଏଚ୍.ଏଚ୍. ଶ୍ରୀରାମ, ଅଜୟ କୁମାର ପ୍ରଧାନ, ପ୍ରଣିତା ଅଗସ୍ତି, ସସ୍ମିତା ଆଚାର୍ଯ୍ୟ, ଗୁଲେସମା ସାହିନ୍, ମୋନାଲିସା ପଣ୍ଡା, ନାହିଜ୍ ସୁଲତାନ, ଆଫ୍ରିନ୍ କାଦ୍ରୀ, ଭାଗ୍ୟଲକ୍ଷ୍ମୀ ବେହେରା, କବିତା ବେହେରା, ଜୟନ୍ତୀ ଦାସ, ପ୍ରଣୀତା ପାଣିଗ୍ରାହୀ, ଜ୍ଞାନପ୍ରକାଶ ପାଣିଗ୍ରାହୀ ଏବଂ ଜୟନ୍ତ ଦାସ ପ୍ରମୁଖଙ୍କ ମିଳିତ ଉଦ୍ୟମରେ 'ବିଜ୍ଞାନମେଳା'ର ଉଦ୍ୟମ ଉପସ୍ଥିତ ଅଭିଭାବକମାନଙ୍କ ଦ୍ୱାରା ପ୍ରଶଂସିତ ହୋଇଥିଲା।

# ଲାଇସେନ୍ସ ଠିପି ବନ୍ଦ ମଦ ଦୋକାନ ଲାଇସେନ୍ସ ପୁନଃ ପଞ୍ଜିକରଣକୁ ବିରୋଧ: ଜିଲ୍ଲାପାଳଙ୍କୁ ପୌରାଧକ୍ଷ ଓ ୱାର୍ଡ ବାସିନ୍ଦାଙ୍କ ଦାବିପତ୍ର

ଜଳେଶ୍ୱର, ୦୬/୧୨ (ନି.ପ୍ର): ଜଳେଶ୍ୱର ମ୍ୟୁନିସିପାଲଟି ଅଧିନସ୍ଥ ୧୨ ନମ୍ବର ୱାର୍ଡ ର ଜିକେ ଭଟ୍ଟର ହସ୍ପିଟାଲ ଠାରୁ ମାତ୍ର ଶହେ ମିଟର ଦୁରତା ରେ ଥିବା ଠିପି ବନ୍ଦ ମଦ ଦୋକାନ କୁ ବିରୋଧ କରିଛନ୍ତି ସ୍ଥାନୀୟ ବାସିନ୍ଦା ଓ ଜଳେଶ୍ୱର ପୌରାଧକ୍ଷ ପ୍ରତୀପ କୁମାର ପ୍ରଧାନ ।ଏହି ଦୋକାନର ଲାଇସେନ୍ସ ଅବଧି ଆସନ୍ତା ୨୦୨୬ ମସିହା ମାର୍ଚ୍ଚ ୩୧ ତାରିଖରେ ପୁରି ଯାଉଥିବାରୁ ତହିଁ ପରେ ଏଠାରେ ଦୋକାନ ଲାଇସେନ୍ସକୁ ପୁନଃ ପଞ୍ଜିକରଣ ନ କରିବାକୁ ୱାର୍ଡ ବାସିନ୍ଦା ଓ ପୌରାଧକ୍ଷଙ୍କ ପକ୍ଷରୁ ବାଲେଶ୍ୱର ଜିଲ୍ଲାପାଳଙ୍କୁ ଲିଖିତ ଭାବେ ନିବେଦନ କରାଯାଇଛି ।ବିବରଣୀ ରୁ ପ୍ରକାଶ ଯେ ଜଳେଶ୍ୱର ମ୍ୟୁନିସିପାଲିଟି ଅଧିନସ୍ଥ ୧୨ ନମ୍ବର ୱାର୍ଡରେ ଥିବା ଏହି ସରକାରୀ ଲାଇସେନ୍ସପ୍ରାପ୍ତ ମଦ ଦୋକାନ ଟି ଜଳେଶ୍ୱର - ଚନ୍ଦନେଶ୍ୱର ୫୭ ନମ୍ବର ରାଜ୍ୟ ରାଜପଥର ଅତି ନିକଟରେ ରହିଛି ।ଦୋକାନ ଠାରୁ ମାତ୍ର ଶହେ ମିଟର ଦୁରତା ରେ ବ୍ୟସ୍ତବହୁଳ ଜିକେ ଭଟ୍ଟର ହସ୍ପିଟାଲ ଓ ମଦ ଦୋକାନର ପଛରେ ମାତ୍ର କିଛି ଦୁରତା ରେ ଜଳେଶ୍ୱର ମହିଳା ମହାବିଦ୍ୟାଳୟ ଏବଂ ମହାବିଦ୍ୟାଳୟ ର ହଷ୍ଟେଲ ମଧ ରହିଛି ।ସବୁଠାରୁ ବଡ଼ କଥା ମଦ ଦୋକାନ ସମ୍ମୁଖ ଦେଇ ଦାସ କଲୋନୀ କୁ ସଂଯୋଗ କରୁଥିବା ମୁଖ୍ୟ ରାସ୍ତା ଯାଇଛି ।ଏସବୁ ସତ୍ତ୍ୱେ ସରକାର ତୃଟିପୂର୍ଣ୍ଣ ଭାବେ ଏପରି ଏକ ସମ୍ବେଦନଶୀଳ ସ୍ଥାନରେ ମଦ ଦୋକାନ ଖୋଲିବାକୁ ଲାଇସେନ୍ସ ଦେଇଛନ୍ତି ।ଦୋକାନ ଆଖାପାଖ ରେ ଏକାଧିକ ଚାଖଣା ଦୋକାନ ଗଢି ଉଠି ଥିବାରୁ ମଦୁଆ ମାନେ ସେହି ଚାଖଣା ଦୋକାନରେ ସକାଳ ଠାରୁ ବିଳମ୍ବିତ ରାତି ଯାଏଁ ଠିପି ଖୋଲି ନିର୍ଘାତ ମଦ୍ୟପାନ କରୁଛନ୍ତି ।ଦାସ କୋଲୋନୀକୁ ଯାତାୟତ କରୁଥିବା ଝିଅବୋହୁ ଯାଉଥିବା ଦେଖି ଅଶ୍ରାବ୍ୟ ଭାଷା ପ୍ରୟୋଗ କରିଛନ୍ତି ।ସେମାନଙ୍କୁ ଅଶ୍ଳୀଳ ଇଙ୍ଗିତ କରିବାକୁ ମଧ ପଛାଉ ନାହାନ୍ତି ।ହସ୍ପିଟାଲ କୁ ଆସୁଥିବା ରୋଗୀ ଓ ସେମାନଙ୍କ ସମ୍ପର୍କୀୟ ମାନେ ମଧ ଅନେକ ସମୟରେ ମଦୁଆ ଙ୍କ ଉତ୍ପାତ ର ଶୀକାର ହେଉଛନ୍ତି ।ମଦୁଆ ମାନେ ମଦ ଦୋକାନ ପାର୍ଶ୍ୱସ୍ଥ ମୁଖ୍ୟ ରାସ୍ତାରେ ବାଇକ ପାର୍କିଂ କରି ଦୋକାନ କୁ ଯିବା ଓ କିଛି ସମୟ ପରେ ନିଶାସକ୍ତ ଅବସ୍ଥାରେ ଫେରୁଥିବାରୁ ଅନେକ ସମୟରେ ଟ୍ରାଫିକ ସମସ୍ୟା ଓ ଛୋଟବଡ଼ ଦୁର୍ଘଟଣା ମଧ ହେଉଛି ।ମଦ ଦୋକାନ ଆଖପାଖ ରେ ଜନବସତି ଥିବାରୁ ସ୍ଥାନୀୟ ଲୋକେ ଅତିଷ୍ଠ ହୋଇପଡୁଛନ୍ତି। ଆସନ୍ତା ମାର୍ଚ୍ଚ ୩୧ ତାରିଖରେ ଏହି ଦୋକାନ ର ଲାଇସେନ୍ସ ଅବଧି ସରୁ ଥିବାରୁ ଲାଇସେନ୍ସକୁ ପୁନଃ ପଞ୍ଜିକରଣ କରା ନଯାଉ ବୋଲି ଆଜି ଜିଲ୍ଲାପାଳ ଙ୍କ ସହ ଜଳେଶ୍ୱର ପୌର କାର୍ଯ୍ୟ ନିର୍ବାହୀ ଅଧିକାରୀ ଓ ପୌରାଧକ୍ଷ ଙ୍କୁ ଲିଖିତ ଭାବେ ଲୋକେ ଜଣାଇଥିଲେ ।ଲୋକଙ୍କ ଦାବିପତ୍ର ପାଇବା ପରେ ଜଳେଶ୍ୱର ପୌରାଧକ୍ଷ ଶ୍ରୀ ପ୍ରଧାନ ମଧ ଏନେଇ ଜିଲ୍ଲାପାଳଙ୍କୁ ଚିଠି ଲେଖି ତାଙ୍କ ହସ୍ତକ୍ଷେପ ଲୋଡିଛନ୍ତି।

# ଅଟଳ ବିହାରୀ ହାଇସ୍କୁଲରେ ସାଂସଦ ଖେଳ ମହୋତ୍ସବ ଉଦ୍‌ଘାଟିତ



ବାସୁଦେବପୁର: ବାସୁଦେବପୁର ଅଟଳ ବିହାରୀ ହାଇସ୍କୁଲରେ ସାଂସଦ ଖେଳ ମହୋତ୍ସବ ଉଦଘାଟିତ ହୋଇ ଯାଇଛି। ଏହି ଉତ୍ସବରେ ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିଲେ ଭାରତୀୟ ଜନତା ପାର୍ଟିର ବାସୁଦେବପୁର ନିର୍ବାଚନ ମଣ୍ଡଳୀର ବିଧାନ ସଭା ନେତା ବାଣୀ କଲ୍ୟାଣ ମହାନ୍ତି। ଶ୍ରୀ ମହାନ୍ତି ଖେଳ ମହୋତ୍ସବ ର କ୍ରୀଡା ପତାକା ଉତ୍ତୋଳନ କରି ତାଙ୍କ ବକ୍ତବ୍ୟରେ କହିଲେ ବର୍ତ୍ତମାନ ପ୍ରତ୍ୟେକ ଛାତ୍ର ଛାତ୍ରୀ ମାନଙ୍କ ପାଇଁ ଖେଳର ଆବଶ୍ୟକତା ରହିଛି। ସେଥିପାଇଁ କେନ୍ଦ୍ର ଓ ରାଜ୍ୟ ସରକାର ସର୍ବଦା ଖେଳକୁ ଗୁରୁତ୍ୱ ଦେଇଛନ୍ତି ।ଭାରତୀୟ ଜନତା ପାର୍ଟିର ଜିଲ୍ଲା ଉପ ସଭାପତି ଉଦୟ ନାରାୟଣ ମଲ୍ଲିକ, ସାଂସଦ ଖେଳ ମହୋତ୍ସବର ଜିଲ୍ଲା ସଂଯୋଜକ କିଶୋର କିଙ୍କର ପଢ଼ିହାରୀ, ଜଗବନ୍ଧୁ ଦାସ, ମଧୁସୂଦନ ପାଢ଼ୀ, ଡାକ୍ତର ଉମାକାନ୍ତ ଖୁଣ୍ଟିଆ, ଅଧିବକ୍ତା ପ୍ରଦୀପ ମହାନ୍ତି, ଅଧିବକ୍ତା ନୀରଦ କୁମାର ଦାଶ, ଅମରେଶ ନାୟକ, ଲିଙ୍କୁନ ଦଳାଇ, ବାସୁଦେବପୁର ଅଟଳ ବିହାରୀ ହାଇସ୍କୁଲର ଭାରପ୍ରାପ୍ତ ପ୍ରଧାନ ଶିକ୍ଷୟତ୍ରୀ ଶୁଭଲକ୍ଷ୍ମୀ ରାଉତ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ ଏବଂ ବକ୍ତବ୍ୟ ପ୍ରଦାନ କରିଥିଲେ। ଜିଲ୍ଲା କୋଷାଧ୍ୟକ୍ଷ ଜୟ ପ୍ରକାଶ ମଲ୍ଲିକ ମଞ୍ଚ ସଂଯୋଜନା ଓ ପରିଚାଳନା କରିଥିଲେ। ଖେଳ ଶିକ୍ଷକ ଶଶଧର ମହାଳିକ, ଗଙ୍ଗାଧର ସେଠି ଓ ଅନ୍ୟାନ୍ୟ ଶିକ୍ଷକ ଶିକ୍ଷୟତ୍ରୀ ଏହି ଉତ୍ସବରେ ସହଯୋଗ କରିଥିଲେ। ବିଭିନ୍ନ ପ୍ରକାରର ଖେଳ ଏହି ଉତ୍ସବରେ ଅନୁଷ୍ଠିତ ହୋଇ ଥିଲା। ବିଭିନ୍ନ ବିଦ୍ୟାଳୟର ଛାତ୍ର ଛାତ୍ରୀ ଓ ଶିକ୍ଷକ ଶିକ୍ଷୟତ୍ରୀ ଯୋଗ ଦେଇଥିଲେ।

# ଭଦ୍ରକ ଜିଲ୍ଲା ଦଳିତ ମହାସଂଘ ପକ୍ଷରୁ ଡ଼. ବାବା ସାହେବ ଆମ୍ବେଦକରଙ୍କ ୬୯ତମ ମହାପରିନିର୍ବାଣ ଦିବସ ପାଳିତ



ଭଦ୍ରକ , ୦୬/୧୨ (ନି.ପ୍ର): ଜିଲ୍ଲା ଦଳିତ ମହାସଂଘ ପକ୍ଷରୁ ଜିଲ୍ଲା ସଂସ୍କୃତି ଭବନରେ ସମ୍ବିଧାନ ପ୍ରଣେତା ତଥା ଭାରତରତ୍ନ ଡ଼. ବାବା ସାହେବ ଆମ୍ବେଦକରଙ୍କ ମହାପରି ନିର୍ବାଣ ଦିବସ ପାଳିତ ଉତ୍ସବ ଓ ' ଭାରତୀୟ ସମ୍ବିଧାନ ଆଜି କେତେ ସୁରକ୍ଷିତ ' ସମ୍ପର୍କିତ ଏକ ଆଲୋଚନା ଚକ୍ର ଅନୁଷ୍ଠିତ ହୋଇ ଯାଇଛି । ଜିଲ୍ଲା ଦଳିତ ମହାସଂଘ ସଭାପତି ରାଜେନ୍ଦ୍ର ପ୍ରସାଦ ଜେନାଙ୍କ ଆବାହକତ୍ୱରେ ଅନୁଷ୍ଠିତ ଏହି ଉତ୍ସବରେ ସମାଜସେବୀ ମହେନ୍ଦ୍ର ମଲ୍ଲିକ ସଭାପତିତ୍ୱ କରିଥିବା ବେଳେ ମୁଖ୍ୟ ଅତିଥି ଭାବେ ପୂର୍ବତନ ବିଧାୟକ ପଞ୍ଚାନନ ମଣ୍ଡଳ, ମୁଖ୍ୟବକ୍ତା ବିଶିଷ୍ଟ ଲେଖକ ସତ୍ୟପ୍ରକାଶ ସେଠି, ବରେଣ୍ୟ ଅତିଥି ଜିଲ୍ଲା କଂଗ୍ରେସ ସଭାପତି ନଳିନୀ କାନ୍ତ ମହାନ୍ତି, ସମ୍ମାନିତ ଅତିଥି ଭାବେ ଶିକ୍ଷାବିତ କମଳାକାନ୍ତ ସ୍ୱାଇଁ, ଶିକ୍ଷାବିତ ଅରୁଣ ମହାପାତ୍ର, ସମାଜ ସେବୀ ଦେବେନ୍ଦ୍ର ମହାନ୍ତି ପ୍ରମୁଖ ଯୋଗ ଦେଇ ବାବା ସାହେବ ଆମ୍ବେଦକରଙ୍କ ବହୁମୁଖୀ ପ୍ରତିଭା ସମ୍ପର୍କରେ ବକ୍ତବ୍ୟ ଦେଇଥିଲେ । ମୁଖ୍ୟ ଅତିଥି ଶ୍ରୀ ମଣ୍ଡଳ ମୁଖ୍ୟ ବକ୍ତା ଶ୍ରୀ ସେଠି ତାଙ୍କ ବକ୍ତବ୍ୟରେ ବାବା ସାହେବ ଆମ୍ବେଦକରଙ୍କୁ ଭାରତ ବର୍ଷର ଏକ ଅମୂଲ୍ୟ ରତ୍ନ ବର୍ଣ୍ଣନା କରିବା ସହ ତାଙ୍କ ଦ୍ୱାରା ଲିଖିତ ସମ୍ବିଧାନ ସମଗ୍ର ବିଶ୍ୱର ସର୍ବବୃହତ । ସର୍ବଧର୍ମ ସମନ୍ୱୟ ର ରାଷ୍ଟ୍ର ଭାରତ ବର୍ଷର ପ୍ରତ୍ୟେକ ନାଗରିକଙ୍କୁ ସମାନତା,ସ୍ୱତନ୍ତ୍ରତା, ଭାଇଚାରା ଓ ନ୍ୟାୟ ରେ ବଂଚିବା ପାଇଁ ଡ଼ ବାବା ସାହେବ ଆମ୍ବେଦକର ଦେଇ ଯାଇଥିବା ସାମ୍ବିଧାନିକ ଅଧିକାର ଯୋଗୁଁ ଆଜି ଭାରତୀୟ ମାନେ ଶାନ୍ତିରେ ଜୀବନ ଯାପନ କରୁଥିବା ବେଳେ ଆଜି ସମ୍ବିଧାନ ଓ ଗଣତନ୍ତ୍ର ବିପଦରେ ଅଛି ବୋଲି ମୁଖ୍ୟ ଅତିଥି ଶ୍ରୀ ମଣ୍ଡଳଙ୍କ ସମେତ ଅତିଥି ମାନେ ବକ୍ତବ୍ୟ ଦେଇ ଉଦବେଗ ପ୍ରକାଶ କରିଥିଲେ । ସେହିପରି ସମ୍ବିଧାନ ସୁରକ୍ଷିତ ରହିଲେ ସମସ୍ତ ନାଗରିକ ସୁରକ୍ଷିତ ରହିବେ କ୍ଷକ୍ଷ ଗଣତନ୍ତ୍ରର ସୁରକ୍ଷା ଦିଗରେ ପ୍ରତ୍ୟେକ ଭାରତୀୟ ପ୍ରତିବାଦ କରିବାକୁ ଆଗେଇ ଆସିବା ଉଚିତ ବୋଲି ବକ୍ତା ମାନେ ମତବ୍ୟକ୍ତ କରିଥିଲେ । ଅନ୍ୟ ମାନଙ୍କ ମଧ୍ୟରେ ନାରୀନେତ୍ର ଶର୍ମିଷ୍ଠା ପଣ୍ଡା,ବରିଷ୍ଠ ସାମ୍ବାଦିକ ଜ୍ଞାନ ପାଣି,ପୀତବାସ ଧଳ, ଆଇନଜୀବି ସ୍ୱସ୍ତିକା ପଣ୍ଡା ପ୍ରମୁଖ ବିଶିଷ୍ଟ ବ୍ୟକ୍ତି ମାନେ ସମାଜ ପ୍ରତି ବାବା ସାହେବ ଆମ୍ବେଦକର ଙ୍କ ତ୍ୟାଗ ଓ ତାଙ୍କର ବହୁମୁଖୀ ପ୍ରତିଭା ସମ୍ପର୍କରେ ବକ୍ତବ୍ୟ ଦେଇଥିଲେ । ଆୟୋଜିତ ଏହି କାର୍ଯ୍ୟକ୍ରମ ରେ ଜିଲ୍ଲା ବିଭିନ୍ନ ବ୍ଲକରୁ ୩ ଶହ ରୁ ଊର୍ଦ୍ଧ୍ୱ ଆମ୍ବେଦକରବାଦୀଙ୍କ ସମେତ ରାଜ୍ୟ କଂଗ୍ରେସ ଅନୁସୂଚିତ ଜାତି ବିଭାଗ ର ରାଜ୍ୟ ସମ୍ପାଦକ ରଞ୍ଜନ ଜେନା,ରତ୍ନାକର ମଲ୍ଲିକ, ଧାମନଗର ଦଳିତ ନେତା ଦୀନବନ୍ଧୁ ଦାସ,ବିଜୟ ବାରିକ,ସୂଦୀପ୍ତା ପଟ୍ଟନାୟକ, ମନୋଜ ମଲ୍ଲିକ, ଯୁବନେତା ଟୁକୁନା ଜେନା ପ୍ରମୁଖ ଯୋଗ ଦେଇ କାର୍ଯ୍ୟକ୍ରମ କୁ ସଫଳ କରିଥିଲେ ।ସଭା ପ୍ରାରମ୍ଭ ରେ ମୁଖ୍ୟ, ସମ୍ମାନିତ ଅତିଥି ବୃନ୍ଦ ଡ଼. ବାବାସାହେବ ଆମ୍ବେଦକର ଙ୍କ ଫୋଟ ଚିତ୍ରରେ ପୁଷ୍ପମାଲ୍ୟ ଅର୍ପଣ କରି ପ୍ରଦୀପ ପ୍ରଜ୍ୱଳନ କରି ସଭା ଆରମ୍ଭ କରିଥିଲେ ।

# ଆମ୍ବେଦକରଙ୍କର ୬୯ ତମ ମହାପରିନିର୍ବାଣ ଦିବସ




ବାଲିଆପାଳ , ୦୬/୧୨ (ନି.ପ୍ର): ବାଲିଆପାଳ ବ୍ଲକ ସୁବର୍ଣ୍ଣରେଖା ବନ୍ଦର କଲ୍ୟାଣ କମିଟି ପକ୍ଷରୁ ଶନିବାର ଅପରାହ୍ନରେ ସମ୍ବିଧାନର ପ୍ରଣେତା ବାବା ସାହେବ ଡ଼, ଆମ୍ବେଦକର ଙ୍କର ୬୯ ତମ ମହାପରିନିର୍ବାଣ ଦିବସ ହାସିମପୁର ସ୍ଥିତ କମିଟିର ସଂଯୋଜକ କାର୍ଯ୍ୟାଳୟ ପରିସରରେ ପାଳନ ହୋଇଯାଇଛି । କମିଟିର ସଭାପତି ଅବସରପ୍ରାପ୍ତ ବିଡ଼ିଓ ବାଦଲ ମାଝୀଙ୍କ ଅଧ୍ୟକ୍ଷତାରେ ଆୟୋଜିତ ସଭାରେ ମୁଖ୍ୟ ଅତିଥି ଭାବେ ଅବସରପ୍ରାପ୍ତ ଶିକ୍ଷାବିତ ଭଗିରଥ ଗିରି ଆମ୍ବେଦକଙ୍କର ଦ୍ୱାରା ପ୍ରଣୟନ ହୋଇଥିବା ସମ୍ବିଧାନ ଏତେ ଉଚ୍ଚ କୋଟୀର ଯାହାକି ସାରା ବିଶ୍ୱରେ ଏହା ପ୍ରସଂସନୀୟ କରିଥିଲେ ।ମୁଖ୍ୟ ଅତିଥିଭାବେ ରାଷ୍ଟ୍ରପତି ପୁରସ୍କାର ପ୍ରାପ୍ତ ଝାଡେଶ୍ୱର ପ୍ରଧାନ ଯୋଗଦେଇ ଆମ୍ବେଦକରଙ୍କର ନୀତି ଆଦର୍ଶ ବିଷୟରେ ଆଲେଚନା କରିଥିଲେ ।ସମ୍ମାନିତ ଅତିଥିଭାବେ କମିଟି ର ଉପସଭାପତି ମଧୁସୂଦନ ସାହୁ,ସଦସ୍ୟ କରୁଣାକର ଜେନା, ପ୍ରମୁଖ ଯୋଗଦେଇ ଅଭିଭାଷଣ ପ୍ରଦାନ କରିଥିଲେ। କମିଟିର ସମ୍ପାଦିକା କଳ୍ପନା ଜେନା ଧନ୍ୟବାଦ ଅର୍ପଣ କରିଥିଲେ। କମିଟି ପକ୍ଷରୁ ବାଲିଆପାଳରେ ଆମ୍ବେଦକରଙ୍କର ପ୍ରତିମୂର୍ତ୍ତି ସ୍ଥାପନ ପାଇଁ ଦାବି ଉଠିଥିଲା। ଅନ୍ୟ ମାନଙ୍କ ମଧ୍ୟରେ ଶୁଭଙ୍କରୀ ମହାନ୍ତି, ଜୟନ୍ତୀ ଜେନା, ଶିଶିର ଖଣ୍ଡା, ବଙ୍କିମ ଜେନା, ମନୋରଞ୍ଜନ ଦାସ, ଶ୍ରୀ କାନ୍ତ ରଣା,ହରିପ୍ରିୟା ଦାସ, ପୂର୍ଣ୍ଣ ଚନ୍ଦ୍ର ପାତ୍ର ପ୍ରମୁଖ ଉପସ୍ଥିତ ଥିଲେ।

# ପାରାଦୀପ ବନ୍ଦର ପ୍ରାଧିକରଣ ପକ୍ଷରୁ ଡ. ବିଆର. ଆମ୍ବେଦକରଙ୍କ ୬୯ତମ ମହାପରିର୍ନିବାଣ ଦିବସ ପାଳିତ

ପାରାଦୀପ, ୬/୧୨ : ଭାରତରତ୍ନ ଡ. ବିଆର ଆମ୍ବେଦକରଙ୍କ ୬୯ତମ ମହାପରିର୍ନିବାଣ ଦିବସ ପାରାଦୀପ ବନ୍ଦର ପ୍ରାଧିକରଣ ପକ୍ଷରୁ ମହାସମାରୋହରେ ପାଳିତ ହୋଇଯାଇଛି । ଏହି ଅବସରରେ ଆମ୍ବେଦକର ପାର୍କରେ ଅନୁଷ୍ଠିତ ସମାରୋହରେ ବନ୍ଦର ଅଧକ୍ଷ ପି.ଏଲ.ହରନାଦ ଯୋଗ ଦେଇ ଆମ୍ବେଦକର ଙ୍କ ପ୍ରତିମୂର୍ତ୍ତି ରେ ମାଲ୍ୟାର୍ପଣ କରିଥିଲେ । ସମାଜରେ ସମାନତା, ଏକତା ଓ ସାମାଜିକ ନ୍ୟାୟ ପ୍ରତିଷ୍ଠା ଦିଗରେ ଡ.ଆମ୍ବେଦକରଙ୍କ ଦାନ ଅତୁଳନୀୟ । ସାମାଜୀକ ସଶକ୍ତିକରଣରେ ତାଙ୍କର ଅବଦାନ ସବୁ ସମୟରେ ସମାଜରେ ଅନୁଭୂତ ହୋଇଥାଏ ବୋଲି ଅଧକ୍ଷ ଶ୍ରୀ ହରନାଦ କହିଥିଲେ । ଉପାଧକ୍ଷ ଟି.ଭେନୁ ଗୋପାଳ, ସଚୀବ କ୍ରିଷ୍ଣା ବାପିରାଜୁ ଗଣପତି ରାଜୁ, ଉପସଂରକ୍ଷକ କ୍ୟାପଟେନ୍ ଏ.ସି.ସାହୁ, ସିଏମଇ ସୁଶୀଲ କୁମାର ନାହାକ, ଟ୍ରାଫିକ ମ୍ୟାନେଜର ଜି.ଏଡିସନ୍ ପ୍ରମୁଖ ଯୋଗ ଦେଇ ଡ. ଆମ୍ବେଦକରଙ୍କ ପ୍ରତି ଶ୍ରଦ୍ଧାସୁମନ ଅର୍ପଣ କରିଥିଲେ । ପାରାଦୀପ ବନ୍ଦର ଏସି ଓ ଏସଟି କର୍ମଚାରୀ କଲ୍ୟାଣ ସଂଘ ସାଧାରଣ ସମ୍ପାଦକ ଗଙ୍ଗାଧର ସେଠୀ ଓ



ଗୋପବନ୍ଧୁ କ୍ରୀଡା ସଂସଦ ର ସମ୍ପାଦକ ଧୂନଚନ୍ଦ୍ର ତରାଇ କାର୍ଯ୍ୟକ୍ରମରେ ଉପସ୍ଥିତ ଥିଲେ।

# ‘ନାଆମି’ ମହାବିଦ୍ୟାଳୟରେ ଜିଲ୍ଲା ଆଇନ ସେବା ପ୍ରାଧିକରଣ ଭଦ୍ରକ ପକ୍ଷରୁ ସଚେତନତା କାର୍ଯ୍ୟକ୍ରମ

ଭଦ୍ରକ, ୦୬/୧୨ (ନି.ପ୍ର): ଓଡ଼ିଶା ରାଜ୍ୟ ଆଇନ୍ ସେବା ପ୍ରାଧିକରଣ, କଟକଙ୍କ ପ୍ରଦତ୍ତ କ୍ୟାଲେଣ୍ଡର ଅନୁସାରେ ଜିଲ୍ଲା ଆଇନ୍ ସେବା ପ୍ରାଧିକରଣ, ଭଦ୍ରକ ‘ନାଆମି’ ମହାବିଦ୍ୟାଳୟ, ମଞ୍ଜୁରିରୋଡ଼, ଭଣ୍ଡାରିପୋଖରୀ, ଭଦ୍ରକ ଠାରେ ମାନ୍ୟବର ସର୍ବୋଚ୍ଚତମ ନ୍ୟାୟଳୟଙ୍କର ନ୍ୟାୟ ବିଚ୍ଛର କୃତ୍ରିମ ଜ୍ଞାନ କୌଶଳ ଏବଂ ବିଚ୍ଛର ହେଉଥିବା ମାମଲା ଗୁଡ଼ିକର ଆଞ୍ଚଳିକ ଭାଷା ମାଧ୍ୟମରେ ଲୋକମାନଙ୍କ ପାଖରେ କିପରି ସହଜରେ ପ୍ରହଞ୍ଚି ପାରିବ ଏବଂ ଓଡ଼ିଶା ଉଚ୍ଚନ୍ୟାୟଳୟଙ୍କର ଆଇନ୍, ସୂଚନା ଓ ପ୍ରଯୁକ୍ତି ବିଦ୍ୟା ଆଇନ୍, ସିଭିଲ୍ ଓ ଫୌଜଦାରୀ ଆଇନ୍ ସମ୍ପର୍କିତ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇ ଅଛି । ଜିଲ୍ଲା ଆଇନ୍ ସେବା ପ୍ରାଧିକରଣର ସଚିବ ଶ୍ରୀ ପୂଣ୍ୟ ଶ୍ଲୋକରଥ ଏହି ସଚେତନତା କାର୍ଯ୍ୟକ୍ରମ ମାଧ୍ୟମରେ ନିଜବକ୍ତବ୍ୟରେ କହିଥିଲେ ଯେ



ମଧ୍ୟସ୍ଥତା ହେଉଛି ଏପରି ଏକ ପ୍ରକ୍ରିୟା ଯାହାଦ୍ୱାରା ବହୁତ୍ ଅହସହାୟ ଲୋକ ସୁବିଧାରେ ଓ ସହଜରେ ସେମାନଙ୍କର ମାମଲାର ସମାଧାନ କରିପାରିବେ ତଥା ଆସନ୍ତା ୧୩ ତାରିଖ ଦ୍ୱିତୀୟ ଶନିବାର ଦିନ ଚତୁର୍ଥ ରାଷ୍ଟ୍ରୀୟ ଲୋକ ଅଦାଲତ ନିମିତ୍ତ ଗରିବ ତଥା ନିଷ୍ପେସିତ ଲୋକମାନେ ସେମାନଙ୍କର ବହୁବର୍ଷ ଧରି ଚ୍ଛଳିଥିବା ମାମାଲା ଗୁଡ଼ିକର ଶୀଘ୍ର ବିଚ୍ଛର ପାଇଁ ଏହି ଲୋକ ଅଦାଲତରେ ସୁଯୋଗର ସଦ୍ ଉପଯୋଗ କରନ୍ତୁ। ଅତିଥି ମାନଙ୍କ ମଧ୍ୟରେ ସହାୟକ ଏଲ୍.ଏ.ଡିସ୍.ଏସ୍. ଡଃ ତାପସ କୁମାର ମହାନ୍ତି, ନ୍ୟାୟ ରକ୍ଷକ, ଭଦ୍ରକ, ଶ୍ରୀ ତ୍ରିଲୋଚନ ସେଠୀ, ଉପଖଣ୍ଡ ଆରକ୍ଷୀ ଅଧିକାରୀ, ଧାମନଗର, ଭଦ୍ରକ, ଡଃ ସୁକାନ୍ତ ଚନ୍ଦ୍ର ସ୍ୱାଇଁ, ଅଧକ୍ଷ, ଡଃ ଅଜୟ କୁମାର ପ୍ରଧାନ, ଡଃ ଆଶୋକ କୁମାର ଦାସ ପ୍ରମୁଖ ଅଧାପକ ତଥା ଅଧାପିକା ନାଆମି, ମହାବିଦ୍ୟାଳୟ, ଭଦ୍ରକ ତଥା ୨୦୦ରୁ ଉର୍ଦ୍ଧ୍ୱ ଛାତ୍ରଛାତ୍ରୀ ମାନେ ଉପସ୍ଥିତ ରହି ଏହି ସଚେତନତା କାର୍ଯ୍ୟକ୍ରଟିକୁ ସଫଳ ରୂପାୟନ ଦେଇଥିଲେ। ଜିଲ୍ଲା ଆଇନ୍ ସେବା ପ୍ରାଧିକରଣର କର୍ମାଗଣ ଏହି କାର୍ଯ୍ୟକ୍ରମଟିକୁ ଆଗେଇ ନେଇଥିଲେ।

# ୫ ବର୍ଷରେ ଜବତ ହେଲାଣି ୧ ଲକ୍ଷ ୬୬ ହଜାର ୯୪୧ କେଜି ଗଞ୍ଜେଇ

ଭୁବନେଶ୍ୱର, ୦୬/୧୨ (ନି.ପ୍ର): ୫ ବର୍ଷରେ ଜବତ ହେଲାଣି ୧ ଲକ୍ଷ ୬୬ ହଜାର ୯୪୧ କେଜି ଗଞ୍ଜେଇ । ଏନେଇ ବିଧାନସଭାରେ ଲିଖିତ ଉତ୍ତର ରଖିଛନ୍ତି ଅବକାରୀ ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ । ସେହିପରି ୫୨ ହଜାର ୨୩୫ ଏକର ଜମିରେ ହୋଇଥିବା ଗଞ୍ଜେଇ ଚାଷ ନଷ୍ଟ କରାଯାଇଛି । ଚଳିତ ବର୍ଷ ନଭେମ୍ବର ସୁଦ୍ଧା ୨୨ ହଜାର ୩୮୦ କେଜି ଗଞ୍ଜେଇ ଜବତ ହୋଇଛି । ଚଳିତ ବର୍ଷ ନଭେମ୍ବର ସୁଦ୍ଧା ୨୨ ହଜାର ୩୮୦ କେଜି ଗଞ୍ଜେଇ ଜବତ ହୋଇଛି । କନ୍ଧମାଳରେ ୩୬୪୯, ବୌଦ୍ଧରେ ୩୩୭ ଏକର ଜମିରେ ଗଞ୍ଜେଇ ନଷ୍ଟ ହୋଇଛି ।

# ଖୋର୍ଦ୍ଧାରେ ୬୩ତମ ହୋମ ଗାର୍ଡ ଓ ସିଭିଲ୍ ଡିଫେନ୍ସ ଦିବସ ପାଳନ

ଖୋର୍ଦ୍ଧା,୬/୧୨: ରିଜର୍ଭ ପୋଲିସ ଗ୍ରାଉଣ୍ଡ, ଖୋର୍ଦ୍ଧାରେ ଆଜି ଖୋର୍ଦ୍ଧା ପୋଲିସ କର୍ତ୍ତୃପକ୍ଷ ୬୩ତମ ହୋମ ଗାର୍ଡ ଏବଂ ସିଭିଲ୍ ଡିଫେନ୍ସ ଦିବସ ପାଳନ କରିଛନ୍ତି। ଏହି ଅବସରରେ ଏକ ବିଧିବଦ୍ଧ ପରେଡ୍ ମଧ ଅନୁଷ୍ଠିତ ହୋଇଥିଲା। ଖୋର୍ଦ୍ଧାର ଜିଲ୍ଲା ପୋଲିସ ଅଧିକାରୀ (ଏସ୍ପି) ଶ୍ରୀ ବିବେକାନନ୍ଦ ଶର୍ମା, ଆଇପିଏସ୍ ଏହି କାର୍ଯ୍ୟକ୍ରମରେ ଉପସ୍ଥିତ ଥିଲେ ଏବଂ ପରେଡ୍ ପରିଦର୍ଶନ କରି ଉପସ୍ଥିତ ସମସ୍ତ ହୋମ ଗାର୍ଡ ଏବଂ ସିଭିଲ୍ ଡିଫେନ୍ସ କର୍ମୀଙ୍କୁ ଶୁଭେଚ୍ଛା ଜଣାଇଥିଲେ। ନିଜ ବକ୍ତବ୍ୟରେ ସେମାନଙ୍କ ସେବା ଓ ସମର୍ପଣକୁ ସମ୍ମାନ ଜଣାଇ ଶ୍ରୀ ଶର୍ମା କହିଥିଲେ ଯେ ସାର୍ବଜନୀନ ଶାନ୍ତି-ଶୃଙ୍ଖଳା ବଜାୟ ରଖିବା, ବିପର୍ଯ୍ୟୟ ମୋଚନ, ଏବଂ ପୋଲିସଙ୍କ ଦୈନନ୍ଦିନ କାର୍ଯ୍ୟରେ ସହାୟତା ପ୍ରଦାନରେ ସେମାନଙ୍କର ଭୂମିକା



ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ। ସେ ଆହୁରି କହିଥିଲେ ଯେ ଶୃଙ୍ଖଳା, ନିୟମିତ ପ୍ରଶିକ୍ଷଣ ଏବଂ ସମନ୍ୱୟ ଜରିଆରେ ଆପତ୍ତକାଳୀନ ସେବା ଓ ସାମୂହିକ ସୁରକ୍ଷାକୁ ଆହୁରି ଶକ୍ତିଶାଳୀ କରାଯାଇପାରିବ। ଡିପିଓ ଏବଂ ଆରଓ ଖୋର୍ଦ୍ଧାର ବରିଷ୍ଠ ପୋଲିସ ଅଧିକାରୀଗଣ, ସମସ୍ତ କର୍ମଚାରୀ ଓ ବରିଷ୍ଠ ଅଧିକାରୀମାନେ ଉପସ୍ଥିତ ଥିଲେ । ଏହି ଅବସରରେ ହୋମ ଗାର୍ଡ ଓ ସିଭିଲ୍ ଡିଫେନ୍ସ ସ୍ୱୟଂସେବକ ମାନେ ପ୍ରଥମ ପ୍ରତିକ୍ରିୟାଦାତା ଏବଂ ବଳ ଗୁଣକ ଭାବରେ ଯେଉଁ ଅମୂଲ୍ୟ ଅବଦାନ ଦେଉଛନ୍ତି, ତାହାକୁ ସ୍ୱୀକୃତି ଦିଆଯାଇଥିଲା ଏବଂ ସେବା, ପ୍ରସ୍ତୁତତା ଏବଂ ସାର୍ବଜନୀନ କଲ୍ୟାଣ ପ୍ରତି ସେମାନଙ୍କର ପ୍ରତିବଦ୍ଧତା ପୁନର୍ବାର ଦୃଢ଼ୀଭୂତ କରାଯାଇଥିଲା।

# ଭଦ୍ରକ ସ୍ୱୟଂଶାସିତ ବିଦ୍ୟାଳୟରେ ଯୁବ ଉତ୍ସବ ଆୟୋଜିତ ସାଂସ୍କୃତିକ କାର୍ଯ୍ୟକ୍ରମ ସହ କୃତୀ ଛାତ୍ରଛାତ୍ରୀଙ୍କୁ ପୁରସ୍କାର ବଣ୍ଟନ

ଭଦ୍ରକ, ୦୬/୧୨ (ନି.ପ୍ର): “ବିକଶିତ ଭାରତ – ଯୁବ ନେତୃତ୍ୱ ସଙ୍କଳ୍ପ ୨୦୨୬”କୁ ପଥେୟ କରି ଏବଂ “ପ୍ରଗତିର ସାରଥି, ଆମ ଯୁବ ଶକ୍ତି” ସ୍ଲୋଗାନକୁ ଆଧାର କରି କ୍ରୀଡ଼ା ଓ ଯୁବ ସେବା ବିକାଶ ବିଭାଗ, ଓଡ଼ିଶା ସରକାରଙ୍କ ସୌଜନ୍ୟରେ ଜିଲ୍ଲା ପ୍ରଶାସନ ଦ୍ୱାରା ଭଦ୍ରକ ସ୍ୱୟଂଶାସିତ ବିଦ୍ୟାଳୟ ପରିସରରେ ଯୁବ ଉତ୍ସବ ପାଳିତ ହୋଇଯାଇଛି। ଏଥିରେ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଭଦ୍ରକ ଜିଲ୍ଲାପାଳ ଶ୍ରୀଯୁକ୍ତ ଦିଲ୍ଲୀପ ରାଉତରାୟ ଛାତ୍ରଛାତ୍ରୀଙ୍କୁ ଉଦ୍ଦେଶ୍ୟ କରି କହିଥିଲେ ଯେ, ସଫଳତା ପାଇବା ପାଇଁ ଛାତ୍ରଛାତ୍ରୀମାନଙ୍କୁ ମାନସିକ ଭାବେ ସୁଦୃଢ଼ ହୋଇ ରହିବା ଆବଶ୍ୟକ। ସୁସ୍ଥ ମନୋଭାବ ଓ ମାନସିକ ସ୍ଥିରତା



ଥିଲେ ବିଫଳତାରୁ ଶିଖି ସଫଳତାର ସ୍ୱାଦ ନିଶ୍ଚୟ ଚାଖିପାରିବ।ସକାଳ ୧୦ଟା ସମୟରେ ଅତିରିକ୍ତ ଜିଲ୍ଲାପାଳ ଶ୍ରୀଯୁକ୍ତ ରବିନାରାୟଣ ସାହୁ ଦୀପ ପ୍ରଜ୍ୱଳନ କରି ଯୁବ ଉତ୍ସବର ଉଦ୍‌ଘାଟନ କରିଥିଲେ। ଏହାପରେ ସାଂସ୍କୃତିକ କାର୍ଯ୍ୟକ୍ରମ ସହ ଚିତ୍ରାଙ୍କନ, ବିଜ୍ଞାନମେଳା, ବକ୍ତୃତା, ଲୋକନୃତ୍ୟ ଓ ଲୋକସଙ୍ଗୀତ ଭଳି ବିଭିନ୍ନ ପ୍ରତିଯୋଗିତାରେ ଛାତ୍ରଛାତ୍ରୀମାନେ ବହୁମାତ୍ରରେ ଭାଗ ନେଇ ନିଜ ପ୍ରତିଭାର ପରାକାଷ୍ଠା ପ୍ରଦର୍ଶନ କରିଥିଲେ।ଏକ ଦିବସୀୟ ଏହି କାର୍ଯ୍ୟକ୍ରମରେ ଜିଲ୍ଲାପାଳଙ୍କ ସହ ଉପଜିଲ୍ଲାପାଳ, ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ କାର୍ତ୍ତିକ ନାଥ ମଣ୍ଡଳ, ଅତିରିକ୍ତ ଜିଲ୍ଲାପାଳ ରବିନାରାୟଣ ସାହୁ, କ୍ରୀଡା ଅଧିକାରୀ ଅନୁପ କୁମାର ବେହେରା, ଜିଲ୍ଲା ସଂସ୍କୃତି ଅଧିକାରୀ ତନୁଜା ସିର୍ଖା, ଏନ୍‌ଏସ୍‌ଏସ୍ ପିଓ ଡ଼ଃ ସୁଦର୍ଶନ ଦାସ, ଜିଲ୍ଲା କ୍ରୀଡା ଅଧିକାରୀ ରମେଶ କୁମାର ମହାନ୍ତି ପ୍ରମୁଖ ଉପସ୍ଥିତ ରହି ଛାତ୍ରଛାତ୍ରୀମାନଙ୍କୁ ଆଗାମୀ ପିଢି ପାଇଁ ଆଦର୍ଶ ହେବାକୁ ପ୍ରେରଣା ଦେଇଥିଲ।

# ବସ୍ ଧକ୍କାରେ ଅଳ୍ପକେ ବର୍ତ୍ତିଲେ ବାଇକ୍ ଆରୋହୀ

ଲଙ୍ଗଳେଶ୍ୱର , ୦୬/୧୨ (ନି.ପ୍ର): ଦୃତ ଗତିରେ ଆସୁଥିବା ଘରୋଇ ବସ୍ ଧକ୍କାରେ ଅଳ୍ପକେ ବର୍ତୀଲେ ବାଇକ୍ ଆରୋହୀ। ତେବେ ବାଲେଶ୍ୱର ଜିଲ୍ଲା ବାଲିଆପାଳ ବ୍ଲକ ବଣିଆଁଡିହା ପଞ୍ଚାୟତର ରଞ୍ଜନ ବାରିକ୍ ନିଜ ଜେଜେ ଶଶୁରଙ୍କ ମୁର୍ତାହ କ୍ରିୟା ପାଇଁ ବାଲିକୁଟି ପଞ୍ଚାୟତ ମହାବଳା ଗ୍ରାମକୁ ବାଇକରେ ଶଳାବନ୍ଧୁ ଗୌତମ କୁମାର ବାରିକ୍ ସହ ଯାଉଥିବା ବେଳେ ଲଙ୍ଗଳେଶ୍ୱର ରୁ ମାନ୍ଧାତା ରାସ୍ତାରେ ବାଇକକୁ ଧକ୍କା ଦେଇଥିଲା ବାଲେଶ୍ୱର ରୁ ରାତାଇ ଯାଉଥିବା ଘରୋଇ ବସ୍ ଏହେସାନ୍। ଘଟଣା ସ୍ଥଳରେ ବାଇକ୍ ଆରୋହୀ ପଡିଯିବା ସହ ଗୋଡ ଏବଂ ମୁଣ୍ଡରେ ଆଘାତ ହୋଇଥିଲା ଏବଂ ବାଇକଟି ମଧ କିଛ ଅଂଶ କ୍ଷତି ହୋଇଥିଲା । ତେବେ ଗଟଣାସ୍ଥଳରୁ ବସ୍ ଟି ପଳାଇ ଯାଉଥିବା ବେଳେ ସ୍ଥାନୀୟ ଲୋକେ ମହାବଳା ଛକରେ ବସ୍ କୁ ଅଟକାଇ ଥିଲେ । ବସ ଟି ଦୃତ ଗତିରେ ଯାଉଥିବାରୁ ଏଭଳି ଘଟଣା ଘଟିଛି ବୋଲି ଜଣା ପଡିଛି।

# ସିମୁଳିଆ ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ବାର୍ଷିକ ଉତ୍ସବ ପାଳିତ

ବାଲିଆପାଳ , ୦୬/୧୨ (ନି.ପ୍ର): ବାଲିଆପାଳ ବ୍ଲକ୍ ଅନ୍ତର୍ଗତ ସିମୁଳିଆ ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ପ୍ରଧାନ ଶିକ୍ଷୟିତ୍ରୀ ରଶ୍ମୀ ବାଡ଼ିଙ୍କ ଅଧକ୍ଷତାରେ ଶୁକ୍ରବାର ପୂର୍ବାହ୍ନରେ ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଯାଇଛି । ମୁଖ୍ୟ ଅତିଥି ଭାବେ ବାଲିଆପାଳ ଗୋଷ୍ଠୀ ଶିକ୍ଷାଧିକାରୀ ଜଗବନ୍ଧୁ ଜେନା , ମୁଖ୍ୟ ବକ୍ତା ଭାବେ ଇଞ୍ଜିନିୟର ସୁଧୀର କୁମାର ପରିଡ଼ା , ସମ୍ମାନିତ ଅତିଥି ଭାବେ ଏବିଇଓ ନମିତାପ୍ରଭା ସାମଲ, ପୂର୍ବତନ ସିଆରସିସି ଅଶୋକ କୁମାର ଗିରି , ପୂର୍ବତନ ପ୍ରଧାନ ଶିକ୍ଷୟିତ୍ରୀ ନମିତା ତ୍ରିପାଠୀ, ସମାଜସେବୀ ଲମ୍ବୋଦର ମାହାନା, ସିଆରସିସି



ଯଶୋବନ୍ତ ଜେନା , ବିଦ୍ୟାଳୟ ପରିଚାଳନା କମିଟି ସଭାପତି ରାମକୃଷ୍ଣ ସାହୁ ବକ୍ତବ୍ୟ ପ୍ରଦାନ କରିଥିଲେ । ଏହି ଅବସରରେ ଅନ୍ୟତ୍ର ବଦଳି ହୋଇଥିବା ଶିକ୍ଷକ ସୁଶାନ୍ତ କୁମାର କର ଏବଂ ବିଦ୍ୟାଳୟ ପାଇଁ ଗୌରବ ଆଣି ଥିବା ଛାତ୍ର ଅଂଶୁମାନ ରାଉଳଙ୍କୁ ସମ୍ବର୍ଦ୍ଧିତ କରାଯାଇ ଥିଲା । ବିଭିନ୍ନ ବିଭାଗରେ କୃତିତ୍ୱ ହାସଲ କରିଥିବା ଛାତ୍ରଛାତ୍ରୀ ମାନଙ୍କୁ ମାନପତ୍ର ଓ ପୁରସ୍କାର ବିତରଣ କରାଯାଇଥିଲା । ବିଦ୍ୟାଳୟର ଶିକ୍ଷକ ନିତାଇ ଚରଣ ରାଉଳ ସ୍ୱାଗତ ଭାଷଣ ଦେଇଥିବା ବେଳେ ଶିକ୍ଷକ ଦିଲ୍ଲୀପ କୁମାର ସାହୁ ଧନ୍ୟବାଦ ଅର୍ପଣ କରିଥିଲେ । ଅପରାହ୍ନରେ ଛାତ୍ର ଛାତ୍ରୀଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟ କ୍ରମ ଅନୁଷ୍ଠିତ ହୋଇଥିଲା । ଶିକ୍ଷକ ଭରତ ଚନ୍ଦ୍ର ଜେନା , ମଞ୍ଜୁବାଳା ମହାନ୍ତି, ସନ୍ଦୀପା ଜେନା , ପୂଜାରାଣୀ ଦେ, ସୁଶୀଲ କୁମାର ଜେନା ସମେତ ପରିଚାଳନା କମିଟିର ସମସ୍ତ ସଦସ୍ୟ ସଦସ୍ୟା କାର୍ଯ୍ୟକ୍ରମରେ ସହଯୋଗ କରିଥିଲେ ।

# ବ୍ୟାପକ ପରିମାଣରେ ପୋଚ ଓ ଚୋରା ଦେଶି ରନ୍ଧା ମଦ ଜବତ କରି ନଷ୍ଟ କଲା ଅବକାରୀ ବିଭାଗ

ବୈଶିଙ୍ଗା , ୦୬/୧୨ (ନି.ପ୍ର): ବେତନଟୀ ଅବକାରୀ ବିଭାଗ ଦ୍ୱାରା ବିଭିନ୍ନ ସ୍ଥାନରେ ଚଢ଼ାଉ କରି ବହୁଳ ପରିମାଣର ଦେଶୀ ମଦ ଓ ପୋଚ ଜବତ କରିବାସହ ଏହାକୁ ନଷ୍ଟ କରିଥିବା ବେଳେ ସରଞ୍ଜାମ ଗୁଡିକୁ ମଧ ନଷ୍ଟ କରି ଦେଇଛି । ମାତ୍ର ଚୋରା ମଦ ପ୍ରସ୍ତୁତକାରୀ କୌଶଳ କ୍ରମେ ଖସିଯାଇଥିବା ଜଣାଯାଇଛି । ଘଟଣାରୁ ପ୍ରକାଶ ଜିଲା ଅବକାରୀ ଅଧିକ୍ଷକ ପ୍ରଶାନ୍ତ କୁମାର କହଁର ଙ୍କ ନିର୍ଦ୍ଦେଶ କ୍ରମେ ବେତନଟୀ ଅବକାରୀ ଅଧିକାରୀ ପ୍ରଦୀପ କୁମାର ବେହେରାଙ୍କ ସମେତ ସଞ୍ଜୟ କୁମାର କାଣ୍ଡି,ଉଦଳା ଅଧିକାରୀ ସୂର୍ଯ୍ୟକାନ୍ତ ମଲ୍ଲିକ, ଖୁଣ୍ଟା ଅଧିକାରୀ କୃଷ୍ଣଚନ୍ଦ୍ର ସେଠୀ ପ୍ରମୁଖ ସଦଳବଳେ ଏହି ଚଢ଼ାଉ କରି ଅସ୍ତଝରଣରୁ ୫୩ଶହ କେଜି ପୋଚ ଓ ୪୬୫ଲିଟର ଦେଶି ରନ୍ଧା ମଦ ଓ କାମଳଶୋଳ ରୁ ୪୬ ଶହ କେଜି ପୋଚ ଓ ୪୨୦ ଲିଟର ଦେଶି ରନ୍ଧା ମଦ ଜବତ କରି ନଷ୍ଟ କରିଦେଇଥିଲେ । ପୋଚ କୁ ମାଟି ତଳୁ ଉଦ୍ଧାର କରି ନଷ୍ଟ କରିଥିଲେ ।

# ଦୃଷ୍ଟିବାଧିତ ମହିଳା କ୍ରିକେଟ ଟି-୨୦ ବିଶ୍ୱକପ୍: ବିଜୟୀ ଖେଳାଳିଙ୍କୁ ଜିଲ୍ଲା ପ୍ରଶାସନ ତରଫରୁ ସମ୍ବର୍ଦ୍ଧନା



ବାରିପଦା, ୦୬/୧୨ (ନି.ପ୍ର): ନିକଟରେ ଶ୍ରୀଲଙ୍କାର କଲମ୍ବୋଠାରେ ଅନୁଷ୍ଠିତ ଦୃଷ୍ଟିବାଧିତ ମହିଳା କ୍ରିକେଟ ଟି-୨୦ ବିଶ୍ୱକପ୍ ଫାଇନାଲରେ ଭାରତୀୟ ଟିମ୍ ନେପାଳକୁ ହରାଇ ବିଶ୍ୱବିଜୟୀ ହୋଇଛି । ବିଜେତା ଦଳରେ ମୟୁରଭଞ୍ଜ ମାଟିର ତିନି ସୁକନ୍ୟା ଯମୁନାରାଣୀ ଟୁଡୁ, ବାସନ୍ତୀ ହାଁସଦା ଓ ପାର୍ବତୀ ମାର୍ଣ୍ଡି ପ୍ରତିନିଧିତ୍ୱ କରିଥିଲେ । ଆଜି ନିଜ ଜନ୍ମମାଟିକୁ ଫେରିବା ଅବସରରେ ଜିଲ୍ଲା କ୍ରୀଡ଼ା ଅଧିକାରୀ ଶୁଭାଶିଷ ନାୟକ ସେମାନଙ୍କୁ ପୋଡାଅସ୍ତିଆସ୍ଥିତ ବୀର୍ସାମୁଣ୍ଡା ଛକ ନିକଟରେ ପୁଷ୍ପଗୁଚ୍ଛ ଦେଇ ସ୍ୱାଗତ କରିଥିଲେ । ଏହାସହ ସେମାନଙ୍କୁ ପୁଷ୍ପ ସଜ୍ଜିତ ଖୋଲା ଜିପ୍ ରେ ସହର ପରିକ୍ରମା କରି ଜିଲ୍ଲାପାଳଙ୍କ ସମ୍ମିଳନୀ କକ୍ଷକୁ ପାଛୋଟି ନେଇଥିଲେ । ଜିଲ୍ଲା ପ୍ରଶାସନ ତରଫରୁ ବିଜୟୀ ଦଳର ଖେଳାଳୀ ମାନଙ୍କୁ ସମ୍ମାନୀତ କରିବାକୁ ସମ୍ମିଳନୀ କକ୍ଷ ଠାରେ ଏକ ଭବ୍ୟ ସମ୍ବର୍ଦ୍ଧନା ଉତ୍ସବ ଆୟୋଜିତ ହୋଇଥିଲା । ଏଥିରେ ମୟୂରଭଞ୍ଜ ଜିଲ୍ଲାପାଳ ଶ୍ରୀ ହେମକାନ୍ତ ସୟ, ଜିଲ୍ଲା ଆରକ୍ଷୀ ଅଧିକ୍ଷକ ବରୁଣ ଗୁଣ୍ଟୁପାଲ୍ଲୀ, ଅତିରିକ୍ତ ଜିଲ୍ଲାପାଳ ଶ୍ରୀ ଦୁଖବନ୍ଧୁ ନାୟକ ଉପସ୍ଥିତ ରହି ତିନି ଖେଳାଳିଙ୍କୁ ସମ୍ବର୍ଦ୍ଧିତ କରିଥିଲେ । ନିଜର କଠିନ ସାଧନ ଓ ଅଭ୍ୟାସ ବଳରେ ଭାରତୀୟ ଦଳକୁ ପ୍ରତିନିଧିତ୍ୱ କରି ବିଜୟ ଅଣିଥିବାରୁ ଜିଲ୍ଲାପାଳ ଶ୍ରୀ ସୟ ସେମାନଙ୍କୁ ଉଚ୍ଚ ପ୍ରଶଂସା କରି ଆମ ଜିଲ୍ଲା ପାଇଁ ଗର୍ବ ଓ ଗୌରବର ବିଷୟ ବୋଲି କହିଥିଲେ । ଏହାସହ ଜିଲ୍ଲା ପ୍ରଶାସନ ତରଫରୁ ସେମାନଙ୍କ ଖେଳର ବିକାଶ ନିମନ୍ତେ ଆନୁଷଙ୍ଗିକ ସୁବିଧା ସୁଯୋଗ ଯୋଗାଇ ଦେବାର ପ୍ରତିଶୃତି ଦେଇଥିଲେ । ଏହି ଅବସରରେ ତିନି ଖେଳାଳି ସେମାନଙ୍କ ଅନୁଭୂତି ସମ୍ପର୍କରେ ବଖାଣିଥିଲେ । ସୂଚନା ଥାଉକି ଦ୍ରୁତ ବୋଲର ଭାବେ ଯମୁନାରାଣୀ ଟୁଡୁ , ଅଲ୍ ରାଉଣ୍ଡର ଭାବେ ବାସନ୍ତୀ ହାଁସଦା, ଓ୍ୱିକେଟ କିପର ଭାବେ ପାର୍ବତୀ ମାରାଣ୍ଡି ଭାରତୀୟ ଦଳଙ୍କୁ ପ୍ରତିନିଧିତ୍ୱ କରିଥିଲେ । ଅନୁଷ୍ଠିତ ଉକ୍ତ ସଭାରେ ଜିଲ୍ଲା ସାମାଜିକ ସୁରକ୍ଷା ଅଧିକାରୀ ରଣଜିତ୍ ସୋରେନ୍, ଜିଲ୍ଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ, ବାରିପଦା ଉପଖଣ୍ଡ ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ,ଖୁଣ୍ଟା ବ୍ଲକର ଜନ ପ୍ରତିନିଧିଗଣ ଓ ଖେଳାଳିଙ୍କ ପରିବାର ଏବଂ ବନ୍ଧୁ ପରିଜନ ଓ ବିଭିନ୍ନ ଗଣମାଧ୍ୟମର ପ୍ରତିନିଧି ମାନେ ଉପସ୍ଥିତ ଥିଲେ ।

# ପଶ୍ଚିମବଙ୍ଗକୁ ଗୋଚାଲାଣ ବେଳେ କଣ୍ଟେନର ସମେତ ୪୬ ଗୋରୁ ଜବତ

ନୀଳଗିରି , ୦୬/୧୨ (ନି.ପ୍ର): ଭଦ୍ରକରୁ ୪୬ଟି ଗୋରୁଙ୍କୁ କଣ୍ଟେନରରେ ନେଇ ପଶ୍ଚିମବଙ୍ଗକୁ ଚାଲାଣ ହେଉଥିବା ବେଳେ ନୀଳଗିରି ପୋଲିସ ଔପଦା ବ୍ଲକ୍ ବାରହାକୋଇଲି ଛକ ନିକଟରେ କଣ୍ଟେନରକୁ ଜବତ କରିବାସହିତ ଗୋରୁଗୁଡ଼ିକୁ ନିଜ ହେପାଜତକୁ ନେଇଛି। ସୂଚନା ମୁତାବକ ଗତ ଶନିବାର ରାତ୍ରିରେ ଭଦ୍ରକରୁ ଏକ କଣ୍ଟେନରରେ ୪୬ଟି ଗୋରୁବୋଝେଇ କରି ପଶ୍ଚିମବଙ୍ଗକୁ ଚାଲାଣ ହେଉଥିବାବେଳେ ୧୬ନମ୍ବର ଜାତୀୟ ରାଜପଥର ଶେରଗଡ଼ ଟୋଲଗେଟ ଫାଙ୍କିବାପାଇଁ ବଉଳଗଡିଆ ପଞ୍ଚଲିଙ୍ଗେଶ୍ୱର ନୀଳଗିରି (ପି.ଡବ୍ଲ୍ୟୁ.ଡି) ରାସ୍ତାଦେଇ ଚାଲାଣ ହେଉଥିଲା ।କୌଣସି ସୂତ୍ରରୁ ନୀଳଗିରି ପୋଲିସ ଖବରପାଇ ଆଇଆଇସି ଗୋବର୍ଦ୍ଧନ ନାୟକଙ୍କ ନିର୍ଦ୍ଦେଶରେ ଇଶ୍ୱରପୁର ଛକଠାରେ ଇଶ୍ୱରପୁର



ଫାଣ୍ଡିଅଧିକାରୀ ବିକାଶ ଭୋଇ ଓ ବରେନ୍ଦ୍ରନାଥ ସିଂଙ୍କ ସମେତ କିଛି ଗୋ-ସେବକ ଜଗିରହି ଆର.ଜେ.୧୪ଜି.ଜେ ୬୭୩୦ କଣ୍ଟେନର ଗାଡିଟିକୁ ଜବତକରି ନୀଳଗିରି ଥାନାକୁ ଆଣିବା ସହ ୩ଜଣ ଅଭିଯୁକ୍ତଙ୍କୁ ଗିରଫ କରିଛି। ଗିରଫ ତିନିଜଣ ଅଭିଯୁକ୍ତ ହେଉଛନ୍ତି ଉତ୍ତର ପ୍ରଦେଶ ରାଜ୍ୟ ମୁଜାଫରନଗରର ସଚିନ ବଳିଆନ(୩୩),ପଶ୍ଚିମବଙ୍ଗ ରାଜ୍ୟ ହାଓ୍ୱଡା ଜିଲ୍ଲାର ହପି ଜୁଲ(୨୦) ଓ ସେକ ଇକବାଲ(୨୬) ପ୍ରମୁଖଙ୍କୁ ଗିରଫ କରାଯାଇଛି। କଣ୍ଟେନର ଆଗରେ ଚାଲିଥିବା ପାଇଲଟ ବୋଲେରୋ ଗାଡିଟି ଘଟଣାସ୍ଥଳରୁ ଫେରାର ହେବାରେ ସଫଳ ହୋଇଥିଲା। ପୋଲିସ ଆଖିରେ ଧୂଳି ଦେବାପାଇଁ ଏହି କଣ୍ଟେନର ଗାଡିଟି ଗୋଟିଏ ଡାକପାର୍ସଲ ଗାଡିର ବ୍ରାଣ୍ଡିଂ ହୋଇଥିବାର ଦେଖିବାକୁ ମିଳିଛି। ପରେ ନୀଳଗିରି ଥାନା ପକ୍ଷରୁ ୫୧୩/୨୫ ଏକ ମାମଲା ରୁଜୁକରି ଗୋରୁବୋଝେଇ କଣ୍ଟେନରକୁ ସ୍ଥାନୀୟ ବାମପଦା ଗୋଶାଳାକୁ ପଠାଯାଥିବା ବେଳେ ୪୬ ଗୋରୁମଧ୍ୟରୁ ଗୋଟିଏ ଗୋରୁ ମରିଯାଇଥିବାର ସୁଚନା ମିଳିଛି ।

# ଜ୍ଞାନ ଆହରଣ ପାଇଁ ଶହେ ଜଣିଆ କିଶୋରୀ ଦଳଙ୍କ ଆନ୍ତଃଜିଲ୍ଲା ପରିଦର୍ଶନ ସମ୍ପନ୍ନ




ବାରିପଦା, ୦୬/୧୨ (ନି.ପ୍ର): ମହିଳା ଓ ଶିଶୁ ବିକାଶ ବିଭାଗର ଆଦବିକା ଯୋଜନାରେ ଜ୍ଞାନ ଆରହଣ ପରିଭ୍ରମଣରେ ମୟୂରଭଞ୍ଜର ୧୦୦ କିଶୋରୀ ବାଳିକା ଖୋର୍ଦ୍ଧା ଜିଲ୍ଲାକୁ ଯାଇ ଆଜି ଜିଲ୍ଲାକୁ ପ୍ରତ୍ୟାବର୍ତ୍ତନ କରିଛନ୍ତି । ପରିଭ୍ରମଣ ସମୟରେ ଖୋର୍ଦ୍ଧାସ୍ଥିତ ଓ୍ୱାର୍ଲଡ ସ୍କିଲ ସେଣ୍ଟର ଓ ସରକାରୀ ଆଇଟିଆଇ ଅନୁଷ୍ଠାନ ପରିଦର୍ଶନ କରି ଅନୁଷ୍ଠାନର ପ୍ରଶିକ୍ଷକ ମାନଙ୍କ ପାଖରୁ ବୈଷୟିକ କୌଶଳ ତାଲିମ ଓ ଆତ୍ମ ରୋଜଗାରକ୍ଷମ ସମ୍ପର୍କରେ ପଚାରି ବୁଝିଥିଲେ । ସେହିପରି କଳିଙ୍ଗ ଷ୍ଟାଡ଼ିୟମଠାରେ ଉନ୍ନତମାନର ଆନ୍ତର୍ଜାତିକ ଖେଳ ପ୍ରଦର୍ଶନ ନିମନ୍ତେ ଥିବା ସୁବିଧା ସୁଯୋଗ ଓ ପ୍ରଶିକ୍ଷଣ କୌଶଳ ମଧ ବୁଲି ଦେଖିଛନ୍ତି । ଉକ୍ତ ପରିଦର୍ଶନ ଟିମରେ ଜିଲ୍ଲା ସମାଜ ମଙ୍ଗଳ ଅଧିକାରୀଣୀ ଶ୍ରୀମତି ନିହାରିକା ମହାନ୍ତି, ଜିଲ୍ଲା ସୁରକ୍ଷା ତଥା କାର୍ଯ୍ୟକ୍ରମ ଅଧିକାରୀଣୀ ଶ୍ରୀମତୀ ସସ୍ମିତା ମହାନ୍ତି ଓ ଜିଲ୍ଲା ମହିଳା ସଶକ୍ତିକରଣ କେନ୍ଦ୍ରର ଅନ୍ୟ କାର୍ଯ୍ୟକର୍ତ୍ତା ସାମିଲ ହୋଇ ପିଲାମାନଙ୍କ ଉତ୍ସାହ ବୃଦ୍ଧି କରିଥିଲେ ।

❒ ସଂପାଦିକା : ସୈରିନ୍ଧ୍ରୀ ସାହୁ
❒ ପରିଚାଳକ ତଥା କାର୍ଯ୍ୟନିର୍ବାହୀ ସମ୍ପାଦକ: ସୃଷ୍ଟିଧର ପରିଡ଼ା

Printed, Published & owned by Sairindhree Sahoo and Printed & Published at Sagarika press, Jail Road, Balasore-756001, Phone No- (06782) 263704

❒ Editor: Sairindhree Sahoo
❒ Managing & Executive Editor : Srustidhar Parida